
# ସକାଳ
## THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-136 ◆WEDNESDAY ◆12 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୩୬ ◆ବୁଧବାର ◆୧୨ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

**୨୦୨୬ ଫିଫା ବିଶ୍ୱକପ୍ ପରେ ଅବସର ନେବେ ରୋନାଲ୍ଡୋ**

▶ପୃଷ୍ଠା ୧୨ ଦେଖନ୍ତୁ...

# ପୁଣ୍ୟ ସ୍ମୃତିରେ...



## ଓଡ଼ିଶାର ମସଲା ସମ୍ରାଟ
# ଡ଼. ଶରତ କୁମାର ସାହୁ
## ପ୍ରତିଷ୍ଠାତା, ରୁଚି ଫୁଡ୍‌ଲାଇନ୍
### ୧୪.୦୬.୧୯୫୦ - ୦୨.୧୧.୨୦୨୫

ଆପଣଙ୍କ ମହତ କାର୍ଯ୍ୟ ପାଇଁ ଆପଣ ସଦା ସ୍ମରଣୀୟ ହୋଇ ରହିବେ ।
ଆପଣଙ୍କ ଦୂରଦୃଷ୍ଟି, ଏକନିଷ୍ଠ ଉଦ୍ୟମ, ଧୈର୍ଯ୍ୟ ଏବଂ ଶ୍ରଦ୍ଧାଶୀଳ ବ୍ୟବହାର
ରୁଚି ପରିବାର ପାଇଁ ପ୍ରେରଣା ଓ ମାର୍ଗଦର୍ଶନ ହୋଇ ରହିବ ।


RUCHI FOODLINE Since 1976 | CELEBRATING 50 YEARS
50 Saal Aapke Sehat Ke Saath ...
FROZIT® "Time Ki Bachat, Eat Fresh Fatafat"
FarmB® Family of Master Artisans
RUCHI Tea Dum Hardam
RUCHI PRATIVA FOUNDATION ESTD. - 1976 CUTTACK
RAYS FOUNDATION

## ପାକିସ୍ତାନ କୋର୍ଟରେ ଆତ୍ମଘାତୀ ଆକ୍ରମଣ: ୧୨ ମୃତ

ଇସଲାମାବାଦ୍, ୧୧।୧୧(ଏଜେନ୍ସି): ପାକିସ୍ତାନ ରାଜଧାନୀ ଇସ୍‌ଲାମବାଦ୍‌ର ଡିଷ୍ଟ୍ରିକ୍ଟ କୋର୍ଟ ନିକଟରେ ମଙ୍ଗଳବାର ଅପରାହ୍ଣ ୧ଟାରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ୧୨ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୨୭ ଜଣ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ଗଣମାଧ୍ୟମଗୁଡିକର ରିପୋର୍ଟରୁ ଜଣାପଡ଼ିଛି। ମୃତକ ଓ ଆହତଙ୍କ ମଧ୍ୟରେ ଅଧିକାଂଶ ଓକିଲମାନେ ରହିଛି ବୋଲି କୁହାଯାଇଛି। ବିସ୍ଫୋରଣର ଶବ୍ଦ ଏତେ ତୀବ୍ରଥିଲା ଯେ ଏହା ୬ କିମି ଦୂରରେ ଥିବା ପୁଲିସ ଲାଇନ ହେଡକ୍ୱାର୍ଟର ପର୍ଯ୍ୟନ୍ତ ଏହା ଶୁଣିବାକୁ ମିଳିଥିଲା। ଫଳରେ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ସୂଚନା ପାଇବା ମାତ୍ରେ ଉଦ୍ଧାରକାରୀ ଦଳ ଓ ସୁରକ୍ଷାବଳ ଘଟଣାସ୍ଥଳରେ ପହଞ୍ଚି ପୂରା ଅଞ୍ଚଳକୁ ଘେରାଉ କରି ଯାଞ୍ଚ ଆରମ୍ଭ କରିଛନ୍ତି। କୋର୍ଟର ପାର୍କି ଅଞ୍ଚଳରେ ଥିବା ଗାଡ଼ିଗୁଡିକରେ ହିଁ ବିସ୍ଫୋରଣ ହୋଇଥିଲା ବୋଲି ପୁଲିସ ଅଧିକାରୀମାନେ କହିଛନ୍ତି। ବିସ୍ଫୋରଣରେ ଏକାଧିକ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣକାରୀର ମୁଣ୍ଡ ଘଟଣାସ୍ଥଳରୁ ହିଁ ମିଳିଛି ବୋଲି ଅଧିକାରୀମାନେ କହିଛନ୍ତି। ଫଳରେ ଏହାଏକ ଆତ୍ମଘାତୀ ଆକ୍ରମଣ ଥିଲା ବୋଲି ଅଧିକାରୀମାନେ କହିଛନ୍ତି। ବିସ୍ଫୋରଣର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ବିସ୍ଫୋରଣ ପାଇ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଆଫଗାନିସ୍ତାନକୁ ଦାୟୀ କରିଛନ୍ତି। ଅବଶ୍ୟ ଏହି ବିସ୍ଫୋରଣ ପାଇଁ କୌଣସି ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ତେବେ ପ୍ରଧାନମନ୍ତ୍ରୀ ସରିଫ ଏଥିପାଇଁ ଭାରତକୁ ଦାୟୀ କରିଛନ୍ତି।

## ନିଠାରୀ ହତ୍ୟା ମାମଲା: ୧୮ ବର୍ଷ ପରେ ମୁକ୍ତ ହେବ ସୁରେନ୍ଦ୍ର କୋଲି

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ବହୁଚର୍ଚ୍ଚିତ ନିଠାରୀ ହତ୍ୟାକାଣ୍ଡ ମାମଲାରେ ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର କୋଲି ଖୁବ୍‌ଶୀଘ୍ର ଜେଲରୁ ମୁକ୍ତି ପାଇବ। ସୁପ୍ରିମକୋର୍ଟ ମଙ୍ଗଳବାର ଏହି ହତ୍ୟାକାଣ୍ଡ ସହିତ ଜଡିତ ଅନ୍ତିମ ମାମଲାରେ କୋଲିର ଦଣ୍ଡକୁ ରଦ୍ଦ କରିଛନ୍ତି। ଏଥିସହ ତାକୁ ତୁରନ୍ତ ଖଲାସ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ବିଆର ଗବାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ବିକ୍ରମ ନାଥଙ୍କ ଖଣ୍ଡପୀଠ କୋଲିଙ୍କ ତରଫରୁ ଦାଏର କରାଯାଇଥିବା କ୍ୟୁରେଟିଭ ଆବେଦନକୁ ମଞ୍ଜୁରୀ ଦେଇଛନ୍ତି। ନିଜକୁ ଦୋଷୀ ସାବ୍ୟସ୍ତ କରାଯିବା ବିରୋଧରେ ସେ ଏହି ଆବେଦନ କରିଥିଲେ। ୨୦୧୧ ଫେବୃଆରୀରେ ଏକ ୧୫ ବର୍ଷୀୟା ଝିଅର ହତ୍ୟା ମାମଲାରେ କୋଲିକୁ ଦୋଷୀ ସାବ୍ୟସ୍ତ କରାଯିବାର ରାୟକୁ ସୁପ୍ରିମକୋର୍ଟ ବଜାୟ ରଖିଥିଲେ। ସେହିପରି ୨୦୧୪ ଅକ୍ଟୋବର ୨୮ରେ କୋଲିରଙ୍କ ପୁନର୍ବିଚାର ଆଦେଶକୁ ଖାରଜ କରାଯାଇଥିଲା। ଏହି ଦୁଇଟି ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ମଙ୍ଗଳବାର ରଦ୍ଦ କରିଛନ୍ତି। ଏଥିସହ କୋଲିଙ୍କୁ ମୁକ୍ତି କରିବାକୁ ଆଦେଶ ମଧ୍ୟ ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୦୬ ଡିସେମ୍ବରରେ ଏହି ହତ୍ୟାକାଣ୍ଡ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ନୋଏଡାର ନିଠାରୀ ଗାଁରେ ମନିନ୍ଦର ସିଂ ପନ୍ଧେରଙ୍କ ଘର ବାହାରେ ଏକ ନାଳରୁ ଏକାଧିକ ଛୋଟପିଲା ଓ ଯୁବତୀଙ୍କ କଙ୍କାଳ ଜବତ ହୋଇଥିଲା। ମନିନ୍ଦର ହିଁ ଏହି ଘରର ମାଲିକ ଥିଲା ବୋଲି ଯାଞ୍ଚରୁ ଜଣାପଡ଼ିଥିଲା।

## ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଗୁଜବକୁ ପରିବାର ସଦସ୍ୟଙ୍କ ନିନ୍ଦା

ମୁମ୍ବଇ, ୧୧।୧୧(ଏଜେନ୍ସି): ବଲିଉଡ୍ ବର୍ଷୀୟାନ ଅଭିନେତା ତଥା ହିମ୍ୟାନ ଧର୍ମେନ୍ଦ୍ରଙ୍କ ପରଲୋକ ନେଇ ପ୍ରକାଶିତ ଖବର ମିଥ୍ୟା ସାବ୍ୟସ୍ତ ହୋଇଛି। ମଙ୍ଗଳବାର ସକାଳେ ଗଣମାଧ୍ୟମଗୁଡିକରେ ତାଙ୍କର ପରଲୋକ ହୋଇଛି ବୋଲି ଖବର ପ୍ରକାଶିତ ହୋଇଥିଲା। ଏହି ଗୁଜବକୁ ଧର୍ମେନ୍ଦ୍ରଙ୍କ ପରିବାର ଲୋକେ ନାପସନ୍ଦ କରିଛନ୍ତି। ୮୯ ବର୍ଷୀୟ ଧର୍ମେନ୍ଦ୍ରଙ୍କ ଝିଅ ତଥା ଅଭିନେତ୍ରୀ ଈଶା ଦେଓଲ ସାମ୍ନାକୁ ଆସି ଏ ନେଇ ସ୍ଥିତ ସ୍ପଷ୍ଟ କରିଛନ୍ତି। 'ଗଣମାଧ୍ୟମ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଖବର ପ୍ରସାରଣ କରୁଛି। ପିତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ଓ ଏଥିରେ ଧିରେ ଧିରେ ସୁଧାର ହେଉଛି। ଆମ ପରିବାରର ଗୋପନୀୟତାଙ୍କୁ ସମ୍ମାନ ଦେବାକୁ ସମସ୍ତଙ୍କୁ ନିବେଦନ କରୁଛି। ପିତାଙ୍କ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି' ବୋଲି ଈଶା କହିଛନ୍ତି। ଧର୍ମେନ୍ଦ୍ରଙ୍କ ପତ୍ନୀ ହେମାମାଳିନୀ ମଧ୍ୟ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗଣମାଧ୍ୟମଗୁଡିକରେ ମିଥ୍ୟା ଖବର ପରିବେଷଣ କରାଯାଉଛି ଓ ଏହା କ୍ଷମାର ଯୋଗ୍ୟନୁହଁ ବୋଲି ସେ କହିଛନ୍ତି। ଦାୟିତ୍ୱସମ୍ପର୍ଣ୍ଣ ଚ୍ୟାନେଲଗୁଡିକ କିପର ଏଭଳି ଭିତ୍ତିହୀନ ତଥା ଅମୂଳକ ଖବର ପ୍ରଚାର କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

## ତୁର୍କୀ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ; ୨୦ ମୃତ

ଅଙ୍କାରା, ୧୧।୧୧ (ଏଜେନ୍ସି): ତୁର୍କୀ ବାୟୁସେନାର ସି-୧୩୦ ହର୍‌କ୍ୟୁଲସ ମିଲିଟାରୀ କାର୍ଗୋ ବିମାନ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଜର୍ଜିଆ-ଅଜରବୈଜାନ ସୀମାରେ ଖସିପଡ଼ିଛି। ଏଥିରେ ବିମାନର କ୍ରୁ ସଦସ୍ୟଙ୍କ ସମେତ ୨୦ ସୈନିକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ତେବେ ଏ ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଅଜରବୈଜାନ ଏବଂ ଜର୍ଜିଆ ଅଧିକାରୀଙ୍କ ସହ ମିଶି ତୁର୍କୀ ଉଦ୍ଧାରକାର୍ଯ୍ୟ ଚଳାଇଛି। ବିମାନ ଖସୁଥିବାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଜର୍ଜିଆ ଅଧିକାରୀଙ୍କ ଅନୁଯାୟୀ ଦେଶର ବାୟୁସୀମାରେ ପ୍ରବେଶ କରିବା ପରେ ରାଡାର ସହ ଏହି ବିମାନର ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଥିଲା। ପରେ କାଖୋତି କ୍ଷେତ୍ରର ସିଘନାଘି ଅଞ୍ଚଳରେ ଖସି ପଡ଼ିଥିଲା। ଚାରି ଇଞ୍ଜିନ ବିଶିଷ୍ଟ ଏହି ବିମାନକୁ ଆମେରିକାର ଲକ୍‌ହିଡ ମାର୍ଟିନ କମ୍ପାନୀ ନିର୍ମାଣ କରିଥିଲା।

# ଆରଡିଏକ୍ସଠାରୁ ବି ଭୟଙ୍କର ଥିଲା

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ଲାଲକିଲ୍ଲା ନିକଟରେ ସୋମବାର ହୋଇଥିବା ବିସ୍ଫୋରଣ ଆରଡିଏକ୍ସଠାରୁ ବି ଭୟଙ୍କର ଥିଲା। ଏଥିରେ ଆମୋନିୟମ ନାଇଟ୍ରେଟ ଫୁଏଲ ଅଏଲ (ଏଏନଏଫଓ) ଏବଂ ଡିଟୋନେଟର୍ସ ବ୍ୟବହାର କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଜଣାପଡ଼ିଛି। ଘଟଣାସ୍ଥଳରୁ ଆମୋନିୟମ ନାଇଟ୍ରେଟ (ଏଏନ) ମିଳିଛି। ଏହି ବିସ୍ଫୋରକ ଆଇଇଡିଠାରୁ ଭୟଙ୍କର ହୋଇଥିଲେ ବି ସହଜରେ ମିଳି ଯାଇଥାଏ। କମ୍ ଖର୍ଚ୍ଚରେ ଏହା ଅଧିକ କ୍ଷୟକ୍ଷତି ଘଟାଇ ଥାଏ। ଏଥିପାଇଁ ଆତଙ୍କବାଦୀ ମାନେ ଏହାକୁ ବ୍ୟବହାର କରୁଛନ୍ତି। ତେବେ ଫରେନସିକ ରିପୋର୍ଟ ଆସିବା ପରେ ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।

ଗତ ସପ୍ତାହରେ ପର୍ଦ୍ଦାଫାସ ହୋଇଥିବା ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲୋର ସଦସ୍ୟ ଡ. ମହମ୍ମଦ ଉମର ଏହି ଆତ୍ମଘାତୀ ବିସ୍ଫୋରଣ କରିଥିବା କୁହାଯାଉଛି। ସେ ନିଜ ଦୁଇ ସହଯୋଗୀଙ୍କ ସହ ମିଶି ଏହି ଯୋଜନା କରିଥିଲା। ଏଥିରେ ବ୍ୟବହୃତ ଏଏନଏଫଓ ଅଧିକ ଜ୍ୱଳନଶୀଳ ପଦାର୍ଥ। ବିଶେଷ କରି ଉଦ୍ୟୋଗିକ ବିସ୍ଫୋରଣ ଲାଗି ଏହାକୁ ବ୍ୟବହାର କରାଯାଇଥାଏ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିପୁଳ ବିସ୍ଫୋରକ ସହ ସହଯୋଗୀ ଡ. ମୁଜାମିଲ ସକିଲ ଗିରଫ ହେବା ପରେ ଡ. ଉମର ଭୟଭୀତ ହୋଇ ଯାଇଥିଲା। ପରେ ସେ ଦୁଇ ସହଯୋଗୀଙ୍କ ସହାୟତାରେ ଏକ କାର୍‌ରେ ଡେଟୋନିଟର ସହିତ ଅନ୍ୟ ବିସ୍ଫୋରକ ନେଇ ଲାଲକିଲ୍ଲା ନିକଟରେ ବିସ୍ଫୋରଣ କରିଥିଲା। ଏହି ବିସ୍ଫୋରକ କେଉଁଠୁ ଆସିଥିଲା ଏବଂ କିଏ ଆଣିଥିଲା ଏବେ ତାହାର ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ଏହି ଏଏନ ପ୍ରସ୍ତୁତ କରିବାକୁ ଆମୋନିଆ ଏବଂ ନାଇଟ୍ରିକ ଏସିଡର ରାସାୟନକି ପ୍ରତିକ୍ରିୟା କରାଯାଇଥାଏ। କିନ୍ତୁ ଏଏନ ବିସ୍ଫୋରକ ହୋଇ ନଥାଏ। ଡିଜେଲ କିମ୍ବା ଅନ୍ୟ କୌଣସି ଇନ୍ଧନ ସହ ମିଶାଇ ଦେଲେ ଏହା ବିପଜ୍ଜନକ ବୋମା ପାଲଟି ଯାଇଥାଏ। ଏହି ବିସ୍ଫୋରଣର ବେଗ ଘଣ୍ଟାପ୍ରତି ୧୪ ହଜାର କିମି ରହିଥାଏ। ଏହା ଦ୍ୱାରା ଯେଉଁ ତରଙ୍ଗ ସୃଷ୍ଟି ହୋଇଥାଏ ତାହା ଶବ୍ଦଠାରୁ ୫ ଗୁଣ ଅଧିକ। ଅନ୍ୟପଟେ ଏହି ବିସ୍ଫୋରଣ ଭେଇକିଲ-ବର୍ଣ୍ଣ ଇମ୍‌ପ୍ରୋଭାଇଜ୍ଡ ଏକ୍ସପ୍ଲୋଜିଭ ଡିଭାଇସ (ଭିବିଆଇଡି) ଥିବା କୁହାଯାଉଛି। କାରଣ ପୂର୍ବରୁ ଆତଙ୍କବାଦୀ ଏହାର ବ୍ୟବହାର କରିଛନ୍ତି। ଏକ ଗାଡ଼ିରେ ବିସ୍ଫୋରକ ନେଇ ତାହାକୁ ଉଡ଼ାଇ ଦିଅନ୍ତି। ଏହି ପ୍ରକ୍ରିୟାକୁ ଠାବ କରିବା ଅତ୍ୟନ୍ତ କଷ୍ଟସାଧ ହୋଇଥାଏ। ଆତଙ୍କବାଦୀଙ୍କୁ ଚିହ୍ନଟ କରି ଜେରା କରିବା ମଧ୍ୟ କାଠିକର ହୋଇଥାଏ।



### ଦିଲ୍ଲୀ ନୁହେଁ; ଉତ୍ତର ପ୍ରଦେଶରେ ହେବାର ଥିଲା ବିସ୍ଫୋରଣ

ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ଯେଉଁ ବିସ୍ଫୋରଣ ହୋଇଥିଲା ତାହାକୁ ୪୬୦ କିମି ଦୂର ଉତ୍ତର ପ୍ରଦେଶ (ୟୁପି) ରେ କରାଇବାକୁ ଯୋଜନା କରାଯାଇଥିଲା। ଜମ୍ମୁ-କଶ୍ମୀର ପୁଲିସ ଏବଂ ଗୁଜରାଟ ଏଟିଏସ ପକ୍ଷରୁ ଦିଆଯାଇଥିବା ଏହି ସୂଚନା ୟୁପି ସୁରକ୍ଷା ଏଜେନ୍ସି ଗୁଡିକର ହୋସ୍ ଉଡ଼ାଇ ଦେଇଛି। ୟୁପିର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ ଏହି ସୂଚନା ମିଳିବା ପରେ ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି। ଆତଙ୍କବାଦୀଙ୍କ ନିଶାଣରେ ଲକ୍ଷ୍ନୌ, କାଶୀ, ମଥୁରା, ଅଯୋଧ୍ୟା ଭଳି ବଡ଼ ସହର ଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ କିଛି ଦିନ ହେଲା ୟୁପିରେ ଦୁଇଟି ଅଲଗା ଅଲଗା ଆତଙ୍କବାଦୀ ମଡ୍ୟୁଲୋ ସାମ୍ନାକୁ ଆସିଥିଲା। ଗୋଟିଏକୁ ଗୁଜରାଟ ପୁଲିସ ଏବଂ ଅନ୍ୟଟିକୁ ଜମ୍ମୁ-କଶ୍ମୀର ପୁଲିସ ବିଫଳ କରିଦେଇଛି। ଏଥିପାଇଁ ଆତଙ୍କବାଦୀ ଅନ୍ୟ ଯୋଜନା କରୁଛନ୍ତି।

## ଫରିଦାବାଦରୁ ବାହାରିଲା, ଲାଲକିଲ୍ଲାରେ ଅଟକିଲା

ନୂଆଦିଲ୍ଲୀ: ଦିଲ୍ଲୀ ବିସ୍ଫୋରଣରେ ବ୍ୟବହୃତ କାର୍‌ର ସିସିଟିଭି ଫୁଟେଜ ସାମ୍‌ନାକୁ ଆସିଛି। କଳା ରଙ୍ଗର ମାସ୍କ ପିନ୍ଧିଥିବା ଜଣେ ଯୁବକ ପାର୍କିଂରୁ କାର୍ ଧରି ବାହାରୁ ଥିବା ଦେଖାଯାଉଛି। ସୂଚନା ଅନୁଯାୟୀ କାର୍‌ରେ ବସିଥିବା ସନ୍ଦିଗ୍ଧ ବ୍ୟକ୍ତିର ମୁହଁ ଡ. ମହମ୍ମଦ ଉମର ନବି ସହ ମେଳ ଖାଉଛି। ସେ ପୁଲୱାମାର ବାସିନ୍ଦା। ସେ ଫରିଦାବାଦର ଅଲ ଫଲାହ ୟୁନିଭର୍ସିଟିରେ ପ୍ରାଧ୍ୟାପକ ଥିଲା। ସେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଶାଖା ସହ ଜଡ଼ିତ ଥିବା ଅଭିଯୋଗ ହୋଇଛି। ସେ ହରିୟାଣାର ଫରିଦାବାଦ ଆତଙ୍କୀ ମଡ୍ୟୁଲୋରେ ସାମିଲ ଥିବା ସୁରକ୍ଷା ବାହିନୀ ଗୁଡ଼ିକ ସନ୍ଦେହ କରୁଛନ୍ତି। ଦିଲ୍ଲୀରେ ବିସ୍ଫୋରଣ ହେବାର କିଛି ଘଣ୍ଟା ପୂର୍ବରୁ ଜମ୍ମୁ-କଶ୍ମୀର ପୁଲିସ ଫରିଦାବାଦରୁ ଏକ ଆତଙ୍କବାଦୀ ମଡ୍ୟୁଲୋରେ ସାମିଲ ୩ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨୯୦୦ କେଜି ବିସ୍ଫୋରକ, ଏକ ଆସଲ୍ଟ ଏବଂ ଏକେ-୪୭ ରାଇଫଲ ଜବତ କରାଯାଇଥିଲା। ଜୈସ ସହ ସଂଶ୍ଳିଷ୍ଟ ଥିବା ୪ ଡାକ୍ତରଙ୍କୁ ପୁଲିସ ଖୋଜୁଥିଲା। ଏଥିରେ ଡ.ଉମର ମଧ୍ୟ ସାମିଲ ଥିଲା। ଏହି ତିନି ଜଣ ଡାକ୍ତର ଗିରଫ ହେବା ପରେ ଉମର ଦିଲ୍ଲୀରେ ଆତ୍ମଘାତୀ ଆକ୍ରମଣ କରିଥିଲା ବୋଲି କୁହାଯାଉଛି।

ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିସ୍ଫୋରଣ ପୂର୍ବରୁ ଆଇ-୨୦ କାର୍ ଏକ ପାର୍କିଂ ନିକଟରେ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଛିଡ଼ା ହୋଇଥିଲା। ଏହି କାର୍‌ରେ ଆତଙ୍କବାଦୀ ଉମର ତିନି ଘଣ୍ଟା ପର୍ଯ୍ୟନ୍ତ ବସିଥିଲା। ସେ କିଛି ସେକେଣ୍ଡ ପାଇଁ ବି କାର୍‌ରୁ ବାହାରି ନ ଥିଲା। ଏଠାରେ ସେ କାହାକୁ ଅପେକ୍ଷା କରି ବସିଥିଲା କିମ୍ବା କାହାର ନିର୍ଦ୍ଦେଶକୁ ଚାହିଁ ରହିଥିଲା। ସନ୍ଧ୍ୟା ପ୍ରାୟ ୬ଟା ୫୨ରେ ଏହି କାର୍ ମନ୍ଥର ଗତିରେ ଆସି ଲାଲ୍‌କିଲ୍ଲା ନିକଟସ୍ଥ ମେଟ୍ରୋ ଷ୍ଟେସନର ଟ୍ରାଫିକ ସିଗ୍‌ନାଲ ନିକଟରେ ପହଞ୍ଚି ଥିଲା। ଏଠାରେ ବିସ୍ଫୋରଣ ହୋଇଥିଲା। ସେ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଉଥିବା କୁହାଯାଉଛି। କିନ୍ତୁ ବିସ୍ଫୋରଣ ସମୟରେ ସେ କାର୍‌ରେ ଥିଲା କି ନାହିଁ ତାହା ଜଣାପଡ଼ି ନାହିଁ। ଡିଏନ୍‌ଏ ଯାଞ୍ଚ ପାଇଁ ଉମରର ମାଆଙ୍କ ନମୁନା ସଂଗ୍ରହ କରାଯାଇଛି। ଅନ୍ୟପଟେ ବିସ୍ଫୋରଣର ଦୁଇ ସପ୍ତାହ ପୂର୍ବରୁ ଗତ ୨୯ ତାରିଖରେ ଏହି କାର୍‌ର ପ୍ରଦୂଷଣ ପରୀକ୍ଷା ହେଉଥିବାର ଭିଡିଓ ସାମନାକୁ ଆସିଛି। ଏହା ମଧ୍ୟରେ ଡ.ଉମର ନବିର ଭାଉଜ ମୁଜମିଲା କହିଛନ୍ତି ଯେ ପୁଲିସ ମୋ ସ୍ୱାମୀ, ଦିଅର ଏବଂ ଶାଶୁଙ୍କୁ ଉଠାଇ ନେଇଛି। ଉମର ଦିଲ୍ଲୀରେ ଥିବା କହିବାରୁ ଜେରା ପାଇଁ ସମସ୍ତଙ୍କୁ ନେଇ ଯାଇଥିଲେ। ଗତ ଶୁକ୍ରବାର ଶେଷ ଥର ପାଇଁ ଉମର ଘରଲୋକଙ୍କ ସହ କଥା ହୋଇଥିଲା। ତାର ନିର୍ବନ୍ଧ ହୋଇ ସାରିଥିଲା। ସେ ଗତ ଦୁଇ ମାସ ହେଲା ଘରକୁ ଆସି ନ ଥିଲା।



ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମ ଆପ୍ ଟେଲିଗ୍ରାମ ଉପରେ ପ୍ରଶ୍ନ ଉଠାଯାଉଛି। ଏହା ଆତଙ୍କବାଦୀ, ଅପରାଧି, ଯୌନ ଉତ୍ପୀଡ଼ନର ସୁରକ୍ଷିତ ପ୍ଲାଟଫର୍ମ ପାଲଟି ଥିବା ଅଭିଯୋଗ ହେଉଛି। କାରଣ ଏହାର ମେସେଜ ଆପେ ଆପେ ଡିଲିଟ ହୋଇଯାଉଛି।

## ୭ ଥର କିଣାବିକା ହୋଇଥିଲା କାର୍

ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ସୋମବାର ଲାଲ୍‌କିଲ୍ଲା ନିକଟରେ ହୋଇଥିବା କାର୍ ବିସ୍ଫୋରଣରେ ୧୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ଜଣ ଆହତ ହୋଇଛନ୍ତି। ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ସନ୍ଧ୍ୟା ୬.୫୨ ମିନିଟ୍‌ରେ ଏକ ହୁଣ୍ଡାଇ ଆଇ୨୦ କାର୍ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ବ୍ୟବହୃତ ହୋଇଥିବା ଏହି କାର୍ ୭ ଥର ବିକାକିଣା ହୋଇଥିଲା। ରୟାଲ କାର ଜୋନ୍‌ର ମାଲିକ ସୋନୁଙ୍କୁ ଏହି ମାମଲାରେ ଗିରଫ କରାଯାଇଛି। ହରିୟାଣା ପୁଲିସ ତାଙ୍କୁ ଦିଲ୍ଲୀ ପୁଲିସକୁ ହସ୍ତାନ୍ତର କରିଛି। ଶେଷଥର ପାଇଁ ସୋନୁ ହିଁ ଏହି କାର୍ ବିକ୍ରି କରିଥିଲେ। ୪ ଦିନ ତଳେ ଓଏଲ୍‌ଏକ୍ସ ଜରିଆରେ ସେ ଏହି କାର୍‌କୁ ବିକିଥିଲେ। କିନ୍ତୁ ଏହାପୂର୍ବରୁ ଏହି ହୁଣ୍ଡାଇ କାର ୬ ଥର କିଣାବିକା ହୋଇଥିଲା। ଏବେ ଏହି କାର୍‌ର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଏଥିରେ ୩ ଜଣ ଲୋକ ବସିଥିବାର ଦେଖାଯାଇଛି। ଏହି ଫୁଟେଜ ଦିଲ୍ଲୀ-ମୁମ୍ବଇ- ଭଦୋଦରା ଏକ୍ସପ୍ରେସୱେର ସର୍ଭିସ ଲାଇନ୍‌ରେ ଥିବା ପେଟ୍ରୋଲ ପମ୍ପ ନିକଟର ବୋଲି ଜଣାଯାଇଛି। କାର୍‌ରେ ଲମ୍ବା ଦାଢ଼ି ରଖିଥିବା ତାରିକ ନାମକ ବ୍ୟକ୍ତି ବସିଥିବାର ଦେଖାଯାଇଛି। ଅକ୍ଟୋବର ୨୯ରେ ସନ୍ଧ୍ୟା ୪ଟା ୨୦ରେ କାର୍‌ର ପଲ୍ୟୁସନ ସାର୍ଟିଫିକେଟ୍ ବାହାର କରାଯାଇଥିଲା। ଏହି କାର ଗୁରୁଗ୍ରାମ ଆରଟିଓରେ ମହମ୍ମଦ ସଲମାନ ନାମରେ ପଞ୍ଜିକୃତ ହୋଇଛି।

## ଭାଇ ଗିରଫ, ମାଆ ଅଟକ

ଶ୍ରୀନଗର, ୧୧।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ୨୦ ଘଣ୍ଟା ପରେ ମାମଲାର ତଦନ୍ତ ଦାୟିତ୍ୱ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ) ପାଖକୁ ଯାଇଛି। ଆଜି ବିସ୍ଫୋରଣରେ ବ୍ୟବହୃତ କାର୍‌ର ସିସିଟିଭି ଫୁଟେଜ ସାମ୍‌ନାକୁ ଆସିଛି। ମେଟ୍ରୋ ଷ୍ଟେସନ ପାର୍କିଂରୁ ବାହାରୁ ଥିବା ଏହି କାର୍‌ରେ କଳା ମାସ୍କ ପିନ୍ଧି ଜଣେ ବ୍ୟକ୍ତି ବସିଥିବା ଦେଖାଯାଉଛି। ପୁଲିସ ସୂଚନା ଅନୁଯାୟୀ, ଏହି ବ୍ୟକ୍ତିର ନାମ ଡ. ମହମ୍ମଦ ଉମର ନବି। ସେ ପୁଲୱାମାର ବାସିନ୍ଦା। ସେ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଇଥିବା କୁହାଯାଉଛି। ଡିଏନଏ ଟେଷ୍ଟ କରିବା ପାଇଁ ଜମ୍ମୁ-କଶ୍ମୀର ପୁଲିସ ପୁଲୱାମାରୁ ତାହାର ମାଆ ଏବଂ ଦୁଇ ଭାଇଙ୍କୁ ହେପାଜତକୁ ନେଇଛି। ନବିର ସାଙ୍ଗ ଡ. ସଜ୍ଜାଦକୁ ମଧ୍ୟ ଗିରଫ କରାଯାଇଛି। ଦିନେ ତଳେ ସେ ବିବାହ କରିଥିଲା। ଅନ୍ୟପକ୍ଷରେ ହରିୟାଣାର ଫରିଦାବାଦରୁ ଅନ୍ୟ ଜଣେ ମହିଳା ଡ. ସାହିନ ସାହିଦକୁ ଗିରଫ କରାଯାଇଛି। ସେ ଭାରତରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ମହିଳା ଶାଖା 'ଜମାତ-ଉଲ-ମୋମିନତ'ର ମୁଖ୍ୟ ଥିଲା। ପାକିସ୍ତାନରେ ଥିବା ଆତଙ୍କବାଦୀ ଅଜହର ମସୁଦର ଭଉଣୀ ଏହି ମହିଳା ଶାଖାର ମୁଖ୍ୟ ରହିଛି।

## ଆତଙ୍କବାଦୀର ପ୍ରେମିକା ଓ ଭାଇ ଘରେ ଚଢ଼ଉ

ଲକ୍ଷ୍ନୌ: ଦିଲ୍ଲୀ ବିସ୍ଫୋରଣକୁ ନେଇ ଉତ୍ତର ପ୍ରଦେଶ (ୟୁପି) ଏଟିଏସ ବଡ଼ଧରଣର ଅଭିଯାନ ଆରମ୍ଭ କରିଛି। ଏଟିଏସ ଟିମ୍ ସହିତ ଜମ୍ମୁ-କଶ୍ମୀର ପୁଲିସ ମଙ୍ଗଳବାର ଦ୍ୱିପହରେ ଡ. ସାହିନ ସାହିଦର ଘରେ ପହଞ୍ଚିଛି। ତାର ଘର ଲକ୍ଷ୍ନୌର ଲାଲବାଗ ଅଞ୍ଚଳ ସ୍ଥିତ ଖନ୍ଦାରୀ ବଜାରରେ ରହିଛି। ଏହି ଟିମ୍ ସମ୍ପୂର୍ଣ୍ଣ ଘରର ତଲାସୀ ନେଇଛି। ଆଖପାଖର ପଡୋଶୀଙ୍କୁ ମଧ୍ୟ ପଚରାଉଚୁରା କରାଯାଇଛି। ସାହିନକୁ ଫରିଦାବାଦରୁ ସୋମବାର ଗିରଫ କରାଯାଇଥିଲା। ସେ ଗିରଫ ଡ.ମୁଜମ୍ମିଲ ସକିଲର ପ୍ରେମିକା। ଜମ୍ମୁ-କଶ୍ମୀର ପୁଲିସ ତା କାର୍‌ରୁ ଏକେ-୪୭, ପିସ୍ତଲ ଏବଂ କ୍ୟାଟ୍ରିଜ ଜବତ କରିଥିଲା। ଏହା ପୂର୍ବରୁ ପୁଲିସ ଟିମ୍ ମଡିୟାଁଓ ଥାନା ଅଧିନସ୍ଥ ସାହିନର ଭାଇ ଡ.ପରଭେଜ ଅନ୍‌ସାରୀର ଘରେ ତିନି ଘଣ୍ଟା ପର୍ଯ୍ୟନ୍ତ ଚଢ଼ଉ କରିଥିଲା। ଫାଟକରେ ତାଲା ପଡ଼ିଥିବାରୁ ଏହାକ ଭାଙ୍ଗି ପୁଲିସ ତଲାସୀ ନେଇଥିଲା। ଏହି ଘରେ କହି ନ ଥିବା ଜଣା ପଡ଼ିଥିଲା। ପଡ଼ୋଶୀ କହିଥିଲେ ଯେ ବୃଦ୍ଧ ପିତା ସୈୟଦ ଅନ୍‌ସାରୀ ସହ ପରଭେଜ ଅନସାରୀ ଏହି ଘରେ ରହୁଛି। ସେ ଲୋକଙ୍କ ସହ ବେଶୀ ମିଳାମିଶା କରେନି। ସାହରନପୁରର ଡେରାଡୁନ ଛକରେ ପରଭେଜର କ୍ଲିନିକ ରହିଛି। ଏଠାରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଡିଜିଟାଲ ଡିଭାଇସ, କାର୍ ଏବଂ ବାଇକ ମିଳିଛି। ଏହି ମାମଲାର ଯାଞ୍ଚ ଜାରି ରହିଛି। ଘର ବାହାରେ ଥିବା କାର୍‌ରେ ଇଣ୍ଟିଗ୍ରାଲ ୟୁନିଭର୍ସିଟିର ପାସ୍ ଲାଗିଛି। ଏହି କାର୍‌କୁ ସହାରନପୁରରୁ କ୍ରୟ କରାଯାଇଥିଲା।

## ପ୍ରାଧ୍ୟାପିକା ସାହିନ ଥିଲା ଆତଙ୍କବାଦୀର ସହଯୋଗୀ



କାନପୁର: ଦିଲ୍ଲୀ ବିସ୍ଫୋରଣର ତଦନ୍ତରୁ ଭୟଙ୍କର ତଥ୍ୟ ସାମ୍‌ନାକୁ ଆସିଛି। ଏହି ମାମଲାର ଅଭିଯୁକ୍ତ ଡ.ମୁଜାମିଲ ସକିଲକୁ ଗିରଫ କରିବା ପରେ ତାର ସହଯୋଗୀ ତଥା ପ୍ରେମିକା ଡ. ସାହିନକୁ ଧରାଯାଇଛି। ସେ ପୂର୍ବରୁ କାନପୁରର ଗଣେଶ ଶଙ୍କର ବିଦ୍ୟାର୍ଥୀ ମେଡିକାଲ କଲେଜ (ଜିଏସଭିଏମ)ରେ କାର୍ଯ୍ୟରତ ଥିଲା। ସେ ୨୦୦୬ରେ ଜିଏସଭିଏମରେ ଫାର୍ମାକୋଲଜିଷ୍ଟ ଡିପାର୍ଟମେଣ୍ଟର ସହାୟକ ପ୍ରାଧ୍ୟାପିକା ଭାବେ ସାମିଲ ହୋଇଥିଲା। ସେ ଏଠାରେ ୨୦୧୩ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। ଏହା ପରେ ବିନା ସୂଚନାରେ କୁଆଡେ ଗାଏବ ହୋଇଯାଇଥିଲା। ସୂଚନାଅନୁଯାୟୀ ଡ. ସାହିନ ସୈୟଦ ପ୍ରୟାଗରାଜରୁ ଏମ୍‌ବିବିଏସ କରିଥିଲା। ତାର ସ୍ୱାମୀ ଡ.ଜାଫର ସୈୟଦ ଚକ୍ଷୁ ଡାକ୍ତର ଥିଲା।

ଜାଫରଠୁ ଛାଡ଼ପତ୍ର ନେବା ପରେ ସାହିନ ଆତଙ୍କବାଦୀ ଡ. ମୁଜାମ୍ମିଲର ପ୍ରେମିକା ପାଲଟି ଯାଇଥିଲା। ତେବେ ସାହିନକୁ ମୁଜାମିଲ କେଉଁଠି ଭେଟିଥିଲା, ଏହି ବିସ୍ଫୋରଣରେ ତାର କି ସମ୍ପର୍କ ରହିଛି ତାହା ସାମ୍‌ନାକୁ ଆସିନାହିଁ। ସାହିନ ଭାରତରେ ଆତଙ୍କବାଦୀ ସଂଗଠନ ଜୈସର ମହିଳା ଶାଖା ମୁଖ୍ୟ ଥିଲା। ସେ ଭାରତରେ ମହିଳାଙ୍କୁ ଆତଙ୍କବାଦରେ ସାମିଲ କରାଉ ଥିଲା। ଜୈସର ଜମାତ-ଉଲ-ମୋମନତ ସଂଗଠନ ସହ ସାହିନ ଜଡ଼ିତ ଥିଲା। କଲେଜ ସୂତ୍ରରୁ ଜଣାପଡ଼ିଛି ଯେ ଡ. ସାହିନ ସାହିଦ ୟୁପିପିଏସସିରୁ ଚୟନ ହୋଇ ପ୍ରାଧ୍ୟାପିକା ହୋଇଥିଲା। ୨୦୦୯ ରେ ୬ ମାସ ପାଇଁ ତାଙ୍କ ବଦଳି କନୌଜ ମେଡିକାଲ କଲେଜକୁ ହୋଇଥିଲା। ଏହା ପରେ ୨୦୧୦ରେ ପୁଣି ସେ କାନପୁର ଆସି ଯାଇଥିଲା। ତେବେ ୨୦୧୩ରେ ସେ କାହାକୁ ନ ଜଣାଇ ଗାଏବ ହୋଇ ଯାଇଥିଲା। ଅନେକ ନୋଟିସ ପଠାଇବା ପରେ ବି ସେ କୌଣସି ଜବାବ ଦେଇ ନ ଥିଲା। କଲେଜ ପକ୍ଷରୁ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ଶେଷରେ ୨୦୨୧ରେ କଲେଜ ତାକୁ ବରଖାସ୍ତ କରିଦେଇଥିଲା। ମେଡିକାଲ କଲେଜର ଡାକ୍ତରଙ୍କ ଅନୁଯାୟୀ ସାହିନର ବ୍ୟକ୍ତିଗତ ଜୀବନ ମଧ୍ୟ ବିବାଦରେ ଥିଲା। ସେ ୨୦୧୫ରେ ଜାଫର ଠାରୁ ଛାଡ଼ପତ୍ର ନେଇଥିଲା। ଏହା ପରେ ଲକ୍ଷ୍ନୌରେ ରହୁଥିଲା।

## ସନ୍ଦେହରେ ଆଉ ତିନି ଡାକ୍ତର

ଫରିଦାବାଦ୍, ୧୧।୧୧(ଏଜେନ୍ସି): ଫରିଦାବାଦ୍‌ରେ ୨୯୦୦ କେଜି ବିସ୍ଫୋରକ ମିଳିବା ପରେ ଅଲ-ଫଲାହ ବିଶ୍ୱବିଦ୍ୟାଳୟରେ ପୁଲିସ ଚଢ଼ଉ କରିଛି। ଯାଞ୍ଚ୍ ପାଇଁ ସେଠାରେ ଏନ୍‌ଆଇଏ ଟିମ୍ ପହଞ୍ଚିଛି। ଦେଢ଼ ଘଣ୍ଟା ରେଡ୍ କରିବା ପରେ ଟିମ୍ ସେଠାରୁ ଫେରିଆସିଛି। କିନ୍ତୁ ପୁଲିସ ଏବେ ମଧ୍ୟ ସେଠାରେ ରହିଛି। ପୁଲିସ ବିଶ୍ୱବିଦ୍ୟାଳୟର ଲାବୋରାଟୋରୀରେ କାର୍ଯ୍ୟ କରୁଥିବା ୩ ଜଣ ଲୋକଙ୍କୁ ପଚରାଉଚରା କରିବା ପାଇଁ ଗିରଫ କରିଛି। ତେବେ ଏହି ୩ ଜଣ ବିଶ୍ୱବିଦ୍ୟାଳୟ ଛାତ୍ର କିମ୍ବା କର୍ମଚାରୀ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଏହାପରେ ପୁଲିସ ଫରିଦାବାଦ୍‌ର ଫତେପୁର ତଗା ଗାଁରେ ଥିବା ମସଜିଦ୍‌ରେ ଯାଞ୍ଚ୍ କରୁଛି। ଫରିଦାବାଦ୍‌ରୁ ଗିରଫ ହୋଇଥିବା ଡାକ୍ତର ମୁଜାମିଲ୍ ସକିଲ୍ ତଗା ମସଜିଦକୁ ନମାଜ ପଢ଼ିବା ପାଇଁ ଯାଇଥାଏ। ସେଠାରେ ଥିବା ଅନ୍ୟ ଧାର୍ମିକ ଲୋକଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିଛି ଓ ୪ ଜଣଙ୍କୁ ପୁଲିସ ଗିରଫ କରିଛି। ଏମାନଙ୍କ ହ୍ୱାଟ୍ସଆପ୍ ଚାଟ ଡିଲିଟ୍ ହୋଇଥିବା ପୁଲିସ ଜାଣିବାକୁ ପାଇଛି। ଦିଲ୍ଲୀ ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ମହମ୍ମଦ ଉମର ନବୀ ଏହି ବିଶ୍ୱବିଦ୍ୟାଳୟରେ ପଢ଼ାଉଥିଲା। ସୋମବାର ବିସ୍ଫୋରଣ ଦିନ ଉମର ଏହି ବିଶ୍ୱବିଦ୍ୟାଳୟରୁ ଆଇ୨୦ ଗାଡି ନେଇ ବାହରିଥିଲା। ଏହାପରେ ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ପୁଲିସ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟ ସହିତ ଜଡିତ ୩ ଜଣ ଡାକ୍ତର ଆଦିଲ ଅହମ୍ମଦ ରାଠର, ମୁଜାମିଲ ଅହମ୍ମଦ ଗନାଇ ଉରଫ ମୁଜାମିଲ ସକିଲ ଏବଂ ମହିଳା ଡାକ୍ତର ଶାହିନ ଶାହିଦଙ୍କୁ ଗିରଫ କରିଥିଲା। ମଧ୍ୟପ୍ରାଚ୍ୟ ତଥା ଗଲ୍ ଦେଶଗୁଡିକର ପାଣ୍ଠିରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଛି ବୋଲି କୁହାଯାଉଛି।

# ଉଜୁଡ଼ିଗଲା ଡିଟିସି କଣ୍ଡକ୍ଟର, ଟ୍ୟାକ୍ସି ଡ୍ରାଇଭରଙ୍କ ସଂସାର

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ଗତକାଲି ଦିଲ୍ଲୀରେ ହୋଇଥିବା ବିସ୍ଫୋରଣରେ ୧୨ ଜଣ ପ୍ରାଣ ହରାଇଛନ୍ତି ଏବଂ ୨୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ସାମିଲ ଅଛନ୍ତି। ନିହତ ୧୨ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୭ ଜଣଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟମାନଙ୍କର ଚିହ୍ନଟ ଲାଗି ଡିଏନଏ ପରୀକ୍ଷା କରାଯାଉଛି। ଏଥିପାଇଁ ମୃତକଙ୍କ ପରିବାର ସଦସ୍ୟ ହସ୍ପିଟାଲରେ ଅପେକ୍ଷା କରି ରହିଛନ୍ତି। ପ୍ରାଣ ହରାଇଥିବା ବ୍ୟକ୍ତି ଜାଣିନଥିଲେ ଯେ ମୃତ୍ୟୁ ଏମିତି ଆସିବ ଏବଂ ସେମାନଙ୍କର ସଂସାରକୁ ଉଜାଡ଼ିଦେବ।

ଚିହ୍ନଟ ହୋଇଥିବା ମୃତ ବ୍ୟକ୍ତି ହେଲେ ଅମର କଟାରିଆ, ନୋମାନ ଅନସାରୀ, ମୋହସିନ, ମହମ୍ମଦ ଜୁମ୍ମନ, ପଙ୍କଜ ସାହିନୀ , ଅଶୋକ କୁମାର ଏବଂ ଲୋକେଶ ଅଗ୍ରୱାଲ।

ଏହି ବିସ୍ଫୋରଣରେ ଅନେକ ଲୋକ ନିଜ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇଛନ୍ତି। ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି ଉତ୍ତର ପ୍ରଦେଶ ସାମଲି ଜିଲ୍ଲା ଝିନ୍ଝନ ସହରର ବାସିନ୍ଦା ନୋମାନ ଅନସାରୀ। ସେ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ପୁଅର ମୃତ୍ୟୁ ଖବର ଶୁଣି ଘରେ ଉପରେ ଏବେ ଚଡ଼କ ପଡ଼ିଯାଇଛି। ସେହିପରି ଦିଲ୍ଲୀର ଏଲଏନଜେପି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସାମିଲ ଜିଲ୍ଲାର ନୋମାନ ପ୍ରାଣ ହରାଇଛନ୍ତି। ସେ ବ୍ୟବସାୟ ପାଇଁ ସାମଗ୍ରୀ ଆଣିବାକୁ ସମ୍ପର୍କୀୟ ଭାଇ ଅମାନଙ୍କ ସହ ଦିଲ୍ଲୀ ଯାଇଥିଲେ। କିଣାବିକା ସାରିବା ପରେ ନୋମାନ ଆଉ କିଛି ଜିନିଷ ଆଣିବାକୁ ଚାନ୍ଦିନ ଚୌକ ଯିବାକୁ ବାହାରି ଥିଲେ। ମାତ୍ର ଏହାର କିଛି ମିନିଟ ମଧ୍ୟରେ ବିସ୍ଫୋରଣ ଘଟି ନୋମାନ ପ୍ରାଣ ହରାଇ ଥିଲେ। ତେବେ ଅମାନ ଅଳ୍ପକେ ବର୍ତ୍ତି ଯାଇ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ମୃତକଙ୍କ ମଧ୍ୟରେ ଡିଟିସି କଣ୍ଡକ୍ଟର ଅଶୋକ କୁମାର (୩୪) ସାମିଲ ଅଛନ୍ତି। ସେ ତାଙ୍କ ବନ୍ଧୁ ଲୋକେଶ ଅଗ୍ରୱାଲଙ୍କ ସହିତ ବାଇକରେ ଯାଉଥିଲେ। ସେମାନେ ଯେଉଁ କାର ପଛେ ଯାଉଥିଲେ, ତାହା ବିସ୍ଫୋରଣ ହୋଇଥିଲା। ଦୁହେଁ ପ୍ରାଣ ହରାଇଛନ୍ତି। ସେମା।ନେ ଅମରୋହା ଜିଲ୍ଲାର ବାସିନ୍ଦା। ଟ୍ୟାକ୍ସି ଚଳାଉଥିବା ସେହିଭଳି ପଙ୍କଜ ସାହିନୀ (୨୨) ମଧ୍ୟ ଏଥିରେ ପ୍ରାଣ ହରାଇଛନ୍ତି। ତିନି ବର୍ଷ ହେଲା ସେ ଦିଲ୍ଲୀରେ ଟ୍ୟାକ୍ସି ଚଳାଉ ଥିଲେ। ବିହାର ସମସ୍ତିପୁରର ସାହିନୀ ନିଜ ସମ୍ପର୍କୀୟଙ୍କୁ ଛାଡ଼ିବା ପାଇଁ ପୁରୁଣା ଦିଲ୍ଲୀ ରେଳ ଷ୍ଟେସନକୁ ଯାଇଥିଲେ। ବିସ୍ଫୋରଣ ପରଠୁ ତାଙ୍କ ଫୋନ୍ ସ୍ୱିଚ୍‌ଅଫ ହୋଇଯାଇଥିଲା। ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ପକ୍ଷରୁ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଏବେ ମୃତଦେହ ନେବା ପାଇଁ ତାଙ୍କ ପରିବାର ସଦସ୍ୟ ହସ୍ପିଟାଲ ବାହାରେ ଅପେକ୍ଷା କରି ରହିଛନ୍ତି।



ଇ-ରିକ୍ସା ଡ୍ରାଇଭର ମୋହସିନ ଗତକାଲି ସନ୍ଧ୍ୟାରେ ଯାତ୍ରୀଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ତେବେ ବିସ୍ଫୋରଣ ଯୋଗୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଦୁଇ ବର୍ଷ ତଳେ ସେ ଦିଲ୍ଲୀ ଆସିଥିଲେ ଏବଂ ଘରର ଏକମାତ୍ର ରୋଜିଗାରିଆ ବ୍ୟକ୍ତି ଥିଲେ। ଅନ୍ୟତମ ମୃତ ବ୍ୟକ୍ତି ହେଲେ ଅମର କଟାରିଆ। ସେ ଔଷଧ ବ୍ୟବସାୟ କରୁଥିଲେ। ସେହିପରି ବିସ୍ଫୋରଣ ଯୋଗୁଁ ଏକ ଧାତବ ପଦାର୍ଥ ଆସି ପେଟରେ ବାଜିବାରୁ ଅଟୋ ଡ୍ରାଇଭର ଅବଧେଶ ମଣ୍ଡଳ ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଗାଡ଼ି ଚଳାଇ ଚାରି କିମି ଦୂର ହସ୍ପିଟାଲରେ ପହଞ୍ଚି ଥିଲେ। ଏହା ବ୍ୟତୀତ ୩୪ ବର୍ଷୀୟ ଆଜାଦ ଆଲମଙ୍କ ଦେହରେ ଲୁହା ଏବଂ କାଚ ଆଦି ମାଡ଼ ହୋଇଥିଲା। ସେ ରକ୍ତାକ୍ତ ଅବସ୍ଥାରେ ନିଜ ଭାଇକୁ ଫୋନ କରିଥିଲେ।



## ମା' ହେବେ ଓନସ ଜାବେୟର୍

▸ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-136 ♦WEDNESDAY ♦12 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୩୬ ♦ବୁଧବାର ♦୧୨ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ: ଏନ୍ଆଇଏର ତନାଘନା ଆରମ୍ଭ

# ଖୋଲୁଛି ଷଡ଼ଯନ୍ତ୍ରର ଗୁମର



- ଡାକ୍ତର ଉମର ବିସ୍ଫୋରଣର ମାଷ୍ଟରମାଇଣ୍ଡ
- ଉମରଙ୍କ ପରିବାରର କରାଗଲା ଡିଏନ୍ଏ ଟେଷ୍ଟ
- ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି, ଆଉ ୬ ଗିରଫ
- କୌଣସି ଦୋଷୀକୁ ଛଡ଼ାଯିବ ନାହିଁ: ପ୍ରଧାନମନ୍ତ୍ରୀ
- ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି; ବଢ଼ିବା ଆଶଙ୍କା



■ **ନୂଆଦିଲ୍ଲୀ, ୧୧।୧୧ (ଏଜେନ୍ସି):** ଗତକାଲି ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର ବିସ୍ଫୋରଣର ତନାଘନା ଆରମ୍ଭ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏ। ତଦନ୍ତକାରୀ ସଂସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ସୁରାଖ ମିଳିଛି। ଯେଉଁ ଆଇ-୨୦ କାର ବିସ୍ଫୋରଣ ହୋଇଛି, ତାହାକୁ ଚଳାଉଥିବା ସନ୍ଦିଗ୍ଧ ବ୍ୟକ୍ତି ଚିହ୍ନଟ ହେଉଛି। ସେ ହେଉଛି ଡାକ୍ତର ଉମର-ଉନ-ନବି। ସମଗ୍ର ବିସ୍ଫୋରଣ ଷଡ଼ଯନ୍ତ୍ରରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅନୁମାନ କରାଯାଉଛି। ତା ଘର ହେଉଛି ଜମ୍ମୁ-କଶ୍ମୀରର ପୁଲୱାମାରେ। ସେ ହରିଆଣା ଫରିଦାବାଦର ଅଲ-ଫଲାହ ମେଡିକାଲ କଲେଜରେ ଡାକ୍ତର ଥିଲା। ସେ ନିଖୋଜ ଥିବା ବେଳେ ପୁଲିସ ତା ଘରେ ଚଢଉ କରି ପରିବାରର ତିନି ଜଣଙ୍କୁ ଅଟକ ରଖାଯିବା ସହ ଉମରର ମା'ଙ୍କର ଡିଏନ୍ଏ ଟେଷ୍ଟ କରାଯାଇଛି। ବିସ୍ଫୋରଣସ୍ଥଳରୁ ମିଳିଥିବା ଶରୀରର ଅଂଶବିଶେଷ ସହିତ ଡିଏନ୍ଏ ଟେଷ୍ଟ ରିପୋର୍ଟ ମେଳ ଖାଇଲେ ଉମର ମୃତ ବୋଲି ଘୋଷଣା କରାଯିବ। ସେହିପରି ଏହି ବିସ୍ଫୋରଣ ସହ ସଂପୃକ୍ତ ଥିବା ସନ୍ଦେହରେ ପୁଲିସ ଅଲ-ଫଲାହ କଲେଜର ଆଉ ତିନି ଜଣ ଡାକ୍ତରଙ୍କୁ ମଧ୍ୟ ଗିରଫ କରିଛି। ଆଜି ଏହି ଘଟଣାରେ ଉତ୍ତର ପ୍ରଦେଶ ସମେତ ହରିଆଣା ଓ ଜମ୍ମୁ-କଶ୍ମୀରରେ ପୁଲିସ ଚଢ଼ଉ କରିଛି। ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନେକ ଲୋକଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିବା ବେଳେ ସ୍ପଷ୍ଟ କରିଦେଇଛନ୍ତି ଯେ ଏହି ବିସ୍ଫୋରଣରେ ସଂପୃକ୍ତ ଥିବା କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ଏବଂ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଭୁଟାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିସ୍ଫୋରଣରେ ସମ୍ପୃକ୍ତ କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ବିସ୍ଫୋରଣରେ ୧୨ ଜଣ ପ୍ରାଣ ହରାଇଥିବା ବେଳେ ୨୧ ଜଣ ଗୁରୁତର ଆହତ ହୋଇଛନ୍ତି। ଗତକାଲି କାର ବିସ୍ଫୋରଣ ପରେ ପୁଲିସ ଉକ୍ତ କାର ସଂପର୍କରେ ତନାଘନା ଆରମ୍ଭ କରିଥିଲା। ଗତକାଲି ଏହି କାର ଫରିଦାବାଦରୁ ଦିଲ୍ଲୀ ଆସିଥିଲା। ଏଥିରେ ତିନି ଜଣ ଥିଲେ। ଡାକ୍ତର ଉମର କାର ଚଳାଉଥିବା ବେଳେ ସେ ମାସ୍କ ପିନ୍ଧିଥିବା ▸ପୃଷ୍ଠା-୭

## ସରିଲା ବିହାର ନିର୍ବାଚନ

# ଏନ୍ଡିଏ ସପକ୍ଷରେ ବୁଥ୍ ବାହୁଡ଼ା ମତ

■ **ପାଟନା, ୧୧।୧୧ (ଏଜେନ୍ସି):** ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ପାଇଁ ନିର୍ବାଚନ ଆଜି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରେକର୍ଡ ୬୫.୦୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ରେକର୍ଡ ୬୭.୧୪ ପ୍ରତିଶତ ମତଦାନ ହୋଇଛି। ଆସନ୍ତା ୧୪ ତାରିଖରେ ଭୋଟ ଗଣତି ପରେ ଫଳାଫଳ ଘୋଷଣା ହେବ।

ନିର୍ବାଚନରେ ମୁଖ୍ୟ ମୁକାବିଲା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍ଡିଏ ଏବଂ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ମହାମେଣ୍ଟ ମଧ୍ୟରେ ହେଉଛି। ତେବେ ନିର୍ବାଚନରେ ଏନଡିଏକୁ ସ୍ପଷ୍ଟ ବହୁମତ ମିଳିବ ବୋଲି ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥବାହୁଡ଼ା ମତରୁ ଜଣାପଡୁଛି। ସରକାର ଗଠନ ପାଇଁ ୧୨୨ ଆସନ ଆବଶ୍ୟକ ଥିବା ବେଳେ ଏନଡିଏ ୧୩୦ରୁ ୧୬୭ ମଧ୍ୟରେ ଆସନ ହାସଲ କରିପାରେ ବୋଲି ସର୍ଭେରେ କୁହାଯାଇଛି। ସେହି ସର୍ଭେ ଅନୁଯାୟୀ ତେଜସ୍ୱୀଙ୍କ ମହାମେଣ୍ଟକୁ ଏଥର ପୁଣି ଝଟକା ଲାଗିବ। ଏହି ମେଣ୍ଟକୁ ୭୦ରୁ ୧୦୮ ମଧ୍ୟରେ ଆସନ ମିଳିପାରେ। ତେବେ ପ୍ରଶାନ୍ତ କିଶୋରଙ୍କ ଜନସୂରଜ ପାର୍ଟିକୁ ବିଶେଷ ସଫଳତା ମିଳିବ ନାହିଁ। ▸ପୃଷ୍ଠା-୭

| ଆକଳନକାରୀ ସଂସ୍ଥା | ଏନ୍ଡିଏ | ମହାମେଣ୍ଟ | ଅନ୍ୟ |
|---|---|---|---|
| ଜେଭିସି ପଲ୍ସ | ୧୩୫-୧୫୦ | ୮୮-୧୦୩ | ୩-୬ |
| ମାଟ୍ରିଜ | ୧୪୭-୧୬୭ | ୭୦-୯୦ | ୨-୧୦ |
| ପିପୁଲ୍ସ ଇନ୍ସାଇଟ୍ | ୧୩୩-୧୪୮ | ୮୭-୧୦୨ | ୩-୬ |
| ପିପୁଲ୍ସ ପଲ୍ସ | ୧୩୩-୧୫୯ | ୭୫-୧୦ | ୧୨-୧୩ |
| ଦୈନିକ ଭାସ୍କର | ୧୪୫-୧୬୦ | ୭୩-୯୧ | ୫-୧୦ |
| ଚାଣକ୍ୟ | ୧୩୦-୧୩୮ | ୧୦୦-୧୦୮ | ୩-୫ |
| ଟାଇମ୍ସ ନାଓ | ୧୪୩ | ୯୫ | ୫ |

# ନୂଆପଡ଼ାରେ ୮୧.୪୫% ମତଦାନ

■ **ନୂଆପଡ଼ା/ ଭୁବନେଶ୍ୱର, ୧୧।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ମଙ୍ଗଳବାର ଶେଷ ହୋଇଛି ମତଦାନ। ମତଦାନ ଶେଷ ସହ ଇଭିଏମରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଥିବା ବେଳେ ଆସନ୍ତା ୧୪ ତାରିଖରେ ଉପ ନିର୍ବାଚନ ଫଳ ପ୍ରକାଶ ପାଇବ। ଭାରତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟା ୭ଟା ପର ସୁଦ୍ଧା ମୋଟ ୮୧.୪୫ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଅପରପକ୍ଷେ କର୍ତ୍ତବ୍ୟରେ ଅବହେଳା ଓ ମତଦାତାଙ୍କ ଗୋପନୀୟତା ଉଲ୍ଲଂଘନ କରିଥିବା ହେତୁ କୁଳିଆବନ୍ଧ ପିଏସ୍-୩୬ର ପ୍ରିଜାଇଡିଂ ଅଫିସର ଏବଂ ବୁଥ ନମ୍ବର ୪୬ର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବିତ କରାଯାଇଛି। ଅପରପକ୍ଷେ ଭୋଟଗ୍ରହଣ ସମୟରେ ଇଭିଏମ ମାଧ୍ୟମରେ ଭୋଟଚୋରୀଠାରୁ ଆରମ୍ଭ କରି ଶାସକ ଦଳର ସମର୍ଥକମାନେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସଂକ୍ରାନ୍ତରେ ମାଳମାଳ ଅଭିଯୋଗ ଆଣିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି ଏବଂ ଜାତୀୟସ୍ତରରେ ଚର୍ଚ୍ଚିତ 'ଭୋଟ ଚୋରି' ▸ପୃଷ୍ଠା-୭

- ୧୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍
- ଦାୟିତ୍ୱରେ ଅବହେଳା, ୨ ପ୍ରିଜାଇଡିଂ ଅଫିସର ନିଲମ୍ବିତ

## ଟେଷ୍ଟିଂ ବେଳେ ଧରାପଡ଼ିଲା ଇଭିଏମ୍ ତ୍ରୁଟି

# 'ହାତ'ରେ ଟିପିଲେ 'ପଦ୍ମ'



■ **ନୂଆପଡ଼ା/ଭୁବନେଶ୍ୱର, ୧୧।୧୧ (ସମିସ):** ଭୋଟ ଚୋରିକୁ କଂଗ୍ରେସ ସାରା ଦେଶରେ ପ୍ରସଙ୍ଗ କରିଥିବା ସମୟରେ ନୂଆପଡ଼ା ଉପନିର୍ବାଚନରେ କେତେକ ଘଟଣା ଏହାକୁ ଅଧିକ ବଳ ଯୋଗାଇଛି। ନୂଆପଡ଼ାର କିଛି ମତଦାନ କେନ୍ଦ୍ରରେ ଭୋଟରମାନେ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଇଭିଏମ୍‌ରେ ଅନ୍ୟ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେଲେ ତାହା ବିଜେପି ସପକ୍ଷରେ ଯାଇଥିବା ଅଭିଯୋଗ ହୋଇଛି।

କୋମନା ବ୍ଲକ୍ ଅନ୍ତର୍ଗତ ଭାଲୁକୋନାର ୨୫୦ ନମ୍ବର ବୁଥରେ ଏପରି ସାଂଘାତିକ ଘଟଣାର ଛବି ଦେଖିବାକୁ ମିଳିଛି। ଏଠାରେ ମତଦାତାମାନେ ସେମାନଙ୍କର ମତାଧିକାର ସାବ୍ୟସ୍ତ ସମୟରେ ସବୁ ଭୋଟ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବା ଭୋଟରମାନେ ଅଭିଯୋଗ କରିଛନ୍ତି। ବିଜେଡି, କଂଗ୍ରେସ ଓ ଅନ୍ୟ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଇଭିଏମ୍‌ରେ ବଟନ୍ ଟିପିବା ସମୟରେ ତାହା ବିଜେପିକୁ ଯାଉଥିବା ଭୋଟରମାନେ ଅଭିଯୋଗ କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଓ କିଛି ସମୟ ମତଦାନ ବନ୍ଦ ରହିଥିଲା। ବିଭିନ୍ନ ଦଳର ପ୍ରାର୍ଥୀମାନେ ଏହା ଯୋଜନାବଦ୍ଧ ଭୋଟ ଚୋରି ବୋଲି ଅଭିଯୋଗ କରିଥିଲେ। ସେଠାରେ କାର୍ଯ୍ୟରତ ସେକ୍ଟର ଅଫିସର ଅନ୍ୟ ଇଭିଏମ୍ ଆଣିବା ପରେ ପୁନର୍ବାର ମତଦାନ କରାଯାଇଥିଲା।

## ପୁଲିସ ଏସ୍ଆଇ ଚାକିରି ବିକ୍ରି

# ସିବିଆଇ ତଦନ୍ତ ପାଇଁ ବିଜ୍ଞପ୍ତି

■ **ଭୁବନେଶ୍ୱର,୧୧।୧୧(ସମିସ):** ଏସ୍ଆଇ ଚାକିରି ବିକ୍ରି ମାମଲାର ସିବିଆଇ ତଦନ୍ତ ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି କେନ୍ଦ୍ର ସରକାର। ରାଜ୍ୟ ସରକାରଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ସହ ଏହାର ନକଲ ଓଡ଼ିଶା ମୁଖ୍ୟ ସଚିବ ଓ ସିବିଆଇ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟରେ ଅକ୍ଟୋବର ୫ ଏବଂ ୬ ତାରିଖରେ ହେବାକୁଥିବା ଏସ୍ଆଇ ପରୀକ୍ଷା ପୂର୍ବରୁ ପରୀକ୍ଷା ପରିଚାଳନା ନିମନ୍ତେ ଠିକା ନେଇଥିବା ଆଇଟିଆଇରୁ ସବ୍‌ଲେଟ ପାଇଥିବା ସିଲିକନ୍ ଟେକ୍‌ଲାବ ଓ ଏହାର ସହଯୋଗୀ ସଂସ୍ଥା ପଞ୍ଚସପ୍ଟ ପରୀକ୍ଷାର୍ଥୀଙ୍କୁ ତାଲିମ ପାଇଁ ନେବାବେଳେ ଧରାପଡ଼ିଥିଲେ। ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସହ ଦଲାଲମାନଙ୍କୁ ଶ୍ରୀକାକୁଲମରୁ ପୁଲିସ ଗିରଫ କରିଥିଲା। ନିଯୁକ୍ତି ଆଶାୟୀଙ୍କ ଠାରୁ ୨୫ରୁ ୫୦ଲକ୍ଷ ପର୍ଯ୍ୟନ୍ତ ଟଙ୍କା ନେଇ ଚାକିରି ଦିଆଯିବା ପ୍ରତିଶ୍ରୁତି ଦିଆଯାଇଥିବା ପୁଲିସ ସୂଚନା ଦେଇଥିଲା। ପରେ ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ▸ପୃଷ୍ଠା-୭

# ଟ୍ରାକ୍ଟର୍ ମଡ଼ାଇ ଜେଜେ-ନାତିଙ୍କୁ ହତ୍ୟା

■ **ଧର୍ମଗଡ଼, ୧୧।୧୧ (ସମିସ):** ଟ୍ରାକ୍ଟର୍ ଚଢ଼ାଇ ୨ ଜଣଙ୍କୁ ମାରିଦେଲେ ଚୋର। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ମେରଘରା ଗ୍ରାମରେ ଗତ ରାତିରେ ଘଟିଥିବା ଏପରି ଏକ ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକଦ୍ୱୟ ହେଲେ, ହରିଶଙ୍କର ଭଇଁସାଲ ଓ ସତ୍ୟମ ଭଇଁସାଲ। ସଂପର୍କରେ ଦୁହେଁ ଜେଜେ-ନାତି। ଟ୍ରାକ୍ଟର୍ ଡାଲା ଚୋରି କରିନେଉଥିବା ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଦୁହେଁ ପିଛା କରୁଥିବା ବେଳେ ଅଭିଯୁକ୍ତମାନେ ସେମାନଙ୍କ ଉପରେ ଟ୍ରାକ୍ଟର୍ ମଡ଼ାଇ ଦେଇଥିଲେ। ଏନେଇ ପୁଲିସ୍ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ▸ପୃଷ୍ଠା-୭

- ଚୋରଙ୍କୁ ଧରିବାକୁ ଯାଇଥିଲେ
- ଶବ ରଖି ଗ୍ରାମବାସୀଙ୍କ ରାସ୍ତା ଅବରୋଧ





## ହାଇକୋର୍ଟରେ ପୀତବାସ ହତ୍ୟା ପ୍ରସଙ୍ଗ

# ନିଃସର୍ତ୍ତ କ୍ଷମା ମାଗିଲେ ବ୍ରହ୍ମପୁର ଏସ୍‌ପି

■ **କଟକ, ୧୧।୧୧ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମକଦ୍ଦମାକୁ ଯୋଡ଼ି ଗଣମାଧ୍ୟମ ସମ୍ମୁଖରେ ତଥ୍ୟ ସାର୍ବଜନୀନ କରିବା ମାମଲାରେ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ. ଆଜି ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ପୂର୍ବ ନିର୍ଦ୍ଦେଶ ଅନୁସାରେ, ଏସ୍‌ପି ଦାଖଲ କରିଥିବା ସତ୍ୟପାଠକୁ ହାଇକୋର୍ଟ ଗ୍ରହଣ କରିବା ସହ ଏସ୍‌ପିଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିବ ନାହିଁ ବାଲି କହିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ▸ପୃଷ୍ଠା-୭

# ଓଏନ୍‌ଜିସି ତୈଳକୂପରୁ ୧୩,୭୦୦ କୋଟିର ଗ୍ୟାସ୍ ଚୋରି

## ସିବିଆଇ ତଦନ୍ତ ପାଇଁ ବମ୍ବେ ହାଇକୋର୍ଟରେ ଆବେଦନ



■ **ମୁମ୍ବଇ, ୧୧।୧୧ (ଏଜେନ୍ସି):** ତୈଳ ଏବଂ ପ୍ରାକୃତିକ ଗ୍ୟାସ କର୍ପୋରେସନ (ଓଏନ୍‌ଜିସି)ର କୂପରୁ ଚୋରି ହୋଇଛି ୧.୫୫ ବିଲିୟନ ଡଲାର (ପ୍ରାୟ ୧୩,୭୦୦ କୋଟି ଟଙ୍କା) ମୂଲ୍ୟର ପ୍ରାକୃତିକ ଗ୍ୟାସ। ଏହି ଘଟଣା ଜଣା ପଡ଼ିବା ପରେ ହତବାକ ହୋଇଛି ଓଏନ୍‌ଜିସି ଓ କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟ। ଅନ୍ୟପକ୍ଷରେ ଏହି ଗ୍ୟାସ ଚୋରି ଘଟଣାକୁ ଆନ୍ଧ୍ରପ୍ରଦେଶର କୃଷ୍ଣା-ଗୋଦାବରୀ ଉପତ୍ୟକାରେ କଥିତ ଗ୍ୟାସ ଚୋରି ଘଟଣା ସହ ତୁଳନା କରି ଜିତେନ୍ଦ୍ର ପି. ମାରୁ ନାମକ ଜଣେ ବ୍ୟକ୍ତି ବମ୍ବେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଏହି ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବାକୁ ସେ ଅଦାଲତରେ ଆବେଦନ କରିଛନ୍ତି। ବମ୍ବେ ହାଇକୋର୍ଟର ବିଚାରପତି ଏ.ଏସ୍.ଗଡ଼କରୀ ଓ ରଣଜିତ୍ ସିଂହ ଭୋଁସଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

ଆବେଦନକାରୀ ଜିତେନ୍ଦ୍ର ପି. ମାରୁ ଏହି ଘଟଣାରେ ଚୋରି, ଅର୍ଥ ଆତ୍ମସାତ ଏବଂ ବିଶ୍ୱାସ ଭଙ୍ଗ ଅଭିଯୋଗ ଆଣିଛନ୍ତି। ଓଏନ୍‌ଜିସିର ତୈଳକୂପ ମଧ୍ୟରେ ଅନୁପ୍ରବେଶ କରାଯାଇ ଏହି ଗ୍ୟାସ ଉତ୍ତୋଳନ କରାଯାଇଛି ଏବଂ ଏହା ଏକ ସଂଗଠିତ ଓ ଯୋଜନାବଦ୍ଧ ଠକେଇ ବୋଲି ନିଜ ଆବେଦନରେ ଦର୍ଶାଇଛନ୍ତି। ଓଏନ୍‌ଜିସିର ଅଧିକାରୀମାନେ ୨୦୧୩ରେ ଏପରି ଏକ ଘଟଣାକୁ ଧରିଥିଲେ ହେଁ ସେତେବେଳେ ସେପରି କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେଣୁ ଅନ୍ୟ କମ୍ପାନୀ ବେଆଇନ ଭାବରେ ଓଏନ୍‌ଜିସି କୂପରୁ ଗ୍ୟାସ ଉତ୍ତୋଳନ କରିବାକୁ ସାହସ ପାଇଥିଲା। ସେହିପରି ବେଆଇନ ଗ୍ୟାସ ଉତ୍ତୋଳନ କରିଥିବା କମ୍ପାନୀ ଭୁଲକ୍ରମେ ଏହି ଗ୍ୟାସ ଉତ୍ତୋଳନ ହୋଇଥିବା ସଂକ୍ରାନ୍ତରେ ପ୍ରଦାନ କରିଥିବା ତଥ୍ୟ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ମଧ୍ୟ ଆବେଦନକାରୀ ଦର୍ଶାଇଛନ୍ତି। ଅଦାଲତ ଏହି ଆବେଦନକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେବା ସହ ବିଚାର ପଦ୍ଧତିକୁ ଖୋଲା ରଖିଛନ୍ତି।

## ତଳମୁହାଁ ପାରଦ: ୩ ଦିନରେ ଖସିବ ୩ ଡିଗ୍ରୀ

■ **ଭୁବନେଶ୍ୱର, ୧୧।୧୧ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରଭାବ ଜାରି ରହିଛି। ତାପମାତ୍ରା ତଳମୁହାଁ ହେତୁ ଅନେକ ସ୍ଥାନରେ ଥଣ୍ଡା ଅନୁଭୂତ ହେଉଛି। ଏହି କ୍ରମରେ ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ପୁଣି ପାରଦ ତଳମୁହାଁ ହୋଇଛି। ଏଠାରେ ତାପମାତ୍ରା ୧୧.୧ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ତାପମାତ୍ରା ୧୨.୯, କେନ୍ଦୁଝର ୧୩.୪, ସମ୍ବଲପୁରରେ ୧୫.୬, ହୀରାକୁଦ ୧୫.୬, ଭୁବନେଶ୍ୱର ୧୬.୨, ବାଲେଶ୍ୱର ୧୭.୮, ପାରାଦୀପରେ ୧୮.୭, ଗୋପାଳପୁର ୧୮.୮, ଚାନ୍ଦବାଲି ୧୯.୨ ଓ ପୁରୀରେ ତାପମାତ୍ରା ୨୦.୫ ଡିଗ୍ରୀ ରେକର୍ଡ ହୋଇଛି। ପଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ଥିବାରୁ ଶୀତର ପ୍ରଭାବ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ଡିସେମ୍ବର ୧୭ରେ ଓଟିଇଟି

■ **କଟକ, ୧୧।୧୧ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) -୨୦୨୫ ପରୀକ୍ଷା ଆସନ୍ତା ଡିସେମ୍ବର ୧୭ରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ସିଟିଂରେ ପେପର୍-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସନ୍ତାକାଲିଠାରୁ ଏଥିପାଇଁ ଅନଲାଇନ ଆବେଦନ ପାଇଁ ଲିଙ୍କ୍ ବୋର୍ଡ ୱେବସାଇଟ୍‌ରେ ନଭେମ୍ବର ୨୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଉପଲବ୍ଧ ରହିବ। ତେବେ ଫି' ଦେୟ ଓ ଫର୍ମ ଦାଖଲ ଆସନ୍ତା ନଭେମ୍ବର ୨୬ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ କରାଯାଇପାରିବ। ସେହିଭଳି ଆସନ୍ତା ଡିସେମ୍ବର ୧୦ରୁ ଆଡମିଟ କାର୍ଡ ପ୍ରଦାନ କରାଯିବ। ପ୍ରକାଶଥାଉକି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପାଇଁ ଗତ ▸ପୃଷ୍ଠା-୭

# ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି ଅମାଠ ଛକ

## ଆଉଟ୍ ପୋଷ୍ଟ ବଦଳରେ ଫାଣ୍ଡି ସ୍ଥାପନ ଦାବି

କେସିଙ୍ଗା,୧୧।୧୧(ସମିସ):ଖସଡ଼ା କାନୁନ ବ୍ୟବସ୍ଥା ପାଇଁ ଦିନକୁ ଦିନ ବଢି ଚାଲିଛି ଚୋରି ଡକାୟତି ଭଳି ଅନେକ ଅସାମାଜିକ କାର୍ଯ୍ୟ କଳାପ। ଜିଲ୍ଲା ପୁଲିସ ହେଉ କିମ୍ବା ଅନ୍ୟ ପୁଲିସ ହେଉ ସେମାନେ କେବଳ



ସହର ଜଗି ରହିଛନ୍ତି ସେମାନେ ସବୁ ସମୟରେ ଦିନ ଓ ରାତି ପାଟ୍ରୋଲିଂ କରୁଥିଲେ ମଧ୍ୟ ଚୋରି ଡକାୟତି କାବୁ ରେ ଆସୁନାହାନ୍ତି।ଚୋର ଡକାୟତମାନେ ପୁଲିସକୁ ଖାତିର କରୁନାହାନ୍ତି। ଦିନ ଥିଲା ଏନ୍‌ଏଚ ୨୬ ଗଞ୍ଜେଇ ମାଫିଆଙ୍କ ଗ୍ରୀନ କରିଡ଼ର ଭଳି ବ୍ୟବହାର ହେଉଥିଲା। ୨୦୨୩ ମସିହା ବେଳକୁ ପ୍ରତିଦିନ କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ଧରୁଥିଲା କେସିଙ୍ଗା ପୁଲିସ।ବର୍ତ୍ତମାନ ଦୁଇ ବର୍ଷ ହେଲାଣି କେସିଙ୍ଗାରେ ବେଳେବେଳେ ଗଞ୍ଜେଇ ଧରାପଡୁଛି।ବର୍ତ୍ତମାନ ଚୋରା ଗଞ୍ଜେଇ ଓ ମଦ ଅମାଠ ହୋଇ ପାର ହେଉଥିବା ଚର୍ଚ୍ଚା ହେଉଛି। କେସିଙ୍ଗାରୁ ୧୪ କିମି ଦୂର କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାର ସୀମା ଆମଠ ଛକ ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଛୋଟ ବଡ଼ ଗାଡ଼ି ଯାଆ ଆସ କରୁଛି। ଗୋଟିଏ ପେଟ ବୌଦ୍ଧ ,ଫୁଲବାଣୀ ଦେଇ ବ୍ରହ୍ମପୁର ଯିବାକୁ ରାସ୍ତା ଲମ୍ବି ଥିବା ବେଳେ ଆଉ ଗୋଟିଏ ପେଟ ବଲାଙ୍ଗୀର ସୋନପୁର ଦେଇ ଭୁବନେଶ୍ୱର-ସମ୍ବଲପୁର ଏମିତିକି କୋଲକାତା ପର୍ଯ୍ୟନ୍ତ ଲମ୍ବିଛି ରାସ୍ତା। ହେଲେ ଉକ୍ତ ମୁଖ୍ୟ ଛକରେ ଆଜି ପର୍ଯ୍ୟନ୍ତ ପୁଲିସ ଫାଣ୍ଡି ଗୋଟିଏ ନାହିଁ କେବଳ ଗୋଟିଏ ଛୋଟିଆ ଆଉଟ୍ ପୋଷ୍ଟ ଅଛି ଯୋଉଠି ଦୁଇ ଜଣ ହୋମଗାର୍ଡଙ୍କୁ ଡ୍ୟୁଟି ଦିଆଯାଇଛି ବୋଲି ଶୁଣିବାକୁ ମିଳେ। ସେମାନେ ପୁଣି ମନଇଚ୍ଛା ଡ୍ୟୁଟି କରୁଥିବା ଅଭିଯୋଗ ହେଉଛି।ପ୍ରାୟ ସମୟରେ ସେହି ଆଉଟ୍ ପୋଷ୍ଟ ରେ ପୁଲିସ ଉପସ୍ଥିତ ରହୁ ନ ଥିବା ଅନେକ ସମୟରେ ଦେଖିବାକୁ ମିଳୁଛି। ଏତେ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ସୀମାନ୍ତ ଓ ସମ୍ବେଦନଶୀଳ ଜାଗାରେ ଦୁଇ ଜଣ ହୋମଗାର୍ଡଙ୍କ ଡ୍ୟୁଟି ଦାୟିତ୍ୱରେ ରହିବା କେତେ ଦୂର ଯୁକ୍ତିଯୁକ୍ତ ଚର୍ଚ୍ଚାର ବିଷୟ ପାଲଟିଛି।ସୂଚନା ଅନୁଯାୟୀ ବର୍ତ୍ତମାନ ଅମାଠଛକ ଅସାମାଜିକମାନଙ୍କ ଚରାଭୁଇଁ ପାଲଟିଛି। ମଦ ଗଞ୍ଜେଇର ବହୁଳ ପରିମାଣରେ କାରବାର ହେଉଥିବା ଅଭିଯୋଗ ହେଉଛି।ଅଭିଯୋଗ ଅନୁଯାୟୀ ଅମାଠ ଛକ ହେଉଛି ନିଶା କାରବାର କରୁଥିବା କାରବାରୀ ଓ ଚୋର ଡକାୟତମାନଙ୍କ କେନ୍ଦ୍ରସ୍ଥଳୀ। ସମୟ ସମୟରେ କେସିଙ୍ଗା ପୋଲିସ ପକ୍ଷରୁ ବ୍ୟାପକ ଚେକିଂ ହେଉଥିଲେ ମଧ୍ୟ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ୍ୟ ହେଉଛି।ସେଥି ପାଇଁ ଅମାଠ ଛକରେ ଏକ ପୋଲିସ ଫାଣ୍ଡି ଖୋଲିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# କଲେଜ ରାସ୍ତା ସଫା ପାଇଁ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

## ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତିଶ୍ରୁତି ଫେଲ୍

## ପୁଣି ଦାନା ବାନ୍ଧୁଛି ଅସନ୍ତୋଷ





କଲମପୁର,୧୧।୧୧(ସମିସ)

କଳାହାଣ୍ଡି ଜିଲ୍ଲା କଲମପୁର ଅମୋହମଣୀ+୨ ଓ କସ୍ତୁରବା ମୋଦିନି ଦେବୀ +୩ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ସୋମବାର ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନଙ୍କ ଦାବି ହେଲା ସଙ୍କିର୍ଣ୍ଣ ରାସ୍ତା ଯୋଗୁଁ ଯିବାଆସିବାରେ ସୁବିଧା ହେଉଛି।ରାସ୍ତାର ଦୁଇ ପାଶ୍ୱର୍ରେ ଅନାବନା ଘାସ ମାଡିଯାଇଛି। ଫଳରେ ରାସ୍ତା ଜୀବନକୁ ବାଜି ଲଗାଇ ଯିବା ଆସିବା କରିବାକୁ ପଡୁଛି। ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ରାସ୍ତାକଡ ମୁକ୍ତ ଶୌଚାଳୟ ପାଲଟିଛି। ସେହି ମଳମୂତ୍ର ଭିତରେ ଛାତ୍ରଛାତ୍ରୀ ଅତି ଅସ୍ୱାଭାବିକ ପରିସ୍ଥିତିରେ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି। ଏନେଇ ଗତ ବର୍ଷରେ ମଧ୍ୟ ଛାତ୍ରଛାତ୍ରୀମାନେ ଆନ୍ଦୋଳନ ପନ୍ଥା ଆପଣାଇ ଥିଲେ।କିନ୍ତୁ ଫଳ ଏ ପର୍ଯ୍ୟନ୍ତ କିଛି ହୋଇ ପାରିନାହିଁ, ବର୍ଷ ବର୍ଷ ଧରି ଛାତ୍ରଛାତ୍ରୀମାନେ ଏଭଳି ପରିସ୍ଥିତିରେ ଦୟନୀୟ ଭାବେ ଯାତାୟାତ କରୁଛନ୍ତି।

ଶେଷରେ ଅତିଷ୍ଠ ହୋଇ ସୋମବାର ବିଡ଼ିଓ ଅଫିସ ଘେରାଉ କରିଥିଲେ। ବିଡ଼ିଓ ବିଜୟ ମାଣ୍ଡାଙ୍ଗି ସଂପୃକ୍ତ ଆରଡି ବିଭାଗ ସହିତ ଯୋଗାଯୋଗ କରି ତୁରନ୍ତ ଏହାର ସମାଧାନ ପାଇଁ କହିଥିଲେ। ବିଭାଗୀୟ ଯନ୍ତ୍ରୀ କେଦାର ଦାସ ରାତି ସୁଦ୍ଧା ଅନାବନା ଘାସ ସଫା କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଲେ।ଛାତ୍ରଛାତ୍ରୀମାନେ କାମ ଆରମ୍ଭ ନହେଲେ ହଟିବୁ ନାହିଁ ବୋଲି କହିଥିଲେ, କିନ୍ତୁ ଦୃଢ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନରୁ ଓହରି ଥିଲେ। ହେଲେ ସକାଳ ପର୍ଯ୍ୟନ୍ତ କାମ ହୋଇ ପାରିଲା ନାହିଁ ଯାହାକୁ ନେଇ ପୁଣି ଛାତ୍ରଛାତ୍ରୀ ମହଲରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ପରିତାପର ବିଷୟ ସଂପୃକ୍ତ ବିଭାଗର ଏକ କାର୍ଯ୍ୟାଳୟ କଲମପୁର କର୍ମେଲ ନିକଟରେ ରହିଛି, ହେଲେ ଯନ୍ତ୍ରୀ ମହାଶୟ ସେଠାରେ ରହୁ ନାହାନ୍ତି, ଏପରିକି ଫୋନ ମଧ୍ୟ ଉଠାନ୍ତି ନାହିଁ। ଯନ୍ତ୍ରୀଙ୍କୁ ଏହି ଅଞ୍ଚଳବାସୀ ଏପର୍ଯ୍ୟନ୍ତ ଦେଖି ମଧ୍ୟ ପାରି ନାହାଁନ୍ତି। ତେବେ ବିଡ଼ମ୍ବନା ଯେ ଅଞ୍ଚଳର ବିକାଶ କେବଳ ଭଗବାନ ଭରସାରେ ଚାଲିଛି। ଡବଲ ଇଞ୍ଜିନ ସରକାର ରହିଥିବା ବେଳେ ସ୍ୱଚ୍ଛ ମିଶନ କାର୍ଯ୍ୟକ୍ରମକୁ ନେଇ ଏଠାରେ ବଡ ପ୍ରଶ୍ନ ଠିଆ ହୋଇଛି। ଏତେ ସବୁ କାର୍ଯ୍ୟ କରିବା ସତ୍ତ୍ୱେ କଲେଜ ରାସ୍ତା ମୁକ୍ତ ଶୌଚାଳୟ ପାଲଟିବା ଶାସନ କଳର ପାରିବା ପଣିଆକୁ ଦର୍ଶାଉଛି। ବିଭାଗୀୟ ଯନ୍ତ୍ରୀ ଶ୍ରୀ ଦାସ କହିଛନ୍ତି ଯେ ଏଥିପାଇଁ କୌଣସି ଅନୁଦାନ ନାହିଁ, ଆମେ ପ୍ରୋପୋଜାଲ ଦେଇଛୁ,ତାହା ମଞ୍ଜୁର ମଧ ହୋଇଛି,ଧାନକଟା ସରିଲେ କାମ ଆରମ୍ଭ ହେବ, ରାସ୍ତା ଚୌଡା ହେବା ସହିତ ପେପର ବ୍ଲକ୍ କରାଯିବ। ସେହି ଆଶ୍ୱସନାର ସତ୍ୟତା ଯାହା ଥାଉନା କାହିଁକି ଅନାବନା ଘାସ କାଟିବାରେ ଯେଉଁ ବିଭାଗ ବିଫଳ ହେଲା ସେହି ବିଭାଗ ଏସବୁ କାମ କରିବାରେ କେତେ ସଫଳ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ।

# ଲକ୍ଷ୍ମୀ ବିକାଶ ଗ୍ରୁପ୍ ସଦସ୍ୟଙ୍କୁ ଏଜୁକେଶନ ୱାର୍ଲ୍ଡ ସମ୍ମାନ

ଭବାନୀପାଟଣା,୧୧।୧୧(ସମିସ): ଗୁଣାତ୍ମକ ଶିକ୍ଷା ସହ କ୍ରୀଡ଼ାର ଭିତ୍ତିଭୂମି ,ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଓ ଉତ୍ତମ ଶୈକ୍ଷିକ ବାତାବରଣ ନିମନ୍ତେ ଲକ୍ଷ୍ମୀ ବିକାଶ ଗ୍ରୁପ ସର୍ବଦା ଚର୍ଚ୍ଚାରେ ରହି ଆସିଛି।ଅନୁଷ୍ଠାନର ଚେୟାରମ୍ୟାନ ଡି ନାଗେଶ୍ୱର ରାଓଙ୍କ ବଳିଷ୍ଠ ଯୋଗଦାନ , କାର୍ଯ୍ୟ ଦକ୍ଷତା ଓ ସମର୍ପଣ ଭାବ ଯୋଗୁଁ ଏଜୁକେଶନ ୱାଲ୍ଡ଼ ଇଣ୍ଡିଆ ଟ୍ରୀ ଏୱାଡ଼ ୨୦୨୫-୨୬ ତରଫରୁ ପ୍ରୋଗ୍ରେସିଭ ଏଡୁକେଶନିଷ୍ଟ ସମ୍ମାନରେ ସମ୍ମାନିତ କରାଯାଇଛି। ଶିକ୍ଷା କ୍ଷେତ୍ରରେ ନିଜର ଉତ୍କୃଷ୍ଟ ଯୋଗଦାନ ଓ ବଳିଷ୍ଠ ନେତୃତ୍ୱ ପାଇଁ ଶିକ୍ଷା ପ୍ରଭାରୀ ଡି ବିଜୟାଙ୍କୁ ଏଜୁକେଶନ ୱାଲ୍ଡ଼ ଇଣ୍ଡିଆ ଟ୍ରୀ ଏୱାଡ଼ ୨୦୨୫-୨୬ ତରଫରୁ ଏମର ଜିଂ ଏଡୁ ପ୍ରେନୀୟର ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ବିକାଶ ଆବାସିକ ବିଦ୍ୟାଳୟ ଭବାନୀପାଟଣା, ଅଧକ୍ଷା ସୁଶ୍ରୀ ଆରତି ମିଶ୍ର ଓ ଲକ୍ଷ୍ମୀ ବିକାଶ ଗ୍ଲୋବାଲ ସ୍କୁଲ ଜୟପୁର ଅଧକ୍ଷ ଦେବାଶିଷ ବ୍ରହ୍ମାଙ୍କୁ ନିଜର ଦକ୍ଷତା ଓ ବଳିଷ୍ଠ ନେତୃତ୍ୱ ପାଇଁ ପ୍ରୋଗ୍ରେସିଭ ଏଡୁକେଶନିଷ୍ଟ ସମ୍ମାନରେ ସମ୍ମାନିତ କରାଯାଇଛି।ଭାରତ ଏଜୁକେଶବ ଏକ୍ସସେଲେନ୍ସ ଏୱାଡ଼ ୨୦୨୫



ତରଫରୁ ଶିକ୍ଷା କ୍ଷେତ୍ରରେ ନିଜର ବଳିଷ୍ଠ ଯୋଗଦାନ ଓ ନେତୃତ୍ୱ ପାଇଁ ନିର୍ଦ୍ଦେଶକ ଡି ରାମ କୁମାରଙ୍କୁ ଅନନ୍ତ ଆଚାର୍ଯ୍ୟ ଲିଡରସିପ ଏୱାଡ଼ରେ ସମ୍ମାନିତ କରାଯାଇଛି। ଚଳିତ ମାସ ତା ୯ ଓ ୧୦ ଦୁଇଦିନ ବ୍ୟାପୀ ରାୟପୁର ଠାରେ ଏଜୁକେଶନ ୱାଲଡ ତରଫରୁ ଭବ୍ୟ ସମାରୋହର ଆୟୋଜନ କରାଯାଇ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଜନକ ପୁରସ୍କାର ସମଗ୍ର ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ପାଇଁ ଗର୍ବ ଓ ଗୌରବର ବିଷୟ। ଏହା ଫଳରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନରେ ଖୁସିର ଲହରୀ ଖେଳିଯାଇଛି। ଆଗାମୀ ଦିନରେ ଲକ୍ଷ୍ମୀ ବିକାଶ ଗ୍ରୁପ ବିଦ୍ୟାର୍ଥୀ ମାନଙ୍କ ସାମଗ୍ରିକ ବିକାଶ ଦିଗରେ ଅଧିକ ଯତ୍ନବାନ ହେବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଡି ଶ୍ୟାମ ଓ ନିର୍ଦ୍ଦେଶକ ଡି ରାମ କୁମାର ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ବରିଷ୍ଠ ନାଗରିକ ଓ ପେନସନ ଭୋଗୀଙ୍କ ଆର୍ଥିକ ସଚେତନତା ଶିବିର

ଭବାନୀପାଟଣା,୧୧।୧୧(ସମିସ):ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ତରଫରୁ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ବରିଷ୍ଠ ନାଗରିକ ଓ ପେନସନ ଭୋଗୀଙ୍କ ପାଇଁ ଆର୍ଥିକ ସାକ୍ଷରତା ଓ ସାଇବର ଅପରାଧ ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ସେବା ବିବେକାନନ୍ଦ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା କୋଷାଗାର ଅଧିକାରୀ ପ୍ରଦୀପ ମଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ,ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ, ଜିଲ୍ଲା ଯୁବ ଅଧିକାରୀ ନେହେରୁ ଯୁବ କେନ୍ଦ୍ର ପ୍ରସନ୍ନ ମେହେର, ଆଇଆଇସି, ସାଇବର



କ୍ରାଇମ, ସର୍ବେଶ୍ୱର ମହାନ୍ତି, ଡିଓ, ପିଏଲ୍‌ଆଇ, ଅଭିଷେକ ପଣ୍ଡା ଯୋଗଦେଇ ଆର୍ଥିକ ସାକ୍ଷରତା ଓ ସାଇବର ଅପରାଧ ସମ୍ପର୍କରେ ଆଲୋକପାତ କରିଥିଲେ। କୌଣସି ଅର୍ଥ ଲଗାଣ ସଂସ୍ଥା, ଚିଟଫଣ୍ଡ ଠକେଇରେ ନ ପଡି ନିଜର ସଞ୍ଚୟ ଅର୍ଥକୁ କିପରି ସୁରକ୍ଷିତ ଭାବରେ ଜାତୀୟ ବ୍ୟାଙ୍କ, ପୋଷ୍ଟାଲ ଅଫିସ ମାଧ୍ୟମରେ ସଞ୍ଚୟ କରିରଖି ଲାଭବାନ ହୋଇପାରିବେ ସୂଚନା ଦେଇଥିଲେ। ଡାକଘର ମାଧ୍ୟମରେ ଉପଲବ୍ଧ ହେଉଥିବା ବିଭିନ୍ନ ସ୍କିମ୍‌ର ସଞ୍ଚୟ ଖାତା ଖୋଲି ତାର ଲାଭ କିପରି ଉଠାଇ ପାରିବେ ସେ ସମ୍ପର୍କରେ ପୋଷ୍ଟାଲ ବିଭାଗୀୟ ଅଧିକାରୀମାନେ ଅବଗତ କରାଇଥିଲେ। ବର୍ତ୍ତମାନ ସାଇବର୍ ଅପରାଧ ଘଟୁଥିବାରୁ ଏଥିପ୍ରତି କିପରି ସଚେତନ ହୋଇ ନିଜର ସ୍ମାର୍ଟ ଫୋନ ବ୍ୟବହାର ସମୟରେ ଅଧିକ ସଚେତନତା ଅବଲମ୍ବନ କରିବା ପାଇଁ ମଧ ଅତିଥିମାନେ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଜିଲ୍ଲା ସଭାପତି ଶରତ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଜେଲ ସୁପରିଟେଣ୍ଡେଣ୍ଟ ପ୍ରେମାନନ୍ଦ ବାଗ ଙ୍କ ସମେତ ଅବସର ପ୍ରାପ୍ତ ସରକାରୀ ଅଧିକାରୀ ,ପେନସନ୍ ଭୋଗୀ, ବରିଷ୍ଠ ନାଗରିକ ପ୍ରମୁଖ ଯୋଗଦେଇଥିଲେ।କାର୍ଯ୍ୟକ୍ରମ କୁ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ଶ୍ରୀ ମହାନନ୍ଦ ପରିଚାଳନା କରିଥିଲା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

# ୮୫ ବର୍ଷ ପରେ ବି ମିଳୁନି ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା



ଗୋଲାମୁଣ୍ଡା ୧୧।୧୧( ସମିସ): ୮୦ ବର୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ୩୫୦୦ ଟଙ୍କା ପ୍ରଦାନ କରିବାର ନିୟମ ରାଜ୍ୟ ସରକାର କରିଛନ୍ତି। ହେଲେ ଏବେ ବି ଅନେକ ବୃଦ୍ଧବୃଦ୍ଧା ବଞ୍ଚିତ ଅଛନ୍ତି ବର୍ଦ୍ଧିତ ଭତ୍ତା ପାଉ ନାହାନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ ଗୋଲାମୁଣ୍ଡା ବ୍ଲକ୍ ଦଶପୁର ପଞ୍ଚାୟତ ଗଞ୍ଜାପଡ଼ା (ଛତ୍ରପୁର) ଗ୍ରାମର ସନ୍ତୋଷ କଟା (୮୫) ପିତା ଦଶରଥ କଟାଙ୍କ ବୟସ ହୋଇ ଥିବା ବେଳେ ବର୍ଷ ବର୍ଷ ଧରି ଏକ ହଜାର ଟଙ୍କା ମିଳୁଛି ବୋଲି ପ୍ରକାଶ କରିଛନ୍ତି। ସେ ଜଣେ ଗରିବ ଶ୍ରେଣୀରେ ଲୋକ ହୋଇଥିବା ବେଳେ ରାସନକାର୍ଡରେ ପାଉଥିବା ୧୦ କିଲୋ ଚାଉଳ ଏବଂ ଭତ୍ତା ଟଙ୍କାରେ ବର୍ତ୍ତମାନର ମହଙ୍ଗା ସମୟରେ ସ୍ୱାମୀ ଏବଂ ସ୍ତ୍ରୀଙ୍କ ଗୁଜୁରାଣ ମେଣ୍ଟାଇବା ବହୁତ କଷ୍ଟକର ହୋଇପଡିଛି। ଏନେଇ ଅନେକ ଥର ଆବଶ୍ୟକ କାଗଜପତ୍ର ପଞ୍ଚାୟତରେ ପ୍ରଦାନ କରିଥିବା ମଧ୍ୟ ପ୍ରକାଶ କରିଛନ୍ତି। ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ୩୫୦୦ ଟଙ୍କା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ନୂଆଗାଁ ଆଞ୍ଚଳିକ ଯାଦବ ସମାଜର କର୍ମକର୍ତ୍ତା ଚୟନ



ଗୋଲାମୁଣ୍ଡା,୧୧।୧୧(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଯାଦବ ସମାଜ ଅନ୍ତର୍ଗତ ନୂଆଗାଁ ଆଞ୍ଚଳିକ ଯାଦବ ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଗୋଲାମୁଣ୍ଡା ବ୍ଲକ୍ ଯାଦବ ସମାଜ ସଭାପତି ଗିରିଧାରୀ ତେଜିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ୍ ଯାଦବ ସମାଜର ସଂପାଦକ ପରୀକ୍ଷିତ ଖର୍ସେଲ,ଉପସଭାପତି ରେବା କଟା ,କେଗାଁ ଜୋନାଲ ସଭାପତ ଦିନରାମ କେତକୀ, ସମାଜସେବୀ ତଥା ଯୁବ ସାମ୍ବାଦିକ ବ୍ରହ୍ମା ପ୍ରସାଦ କାଣ୍ଡ ପ୍ରମୁଖ ଉପସ୍ଥିତିରେ କରଞ୍ଜକୋଟ ଶିବ ମନ୍ଦିର ପ୍ରାଙ୍ଗଣରେ ସମାଜ ସଂକ୍ରାନ୍ତିୟ ଆଲୋଚନା ସହିତ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବରେ ଚନ୍ଦ୍ରଧ୍ୱଜ ଚନ୍ଦନ, ଉପସଭାପତି ଧ୍ୱଜ ନାଗ,ସଂପାଦକ ବିପିନ ହଂସ ,ଯୁଗ୍ମସଂପାଦକ କୁମୁଦ ବାଗ, କୋଷାଧ୍ୟକ୍ଷ କୁରୁକ୍ଷେତ୍ର ବନ୍ଦିଛୋଡକୁ ଚୟନ ହୋଇଥିଲା।

# ଆଇଏଏସ୍ ଅଧିକାରୀଙ୍କ ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

ମ.ରାମପୁର,୧୧।୧୧(ସମିସ):କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍ ମଦନପୁରରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟକୁ ଭାରତୀୟ ପ୍ରଶାସନିକ ସେବା ଅଧିକାରୀମାନଙ୍କ ପରିଦର୍ଶନରେ ଯାଇଥିଲେ। ଓଏଭିର ଅଧକ୍ଷ ସଂଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଏଏସ୍ ଅଧିକାରୀ ଉମେଶ କୁମାର ମୀନା,ଛାୟା କୁମାର ,ନେହା



କରଦମ୍, ଶ୍ରେୟାଶ ରାଓ ଜି,ଗୁର୍‌କନ୍‌ୱାଲ ସିଂହ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଜ ଜୀବନରେ ଭାରତୀୟ ପ୍ରଶାସନିକ ଅଧିକାରୀ ହେବା ପଛର ସଂଘର୍ଷ, ସଫଳତା ଓ ଦାୟିତ୍ୱ ସଂପର୍କରେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିବା ସହିତ ଛାତ୍ରଛାତ୍ରୀମାନେ ଜୀବନରେ ସଫଳତା ପାଇବା ପାଇଁ ଶୃଙ୍ଖଳା,ତ୍ୟାଗ ଓ ଉତ୍ସର୍ଗିକୃତ ମନୋଭାବ ପୋଷଣ କରିବା ଉଚିତ ବୋଲି ମତ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମଧ୍ୟ ନିଜ ନିଜ ମନର ଶଙ୍କା ଦୂର କରିବାକୁ ଏକ ସ୍ୱତନ୍ତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ମ.ରାମପୁର ବିଡିଓ ଶରତ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ଜଗନ୍ନାଥ ବିଶ୍ୱାଳ ଧନ୍ୟବାଦାର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଲାଞ୍ଜିଗଡ଼ ଗସ୍ତରେ ରାଜ୍ୟ ଫୁଡ୍ କମିଶନ ସଦସ୍ୟ

# ସ୍କୁଲ,ଅଙ୍ଗନବାଡି କେନ୍ଦ୍ର ଓ ପଞ୍ଚାୟତ ପିଡିଏସ୍ ତଦାରଖ

ଲାଞ୍ଜିଗଡ଼,୧୧।୧୧(ସମିସ): କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁସିତ ଲାଞ୍ଜିଗଡ଼ ବ୍ଲକ୍ ସରକାରଙ୍କ ଅନେକ ଲୋକାଭିମୁଖୀ ଯୋଜନା ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟର ସମୀକ୍ଷା ପାଇଁ ଜିଲ୍ଲା ଏବଂ ରାଜ୍ୟ ସ୍ତରରୁ ଅନେକ ପଦାଧିକାରୀ ଆସୁଥିବା ବେଳେ ମଙ୍ଗଳବାର ରାଜ୍ୟ ଫୁଡ୍ କମିଶନ ସଦସ୍ୟ ଦେବାଶିଷ ଦାସ ଓ ଅକ୍ଷୟ କୁମାର ବେହେରା ଲାଞ୍ଜିଗଡ଼ ବ୍ଲକ୍‌କୁ ଦିନିକିଆ ଗସ୍ତ କରି ଅଙ୍ଗନବାଡ଼ି କେନ୍ଦ୍ର,ପଞ୍ଚାୟତ ପିଡିଏସ, ସ୍କୁଲ ମାନଙ୍କ ଏମଡିଏମ, ଆରୋଗ୍ୟ କେନ୍ଦ୍ର, ଅମ୍ଳାନ, ପୁଷ୍ଟି କର ଖାଦ୍ୟ ସହିତ ଛତୁଆ ପ୍ରସ୍ତୁତି ପ୍ରକିୟା କେନ୍ଦ୍ର ସମୀକ୍ଷା କରିଛନ୍ତି। ପ୍ରଥମେ ଲାଞ୍ଜିଗଡ଼ ବ୍ଲକର ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟ କାଉଗୁଡାରେ ପହଞ୍ଚି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରାଙ୍କ ସହିତ ଆଲୋଚନା କରିବା ସହିତ ବାଳକ ହଷ୍ଟେଲରେ ଏମଡିଏମକୁ ନେଇ ବିରକ୍ତି ପ୍ରକାଶ କରିଥିଲେ।ରୋଷେଇ କରିବା ପାଇଁ ଶୁଖିଲା ଓ ପଚା ପନିପରିବା ବ୍ୟବହାର କରି ଏମଡିଏମ୍ ଦିଆଯାଉ ଥିବା ଦେଖିବାକୁ ପାଇଥିଲେ। ଛାତ୍ରଛାତ୍ରୀଙ୍କୁ ଶୋଇବା ପାଇଁ



ମେଟ୍ରସ ବା ଗଦି ନଥିବା ବେଳେ ସେମାନଙ୍କୁ ଶୀଘ୍ର ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୋଖରୀବନ୍ଧ ପଞ୍ଚାୟତ ପିଡ଼ିଏସ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏମଡିଏମ, ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାପରେ ବିଶ୍ୱନାଥପୁର ପଞ୍ଚାୟତ ଅନ୍ତର୍ଗତ ଡୁମେରମୁଣ୍ଡା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଶିଶୁଙ୍କୁ ବିଳମ୍ବରେ ଖାଦ୍ୟ ଦିଆଯାଇଛି ବୋଲି ବିରକ୍ତ ପ୍ରକାଶ କରିଥିଲେ। ସେଠାରେ ଥିବା ପ୍ରାଥମିକ ବିଦ୍ୟାଳୟର ଏମଡିଏମ୍ ତଦାରଖ କରି ପିଲାଙ୍କୁ ପାଠ କିଭଳି ପଢ଼ା ଯାଉଛି ସେନେଇ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଡୁମେରମୁଣ୍ଡା ଠାରେ ଥିବା ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହିତ ଆଲୋଚନା କରି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିରୁପମା ପଟ୍ଟନାୟକଙ୍କୁ ଛତୁଆ ପ୍ରସ୍ତୁତି ପୂର୍ବରୁ ଥରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଚମ୍ପାଦେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରକୁ ଆସି ପିଲାଙ୍କ ପାଠପଢା ସହିତ ସ୍କୁଲ ଏମଡିଏମ୍ ନେଇ ତଦନ୍ତ କରିଥିଲେ। ସେହିପରି ବିଶ୍ୱନାଥପୁର ସ୍ଥିତ ଧଅଁରାଭଟାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯାଇ ସ୍କୁଲ ଏମଡିଏମକୁ ନେଇ ପାଚିକାଙ୍କ ସହିତ ଆଲୋଚନା କରିଥିଲେ।ପାଚିକାମାନେ ନିୟମିତ ତାଙ୍କ ବେତନ ମିଳୁନଥିବା ଅଭିଯୋଗ କରିଥିଲେ। ଏହାପରେ ତ୍ରିଲୋଚନପୁର ପଞ୍ଚାୟତ ଫୁଲଡୁମେର ଗାଁକୁ ଯାଇ ଲିଭିଟିଜି ଲୋକଙ୍କ ଜୀବନ ଶୈଳୀକୁ ନେଇ ଆଲୋଚନା କରିଥିଲେ। ତ୍ରିଲୋଚନପୁର ପଞ୍ଚାୟତରେ ଅଙ୍ଗନବାଡି କେନ୍ଦ୍ର ମାନେ ନିୟମିତ ଖୋଲୁନଥିବା ନେଇ ପଞ୍ଚାୟତ ନାଏବ ସରପଞ୍ଚ ତରଣିସେନ ବାଗ ଅଭିଯୋଗ କରିଥିଲେ।ଗସ୍ତ କାର୍ଯ୍ୟକ୍ରମରେ ଫୁଡ୍ କମିଶନ ସଦସ୍ୟଙ୍କ ସହିତ ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ର, ବିଇଓ ରୁଷିଆ ମେହେର,ବ୍ଲକ୍ ଯୋଗାଣ ଅଧିକାରୀ ଦିଲ୍ଲୀପ ନାୟକ,ସିଡ଼ିପିଇଓ ନିରୁପମା ପଟ୍ଟନାୟକ,ବ୍ଲକ୍ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଡ଼ାବନ୍ଧ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା



ଲାଞ୍ଜିଗଡ଼,୧୧।୧୧(ସମିସ): ଲାଞ୍ଜିଗଡ଼ ବ୍ଲକ୍ ଚମ୍ପାଦେଇପୁର କ୍ଲଷ୍ଟର ଯୋଡାବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝୀ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଲକ୍ଷ୍ମୀଧର ସନ୍ତୋଷ ରାୟ, ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ ରଂଜନ ସାହୁ, ଗୋବର୍ଦ୍ଧନପୁର ପୂର୍ବତନ କ୍ଲଷ୍ଟର ସଂଯୋଜକ ତପନ କୁମାର ଭୋଇ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ମଲ୍ଲ,ବିଜ୍ଞାନ ଶିକ୍ଷକ ବିଘ୍ନରାଜ ବିଶ୍ୱାଳ,ଲକ୍ଷ୍ମୀଧର ସିଂ ପ୍ରମୁଖ ମଞ୍ଚାସିନ ଥିଲେ।କାର୍ଯ୍ୟକ୍ରମରେ ମୋଟ ୩୦ଟି ପ୍ରକଳ୍ପ ଛାତ୍ରଛାତ୍ରୀ ପ୍ରଦର୍ଶନୀ କରିଥିଲେ।ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପଦକ ଓ ଟ୍ରଫି ଦେଇ ଉତ୍ସାହିତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳାରେ ଭାଗ ନେବେ। ବିଚାରକ ଭାବରେ କ୍ଲଷ୍ଟର ସଂଯୋଜକ ଶ୍ରୀ ସାହୁ ,ବିଜ୍ଞାନଶିକ୍ଷକ ଶ୍ରୀ ବିଶ୍ୱାଳ, ଶ୍ରୀ ସିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରତ୍ୟେକ ପ୍ରକଳ୍ପ ମୂଲ୍ୟାୟନ କରିଥଲେ। ମଞ୍ଚ ପରିଚାଳନା ଖେଳ ଶିକ୍ଷକ ଅନନ୍ତ ନାୟକ କରିଥିବା ବେଳେ କାର୍ଯ୍ୟକ୍ରମକୁ ଶିକ୍ଷକ ଧିରେନ ପ୍ରଧାନ, ଚିତ୍ତ ରଂଜନ ବାରିକ,କାର୍ତ୍ତିକ ଦାସ,ରାଜେନ୍ଦ୍ର ନାୟକ,ସୁବାସ ନାଏକ,ପୁରନ୍ଦର ନାଏକ ପ୍ରମୁଖ ସହଯୋଗ କରିଥିଲେ।

MISSING



ନାମ - ନରେସ ସ୍ୱାଇଁ
ବୟସ- ୫୨ ବର୍ଷ
ଉଚ୍ଚତା- ୫ ଫୁଟ୍ ୪ ଇଞ୍ଚ୍
(ମଧମ ଶରୀର, ଶ୍ୟାମଳ ରଙ୍ଗ)
ମାନସିକ ଅବସ୍ଥା ଅସ୍ଥିର ଅଟେ। ଶେଷ ଥର ପାଇଁ ଫୁଲନଖରା ଓଭରବ୍ରିଜ ତଳେ ଦେଖାଯାଇଥିଲେ ।ସେ ଲୁଙ୍ଗି ଆଉ ଗେଞ୍ଜି ପିନ୍ଧିଥିଲେ ।ସେ ଛୋଟେଇ କରି ଚାଲନ୍ତି ତାଙ୍କ ବାମ ଗୋଡ ଛୋଟା ଅଟେ । ଯଦି କେହି ସହୃଦୟ ବ୍ୟକ୍ତି ଆଙ୍କର କୌଣସି ସନ୍ଧାନ ପାଆନ୍ତି। ତାହେଲେ ଏହି ଠିକଣାରେ ଜଣେଇବାକୁ ଅନୁରୋଧ ।
କେଶବ ଚନ୍ଦ୍ର ସ୍ୱାଇଁ,
ଖଣ୍ଡାସାହି, କାକଟପୁର, ପୁରୀ,
ମୋ.: ୯୧୨୪୯୦୯୩୨୬,
୮୭୩୩୦୪୬୧୨୩ ।

### ଜୋନ୍‌ସ୍ତରୀୟ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ

# ସାଲିଆ ଟୋଲିର ଓରାମ ସାଂସ୍କୃତିକ ନୃତ୍ୟ ଦଳ ଚାମ୍ପିଅନ୍





**ରାଉରକେଲା, ୧୧।୧୧(ସମିସ)**

ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର୍ ବିଭାଗ ଦ୍ୱାରା ଲାଠିକଟା ବ୍ଲକ ଅନ୍ତର୍ଗତ ତେଲିଟୋଲା ଟାଇନ୍ସର ଗ୍ରାମରେ ଜୋନ୍‌ସ୍ତରୀୟ 'ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ' ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଗାଁର ୩୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଏହାର ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ସହର ସେବା ଓ ସିଏସ୍‌ଆର୍ ବିଭାଗର ସିଜିଏମ୍ ଟିଜି କାନେକର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ସିଏସ୍‌ଆର୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁନ ମିତ୍ର, ଡିଜିଏମ୍ ଆର୍‌ଏସ୍ ବାରା, ଡିଜିଏମ ଟି ବି ଟପ୍ପୋ, ଏଜିଏମ୍ ବି ଜେନା, ଡେପୁଟି ମ୍ୟାନେଜର ଏସ୍‌କେ ସୁକୁଲା, ଲାଠିକଟା ଜିଲ୍ଲା ପରିଷଦ ସଦସ୍ୟା ସଞ୍ଜୁକ୍ତା ବିନ୍ଦୁ ବାର୍ଲା, ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ର ଋଦ୍ଧିମନ୍ତ ଆଦିବାସୀ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ତଥା ସାଂସ୍କୃତିକ ଐତିହ୍ୟର ପ୍ରୋତ୍ସାହନ ପାଇଁ ସିଏସ୍‌ଆର ବିଭାଗର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ତରୁଣ ମିଶ୍ର ପ୍ରତିଯୋଗିତାର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିବାବେଳେ ଶ୍ରୀ କାନେକର ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସାଲିଆ ଟୋଲିର ଓରାମ ସାଂସ୍କୃତିକ ନୃତ୍ୟ ଦଳ ପ୍ରଥମ ପୁରସ୍କାର ଆକାରରେ ୧୦୦୦୦ ଟଙ୍କା ପୁରସ୍କାର ରାଶି ଏବଂ ଚମ୍ପିୟାନ ଟ୍ରଫି ପାଇଥିବା ବେଳେ ନୂଆଗାଁ ଗ୍ରାମର କର୍ମ କଳା ପରିଷଦ ନୃତ୍ୟ ଦଳ ଦ୍ୱିତୀୟ ପୁରସ୍କାର ରୂପେ ୮୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ବେତଉରା ଗ୍ରାମର ଜୟ ମା' ସାରନା ଆଦି ଶକ୍ତି ନୃତ୍ୟ ଦଳ ତୃତୀୟ ପୁରସ୍କାର ଆକାରରେ ୬୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ପାଇଥିଲେ। ଏହି ଅବସରରେ ବିଚାରକ ମଣ୍ଡଳୀ ସଦସ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅଂଶଗ୍ରହଣକାରୀ ଅବଶିଷ୍ଟ ୨୭ଟି ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ପ୍ରତ୍ୟେକ ଦଳକୁ ୨୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ନୃତ୍ୟ ଉତ୍ସବ ତେଲିଟୋଲାର ଶ୍ରୀରାମ ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଆର୍‌ଏସ୍‌ପି ସିଏସ୍‌ଆର ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଟିବି ଟପ୍ପୋ ଧନ୍ୟବାଦ ଦେଇଥିଲେ। ସିଏସ୍‌ଆର ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ସ୍ଥାନୀୟ ତଥା ଆଖପାଖ ଗାଁ ଲୋକ ଏହି ନୃତ୍ୟୋତ୍ସବର ଆନନ୍ଦ ନେଇଥିଲେ।

## ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସିଆଇଟିୟୁର ଗଣଧାରଣା



**ବଣାଇଁ, ୧୧।୧୧(ସମିସ):** ସିଆଇଟିୟୁ ସମର୍ଥିତ ସଙ୍ଗଠନ ସୁନ୍ଦରଗଡ଼ ମାଇନ୍ସ ଏଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ଆଜି ୪ ଦଫା ଦାବି ପୂରଣ ନେଇ ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପରେ ବଣାଇଁ ଉପଜିଲାପାଳ ଅକ୍ଷୟ ପିଲ୍ଲେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ସଂଗଠନର ୧୦ ଦଫା ସମ୍ବଳିତ ଦାବି ସମ୍ପର୍କରେ ଆଲୋଚନା ୩ଟି ପକ୍ଷଙ୍କୁ ନେଇ ହୋଇଥିଲା। ସିଆଇଟିୟୁ ପକ୍ଷରୁ କରାଯାଇଥିବା ୧୦ ଦଫା ଦାବି ମଧ୍ୟରେ ୭୦୦ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଟେକ୍ନିସିଆନ, ଡାଟା ଏଣ୍ଟ୍ରି ଅପରେଟର, ଲାବୋରେଟୋରୀ ଆସିଷ୍ଟାଣ୍ଟ ପ୍ରମୁଖ ନିଯୁକ୍ତିକୁ ଅଗ୍ରାଧିକାର, ନଭେମ୍ବର ୩୦ ସୁଦ୍ଧା ୨୦୦ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ନଭେମ୍ବର ୩୦ରେ ୫୦ ଜଣ ସ୍ଥାନୀୟ ମହିଳାଙ୍କୁ ନିଯୁକ୍ତି, ଉପଯୁକ୍ତ ଶିକ୍ଷାଦାନ ପାଇଁ ଖଣି ଉତ୍ତୋଳନ କେନ୍ଦ୍ର ନିକଟରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦେବା, ସରକାରୀ ନିୟମ ଅନୁଯାୟୀ ମଜୁରୀ ପ୍ରଦାନ, ଖଣି ପ୍ରଭାବିତ ଗ୍ରାମ ଗୁଡ଼ିକରେ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ସହାୟତାରେ ଗୋଷ୍ଠୀ କେନ୍ଦ୍ର ଖୋଲିବା ଭଳି ଦାବି ରହିଥିଲା। ସ୍ଥାନୀୟ ଜନପ୍ରତିନିଧି ଏବଂ ପ୍ରଶାସନ ଅଧିକାରୀଙ୍କ ଉପସ୍ଥିତିରେ କମ୍ପାନୀ ପ୍ରତିନିଧିମାନେ ଦାବି ପୂରଣ କରିବାକୁ ସମ୍ମତି ପ୍ରକାଶ କରି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ୧୦ ପ୍ରତିଶ୍ରୁତି ମଧ୍ୟରୁ ୬ ଦାବି ପୂରଣ କରିଥିବାବେଳେ ଅନ୍ୟ ୪ ଟି ଦାବି ପୂରଣ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ। ଯାହାର ପ୍ରତିବାଦରେ ଆଜି ୟୁନିଅନ ପକ୍ଷରୁ ଧାରଣା ଦିଆଯାଇଥିଲା। ପରେ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ କେତେକ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବାସନ୍ତୀ ପାଠାଗାର ଯୋଗ ପ୍ରଶିକ୍ଷଣ କେନ୍ଦ୍ରର ବାର୍ଷିକୋତ୍ସବ



**ରାଉରକେଲା, ୧୧।୧୧(ସମିସ):** ସ୍ଥାନୀୟ ବାସନ୍ତୀ କଲୋନୀ ସ୍ଥିତ ବାସନ୍ତୀ ପାଠାଗାର ଯୋଗ ପ୍ରଶିକ୍ଷଣ କେନ୍ଦ୍ରର ୧୯ତମ ବାର୍ଷିକ ଉତ୍ସବ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ଯୋଗ ପ୍ରଶିକ୍ଷକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ବାସନ୍ତୀ ପାଠାଗାରର ସଭାପତି ପ୍ରସନ୍ନ କୁମାର ସାବତ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କବି କୁଞ୍ଜ ବିହାରୀ ରାଉତ, ଯୋଗଗୁରୁ ପୀତବାସ ପ୍ରଧାନ, ଯୋଗଗୁରୁ ହରି ମହାନ୍ତି ପ୍ରମୁଖ ଯୋଗଦେଇ ଯୋଗର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଶ୍ରୀ ମହାନ୍ତି ବିଭିନ୍ନ ପଶୁ, ପକ୍ଷୀ, ବାଦ୍ୟଯନ୍ତ୍ରର ଅନୁକରଣ ସ୍ୱର କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ଏହି ଅବସରରେ ଯୋଗଶିକ୍ଷା କରୁଥିବା କବିତା ଦାଶ, ସୁଭାଷିନୀ ସାହୁ, ପ୍ରିୟା ପାତ୍ର, ଗୀତାଞ୍ଜଳି ମହାରଣା, ରବୀନ୍ଦ୍ର ଠାକୁର, ପ୍ରଦୀପ ସାହୁ, ସୁପ୍ରିୟା ଜେନା ପ୍ରମୁଖ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଆବାହକ ଶ୍ରୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଷ୍ଣୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଶିକ୍ଷା କେନ୍ଦ୍ରର ସ୍ୱର୍ଣ୍ଣଲତା, ନିରୁପମା, କଳ୍ପନା, କାମିନୀ, ସୌଦାମିନୀ, ସଞ୍ଜନା, ସୁପ୍ରିୟା, ପ୍ରଭାସିନୀ, ସସ୍ମିତା, ମେଘା, ରମେଶ, ବିବେକ, ପୁତୁଲ, କମଳାକାନ୍ତ, ଭାନୁଲତା, କୈଳାଶ, କବିତା, ପ୍ରୀୟା, ସୁଭାଷିନୀ, ଗୀତାଞ୍ଜଳି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାବା ବାଣେଶ୍ୱର ମନ୍ଦିରକୁ ମିଳିବ ପର୍ଯ୍ୟଟନ ସ୍ଥଳ ମାନ୍ୟତା

**ବଣାଇଁ, ୧୧।୧୧(ସମିସ):** ପ୍ରକୃତିର ଅପରୂପ ଶୋଭା ସମ୍ଭାରରେ ବିମଣ୍ଡିତ ସୁନ୍ଦରଗଡ଼ ଜିଲ୍ଲାର ଏବେ ଅନେକ ଗୁଡ଼ିଏ ସ୍ଥାନ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବାକୁ ଯାଉଛି। ଏଥିପାଇଁ ସରକାରୀସ୍ତରରେ ପ୍ରୟାସ ଆରମ୍ଭ ହୋଇଯାଇଛି। ଜିଲ୍ଲାରେ ୩୩ଟି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ସହ ବିକାଶ କରିବା ପାଇଁ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗକୁ ପ୍ରସ୍ତାବ ଦେଇଥିଲେ। ଏଥିରେ ବଣାଇଁ ବ୍ଲକର ବାବା ବାଣେଶ୍ୱର ମନ୍ଦିର ସମେତ ଗୁରୁଣ୍ଡିଆ ବ୍ଲକର ରୁକୁଡା ଡ୍ୟାମ ଓ ବାଦଲଗିରି ଜଳପ୍ରପାତ ରହିଛି।



ଏଥିସହ ଲହୁଣୀପଡ଼ା ବ୍ଲକ କୁର୍ଡା ପଞ୍ଚାୟତର ଶିଙ୍ଗାରଦେଇ, ତାଳବାହାଲୀ ପଞ୍ଚାୟତର ଅଶୋକଝରଣ, ଫୁଲଝର ପଞ୍ଚାୟତର ମିରିଗ ଲୈଟାଣୀ, ଦର୍ଜି ପଞ୍ଚାୟତର ଦେଓଧର, ବିଶେଶ୍ୱର ମନ୍ଦିର ଓ କଲେଇପୋଷ କଟା ସ୍ଥାନ ପାଇଛି। ଜିଲ୍ଲା ତଥା ବଣାଇଁ ଉପଖଣ୍ଡରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସକାଶେ ସବିସ୍ତୃତ ଯୋଜନାର ରୂପରେଖ ପ୍ରସ୍ତୁତ କରିବା ପାଇଁ ଗତ ଅକ୍ଟୋବର ୧୮ ତାରିଖରେ ଚିଠି ସଂଖ୍ୟା ୧୨୧୮୫ ଯୋଗେ ପର୍ଯ୍ୟଟନ ବିଭାଗ ଜିଲ୍ଲାପାଳଙ୍କୁ ପତ୍ର ଦେବା ସହ ସେସବୁ ସ୍ଥାନ ଗୁଡ଼ିକ ପରିଦର୍ଶନ କରିବା ସହ ଉପଯୁକ୍ତ ସ୍ଥାନ ନିରୂପଣ କରି, ପ୍ଲାନ୍, ଡିଜାଇନ୍, ଏଷ୍ଟିମେଣ୍ଟ ସହ ଡିପିଆର ପ୍ରସ୍ତୁତ କରି ଅତିଶୀଘ୍ର ବିଭାଗ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ବିଶେଷ ଭାବେ ବଣାଇଁ ସ୍ଥିତ ବାବା ବାଣେଶ୍ୱର ମନ୍ଦିର ଓ ମା' ଶିଙ୍ଗାରଦେଇ ପୀଠ ଏକ ମନୋରମ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହେବା ନେଇ ସୂଚନା ମିଳିଛି। ପର୍ଯ୍ୟଟନ ସ୍ଥଳର ମାନ୍ୟତା ମିଳିବା ପରେ ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ଏହି ପାହାଡ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ଏହା ହେଲେ ସ୍ଥାନୀୟ ଅଞ୍ଚଳର ରୋଜଗାର ବଢ଼ିବା ସହିତ ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶ ହୋଇପାରିବ, ଯାହାକୁ ନେଇ ସରକାରୀସ୍ତରରେ ପ୍ରୟାସ ଆରମ୍ଭ ହେବା ପରେ ବଣାଇଁବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

## ଆର୍‌ଏସ୍‌ପି ନୂତନ ପ୍ଲେଟ୍ ମିଲରେ କ୍ୟାପିଟାଲ ମରାମତି ଆରମ୍ଭ



**ରାଉରକେଲା, ୧୧।୧୧(ସମିସ):** ସୁରକ୍ଷା ଅଭ୍ୟାସକୁ ଆହୁରି ସୁଦୃଢ଼ କରିବା ଏବଂ କର୍ମଚାରୀ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଚଳିତ କ୍ୟାପିଟାଲ ମରାମତି -୨୦୨୫ ସମୟରେ ନୂତନ ପ୍ଲେଟ୍ ମିଲ୍ (ଏନପିଏମ)ରେ ଏକ ସୁରକ୍ଷା କର୍ଣ୍ଣର ପ୍ରତିଷ୍ଠା କରାଯାଇଛି। ମିଲର ୧୦ ଦିନିଆ କ୍ୟାପିଟାଲ ମରାମତି ଆରମ୍ଭ ହୋଇଛି। ଏହି ସୁରକ୍ଷା ସୁବିଧାରେ ବ୍ୟାପକ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହିତ ସଜ୍ଜିତ, ଯେଉଁଥିରେ ତିନୋଟି ସିଫ୍ଟରେ ନିୟୋଜିତ ତାଲିମପ୍ରାପ୍ତ ପ୍ରାଥମିକ ଚିକିତ୍ସାକାରୀ, ଅଗ୍ନି ନିର୍ବାପକ, ଓଆରଏସ ସହିତ ପାନୀୟ ଜଳ, ଏକ ବିଶ୍ରାମ କ୍ଷେତ୍ର ଏବଂ ପ୍ରମୁଖ ଭାବରେ ପ୍ରଦର୍ଶିତ ଜରୁରୀକାଳୀନ ଯୋଗାଯୋଗ ବିବରଣୀ ଅନ୍ତର୍ଭୁକ୍ତ ରହିଛି। ଏହା ସହିତ ସୁରକ୍ଷା ସଚେତନତା ବୃଦ୍ଧି କରିବା ପାଇଁ କାର୍ଯ୍ୟ ନିର୍ଦ୍ଦିଷ୍ଟ କ'ଣ କରିବେ ଏବଂ କ'ଣ କରିବେ ନାହିଁ ଏବଂ ଜୀବନ ରକ୍ଷାକାରୀ କୌଶଳ ଉପରେ ସୂଚନାପ୍ରଦ ପୋଷ୍ଟର ପ୍ରଦର୍ଶିତ ହୋଇଛି। ସୁରକ୍ଷିତ କାର୍ଯ୍ୟ ଅଭ୍ୟାସକୁ ସୁଦୃଢ଼ କରିବା ଏବଂ ମରାମତି କାର୍ଯ୍ୟକଳାପରେ ନିୟୋଜିତ କର୍ମଚାରୀଙ୍କ ମଧ୍ୟରେ ଉଚ୍ଚସ୍ତରର ସୁରକ୍ଷା ଚେତନା ବଜାୟ ରଖିବା ପାଇଁ ସମସ୍ତ ସିଫ୍ଟରେ ନିୟମିତ ଟୁଲ୍ ବକ୍ସ ଆଲୋଚନା କରାଯାଉଛି। ଏନ୍‌ପିଏମ୍ ଓ ଏସପିପି ବିଭାଗର ସିଜିଏମ ଆରକେ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଏହି ପଦକ୍ଷେପ ନିଆଯାଇଛି। ଏଥିରେ ଜିଏମ୍ ଅପରେସନ ନୀଳମଣି ମହାପାତ୍ର, ଜିଏମ୍ ମେକାନିକଲ ସୁଧାକର ସୁବ୍ରମଣ୍ୟମ୍ ଏବଂ ଜିଏମ୍ ଇଲେକ୍ଟ୍ରିକଲ ଅମିତ ରାୱତ ଯୋଗଦେଇଥିଲେ। ଏନ୍‌ପିଏମ ବିଭାଗର ଡିଏସଓ ସୁମନ କୁମାର ସୁରକ୍ଷା କର୍ଣ୍ଣର ପ୍ରତିଷ୍ଠା କାର୍ଯ୍ୟଧାରା ପରିଚାଳନା କରିଥିଲେ।

## ଭାରତ ଚ୍ୟାମ୍ବର ଅଫ୍ କମର୍ସର ସଚେତନତା କାର୍ଯ୍ୟକ୍ରମ



**ରାଉରକେଲା, ୧୧।୧୧(ସମିସ):** ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରତା ନେଇ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ମନ୍ତ୍ରାଳୟର ସହଭାଗିତାରେ ଭାରତ ଚ୍ୟାମ୍ବର ଅଫ୍ କମର୍ସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ରାଉରକେଲାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ମଳୟ ମଣ୍ଡଳ ସ୍ୱାଗତ ଭାଷଣ ଦେଇ ରାଉରକେଲାରେ ଯେତକ ଶିଳ୍ପ ରହିଛି, ସେସବୁ ଶିଳ୍ପରେ ପ୍ରତିରକ୍ଷା ସାମଗ୍ରୀ କିପରି ପ୍ରସ୍ତୁତ କରିପାରିବେ ତାହା ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ପଶ୍ଚିମବଙ୍ଗରୁ ଆସିଥିବା ଏରୋସ୍ପେଶ ଏଣ୍ଡ ଡିଫେନ୍ସ ଇରନେଷ୍ଟ ଏଣ୍ଡ ୟଙ୍ଗ୍ ଏଲ୍‌ଏଲପିର ପ୍ରବନ୍ଧକ ବଲପ୍ରିତ ସିଂହ, ଭାରତ ସରକାରଙ୍କ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ମନ୍ତ୍ରାଳୟର ଉପନିର୍ଦ୍ଦେଶକ ସାଧାରଣ (ଏନଡିସିଡି) ଆନନ୍ଦ କୁମାର ସିଂହ, ବଡମାଲ ଅର୍ଡନାନ୍ସ କାରଖାନା ମ୍ୟୁନିସନ୍ସ ଇଣ୍ଡିଆ ଲିମିଟେଡର ଅତିରିକ୍ତ ସାଧାରଣ ପ୍ରବନ୍ଧକ ରାମ କୁମାର ଏବଂ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିକାଶ ସଂସ୍ଥାନର ଯୁଗ୍ମ ନିର୍ଦ୍ଦେଶକ ଏସ୍‌କେ ସାହୁ ଯୋଗଦେଇ ଆଲୋଚ୍ୟ ବିଷୟ ଉପରେ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ଭାରତ ଚ୍ୟାମ୍ବର ଅଫ୍ କମର୍ସର ସାଧାରଣ ସମ୍ପାଦିକା କେକା ଶର୍ମା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ଅଭିକ ରାୟ ଧନ୍ୟବାଦ ଦେଇଥିଲେ।


## ହେରୋଇନ୍ ଚାଲାଣକାରୀ ଗିରଫ

**ରାଉରକେଲା, ୧୧।୧୧(ସମିସ):** ହେରୋଇନ ଚାଲାଣ ବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଟ୍ରାଫିକ ଗେଟ୍ ପଞ୍ଚ ମନ୍ଦିର ନିକଟର ଆକାଶ ସୋନକର (୨୪) ବୋଲି ଜଣାପଡ଼ିଛି। ଅଭିଯୁକ୍ତ ନିକଟରୁ ୧୫ ଗ୍ରାମ ୯୨ ମିଲିଗ୍ରାମ ଓଜନର ହେରୋଇନ, ବାଇକ୍ ଓ ମୋବାଇଲ ଜବତ କରାଯାଇଛି। ଏସ୍‌ଆଇ ଗିରିଜା ନନ୍ଦିନୀ ଗର୍ଡ଼ିଆ ନିଜ ଟିମ୍ ସହ ମଙ୍ଗଳବାର ପାଟ୍ରୋଲିଂ କରୁଥିଲା ବେଳେ କଂଗ୍ରେସ ଭବନ ନିକଟ ସ' ମିଲ ରାସ୍ତାରେ ଆକାଶକୁ ସନ୍ଦେହ ଜନକ ଅବସ୍ଥାରେ ଦେଖି ଯାଞ୍ଚ କରିଥିଲେ। ପରେ ତା ନିକଟରେ ହେରୋଇନ ଥିବା ଜଣାପଡ଼ିଥିଲା। ସ୍କୁଲ ଓ କଲେଜ ଛାତ୍ରଙ୍କୁ ଚାଲାଣ କରିବାକୁ ଯାଉଥିବା ନେଇ ଆକାଶ ପୁଲିସ ନିକଟରେ ସ୍ୱୀକାର କରିଛି। ଗିରଫ ଆକାଶ ନାଁରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ୨ଟି ଓ ବ୍ରାହ୍ମଣୀ ତରଙ୍ଗ ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ଓରାମ ସମାଜର ପ୍ରଶିକ୍ଷଣ କର୍ମଶାଳା

**ରାଉରକେଲା, ୧୧।୧୧(ସମିସ):** ପାଦା ପାଡହା ଓ ଓରାମ ସାଂସ୍କୃତିକ ସମାଜ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଲାଠିକଟାର ବଲାଣି ଡାଡା ପାଡହା ନାଇନୀ ଟୁଙ୍ଗୁରୀର ବାବା ଭିଖରାମ ଭଗତ ମେମୋରିଆଲ ହଲରେ ଓରାମ ସମାଜର ତୃତୀୟ ଦିନର ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର ବେଲ ପାଦା ପାଡହା, ଓଡ଼ିଶା ସଭାପତି ମାଙ୍ଗେ ଏକ୍କା, ଓରାମ ସାଂସ୍କୃତିକ ସମାଜ ସଭାପତି ସୁକେଶୀ ଓରାମଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଉକ୍ତ ପ୍ରଶିକ୍ଷଣ ଶିବିରରେ ଓରାମ ସମାଜର ପାରମ୍ପରିକ ରୀତିନୀତି, ସାଂସ୍କୃତିକ, ସାମାଜିକ, ଧାର୍ମିକ, ନ୍ୟାୟିକ, ପାଡହା ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ବର୍ଗରେ ପ୍ରଶିକ୍ଷକ ଲକ୍ଷ୍ମଣ ତିର୍କୀ କାହତୋ ପାଦା ପାଡହା, ରାଜେଶ ଲାକ୍ରା, ଦେୱାନ ସାତଜୁରିଆ ଡାଡା ପାହାଡ଼, ଦେବାନ୍ କୁଆଁରମୁଣ୍ଡା ମୁଳୀ ପାଡହା ବସନ୍ତ ଏକ୍କା, ପାର୍ଣ୍ଣା ଟପୋ, ପୂର୍ବତନ ବେଲ ବଲାଣି ଡାଡ଼ା ପାଡହା, ଦେବାନ୍ କାତେପୂର୍ ଡାଡ଼ା ପାଡହା ରାଢ଼ିଆ ମିଞ୍ଜ, ପୂର୍ବତନ ବେଲ ବଲାଣି ଡାଡ଼ା ପାଡହା ଝିରଗା ଓରାମ, ସମାଜସେବୀ ଦାମୁ ତିର୍କୀ, ରାନୀ ସିନଗିଦାଇ ଡାଡ଼ା ପାଡହା ଅଧ୍ୟକ୍ଷା ମଧୁସ୍ମିତା ଓରାମ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଜନ ଓରାମ, କଳାକୃଷ୍ଣ ଓରାମ, ବାଲକୁ ବାର୍ଲା, ବଣାଇଁ ମୂଳି ପାଡହା ବେଲ ଗୋପୀ ଓରାମ, ଦେବାନ୍ ଜୟରାମ ଓରାମ, ପାତ୍ରାସ ଓରାମ, ବଣେଇଁ ମୁଳି ପଡ଼ହାର ୧୬ ଗୋଟି ଡାଡ଼ା ପାଡହା ଏବଂ ୬୦ ଗୋଟି ଆଡ଼ଖା ପାଡହାର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ବନ୍ଦନା ଟପୋ ଏହି କର୍ମଶାଳାକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର ସୁରକ୍ଷା ସଚେତନତା



**କୁତ୍ରା, ୧୧।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ପୁଲିସ ପକ୍ଷରୁ ଝାରବେଡ଼ାଠାରେ ଅବସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କୃଷ୍ଣ ପ୍ରସାଦ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶାନ୍ତ ନୂତନ ସାମଦ, ମହେନ୍ଦ୍ର ମୁର୍ମୁ, ଡିଏସ୍‌ପି ମନୋରଞ୍ଜନ ପ୍ରଧାନ, ସାଇବର ସେଲ ବିଭାଗ ଅଧିକାରୀ ପ୍ରଶାନ୍ତ ସାହୁ, କୁତ୍ରା ଥାନା ଅଧିକାରୀ ଲୋକେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇ କିଭଳି ଭାବରେ ସାଇବର ଅପରାଧୀମାନଙ୍କ ଠକେଇରୁ ନିଜକୁ ସୁରକ୍ଷିତ ରଖିପାରିବେ ସେ ଉପରେ ପରାମର୍ଶ ଦେଇଥିଲେ। ସାଇବର ସୁରକ୍ଷା ଅଭିଯାନ ରଥକୁ ମହାବିଦ୍ୟାଳୟ ପରିସରକୁ ପାଛୋଟି ନିଆଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଜିତେନ୍ଦ୍ର ପଟେଲ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅଧ୍ୟାପିକା ନୋସିନ ଫିଜା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ଡ଼ଃ ତବସୁମ୍ ବାନୋ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଇବର ସଚେତନତା ଉପରେ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। ସାଇବର ସୁରକ୍ଷା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଚତୁର୍ଥ ଜାତୀୟ ଇଏମ୍‌ଆର୍‌ଏସ୍ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ


# ୨୨ଟି ରାଜ୍ୟରୁ ଯୋଗଦେଲେ ୫୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍

**ରାଉରକେଲା, ୧୧।୧୧(ସମିସ)**




ଆଦିବାସୀ ଯୁବ ପ୍ରତିଭା ଏବଂ କ୍ରୀଡା ମହୋତ୍ସବ ୪ର୍ଥ ଜାତୀୟ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍) ୫ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ରାଉରକେଲାର ପ୍ରତୀକାଳକ ବିର୍ସା ମୁଣ୍ଡା ଆଥଲେଟିକ୍ସ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଲିମ୍ପିଆନ୍ ଲାଜାରୁସ୍ ବାର୍ଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଜାତୀୟ ଜନଜାତି ଛାତ୍ରମାନଙ୍କ ପାଇଁ ସମାଜ (ଏନଇଏସଟିଏସ) ଏବଂ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଓଡ଼ିଶା ମଡେଲ ଜନଜାତି ଶିକ୍ଷା ସମାଜ (ଓଏମଟିଇଏସ) ଦ୍ୱାରା ମିଳିତ ଭାବରେ ଆୟୋଜିତ ହୋଇଥିଲା। ଏହି ମହୋତ୍ସବ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶର ୨୧ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରୁ ୫୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଅବସରରେ ଅଲିମ୍ପିକ୍ ମଶାଲ ରିଲେ, ପତାକା ଉତ୍ତୋଳନ ଏବଂ ରାଜ୍ୟ ଦଳ ଦ୍ୱାରା ଏକ ସ୍ପନ୍ଦନଶୀଳ ମାର୍ଚ୍ଚପାଷ୍ଟ କରାଯାଇଥିଲା। ରାଜ୍ୟ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ ବିଭାଗର କମିଶନର-କମ୍-ସଚିବ ବି. ପରମେଶ୍ୱରନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ପ୍ରତିଯୋଗିତା ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ଏବଂ କ୍ରୀଡା ଉଭୟରେ ଉତ୍କର୍ଷତା ବୃଦ୍ଧି କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି ସେ କହିଥିଲେ। ଏନଇଏସଟିଏସ କମିଶନର ଅଜିତ କୁମାର ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମ ସୁନ୍ଦରଗଡ଼ ଜିଲ୍ଲାର ତିନୋଟି ସ୍ଥାନରେ ଅନୁଷ୍ଠିତ ହେଉଛି। ଏଥିରେ ୨୨ଟି ଇଭେଣ୍ଟ ଏବଂ ୩୬୫ଟି ପ୍ରତିଯୋଗିତା ୮ଟି ଭିନ୍ନ ଭିନ୍ନ କ୍ରୀଡା ସ୍ଥାନଗୁଡ଼ିକରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ୫୫୦ ଜଣ ଏସ୍କର୍ଟ ଶିକ୍ଷକ ଯୋଗ ଦେଇଛନ୍ତି। ଏହି କ୍ରୀଡା ପ୍ରତିଯୋଗିତାରେ ୩, ୧୮୭ ଜଣ ଛାତ୍ର ବ୍ୟକ୍ତିଗତ କ୍ରୀଡାରେ ଅଂଶଗ୍ରହଣ କରୁଥିବା ବେଳେ ୨୦୦୧ ଜଣ ଛାତ୍ର ଦଳଗତ କ୍ରୀଡାରେ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ୧୯ ବର୍ଷରୁ କମ୍ ବର୍ଗରେ ୧୯୬୬ ଜଣ ପୁଅ ଏବଂ ୧୮୩୨ ଜଣ ଝିଅ ଅଂଶଗ୍ରହଣ କରିଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବର୍ଗରେ ୭୦୧ ଜଣ ପୁଅ ଓ ୬୮୯ ଜଣ ଝିଅ ଅଂଶଗ୍ରହଣ କରିଛନ୍ତି। ପରିଚାଳନା ପାଇଁ ୩୫୦ ଜଣ କ୍ରୀଡା ଅଧିକାରୀ ଆଗାମୀ ତିନି ଦିନ ପାଇଁ ଉପସ୍ଥିତ ରହି ସହଯୋଗ କରିବେ। ଏହି ସମସ୍ତ ପ୍ରତିଯୋଗିତାଗୁଡ଼ିକୁ ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ, ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ଆରଏସପି ବାସ୍କେଟବଲ୍ କମ୍ପ୍ଲେକ୍ସ, ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଏବଂ ରାଉରକେଲା ସହରର ଉଦିତନଗର ଷ୍ଟାଡିୟମ ପରି ରାଉରକେଲା ଏବଂ ଏହାର ଆଖପାଖରେ ୮ଟି ସ୍ଥାନରେ ଆୟୋଜିତ ହେବ। ଏଥି ସହିତ କିଛି ଇଭେଣ୍ଟ ସୁନ୍ଦରଗଡ଼ ସହରର ଭବାନି ଭବନ କ୍ରୀଡା କମ୍ପ୍ଲେକ୍ସ ଏବଂ ଭବାନୀପୁର କ୍ରୀଡା କମ୍ପ୍ଲେକ୍ସ ଏବଂ ରାଜଗାଙ୍ଗପୁରର ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ, ଓଟିଡିସି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ସୂଚନା ଓ ଲୋକସମ୍ପର୍କ ବିଭାଗ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଟିପିଡବ୍ଲୁଓଡିସି ଏବଂ କ୍ରୀଡା ବିଭାଗ ସମେତ ୨୦ରୁ ଅଧିକ ଅଂଶୀଦାର ବିଭାଗ ଏଥିରେ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ ପରିଚାଳନା ଓ ଆତିଥ୍ୟକୁ ସୁନିଶ୍ଚିତ କରିବା ପାଇଁ ୨୦୦ଟି ଯାନବାହନ, ୬୦ଟି ହୋଟେଲ ଏବଂ ୩୫୦ ଜଣ କ୍ରୀଡ଼ା ଅଧିକାରୀ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଲମ୍ପିଆଡ ଲାଜାରୁସ୍ ବାର୍ଲା, ଏସ୍‌ଟି ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଓଡ଼ିଶାରେ ପୂର୍ବରୁ ୨୦୨୪ ମସିହାରେ ୫ମ ଜାତୀୟ ଇଏମଆରଏସ ସାଂସ୍କୃତିକ ମହୋତ୍ସବ ଆୟୋଜିତ ହୋଇଥିଲା। ଯାହାକୁ ଦେଶବ୍ୟାପୀ ପ୍ରଶଂସା ମିଳିଥିଲା।

# ସମ୍ପାଦକୀୟ



ଶିକ୍ଷା ନାମକ ବୃକ୍ଷଟିର ଚେର ତିକ୍ତ, କିନ୍ତୁ ତାହାର ଫଳ ମଧୁର
-ଆରିଷ୍ଟୋଟଲ୍

ସକାଳ
THE SAKALA

## ହ୍ୱାଇଟକଲାର ଆତଙ୍କ

ଦିଲ୍ଲୀ କାର ବୋମା ବିସ୍ଫୋରଣ ପଛରେ ନିର୍ଦ୍ଦିଷ୍ଟ ଭାବେ କାହାର ଷଡ଼ଯନ୍ତ୍ର ରହିଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ତେବେ ଗଣମାଧ୍ୟମରେ ତରବରିଆ ଭାବେ ଅନେକ ମତ, ମନ୍ତବ୍ୟ ଓ ଅଭିଯୋଗମାନ ଆସିବାରେ ଲାଗିଛି। ସ୍ୱାଭାବିକ ଭାବେ ସନ୍ଦେହର ଛୁଞ୍ଚି ପାକିସ୍ତାନ ଦିଗକୁ ଇଙ୍ଗିତ କରୁଥିବା ବେଳେ ନିର୍ବାଚନ ବେଳେ ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପ କାକତାଳିକ ନା ପ୍ରାୟୋଜିତ ବୋଲି ମଧ୍ୟ ଗୁରୁତର ବିବାଦୀୟ ଅଭିଯୋଗ ହୋଇଛି। ଆମ ମତରେ କେଉଁଠି ନା କେଉଁଠି ପୁଣି ଥରେ ଗୁଇନ୍ଦା ସୂଚନାରେ ବିଫଳତା ଓ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ରହିଛି, ଯାହାକୁ ଅସ୍ୱୀକାର କରି ହେବ ନାହିଁ।

ଦେଶର ରାଜଧାନୀ ନୂଆଦିଲ୍ଲୀର ସମ୍ବେଦନଶୀଳ ଅଞ୍ଚଳ ଲାଲକିଲ୍ଲା ନିକଟରେ କାର ବୋମା ବିସ୍ଫୋରଣ ଘଟଣା ଯେତିକି ହୃଦୟବିଦାରକ ଓ ନିନ୍ଦାଜନକ, ତା'ଠାରୁ ଅଧିକ ସମ୍ବେଦନଶୀଳ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଚାରିଜଣ ଡାକ୍ତରଙ୍କ ସମ୍ପୃକ୍ତି। ଯେଉଁମାନଙ୍କୁ କୋଟିକୋଟି ବିଶ୍ୱବାସୀ ଦ୍ୱିତୀୟ ଭଗବାନ ରୂପେ ମାନ୍ୟତା ଓ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି ସେମାନଙ୍କ ଚେହେରା ପଛରେ ଯେ ଏଭଳି ନରପିଶାଚର ଆତ୍ମାଟିଏ ଲୁଚି ରହିଛି ତାହା କେହି ଚିନ୍ତା ମଧ୍ୟ କରି ନଥିବେ। ଆହୁରି ଉଦ୍‌ବେଗଜନକ ହେଲା ଦେଶର ବିଭିନ୍ନ ଅଞ୍ଚଳରୁ ଆତଙ୍କବାଦୀ ଷଡ଼ଯନ୍ତ୍ରରେ ଲିପ୍ତ ଚାରି ଡାକ୍ତରଙ୍କ ମଧ୍ୟରେ ଜଣେ ମହିଳା ଡାକ୍ତର ମଧ୍ୟ ଅଛନ୍ତି। କୋମଳ ହୃଦୟଧାରୀ ଓ ମମତାଭରା ମହିଳା ମନ ଯେ ନରଖାଦକରେ ରୂପାନ୍ତରିତ ହୋଇପାରେ ତାହା ମଧ୍ୟ ଅପରିକଳ୍ପନୀୟ। ଗିରଫ ବେଳେ ତାଙ୍କ କାରରୁ ଶକ୍ତିଶାଳୀ ସ୍ୱୟଂଚାଳିତ ବନ୍ଧୁକ ମିଳିଛି।

ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଅନୁଯାୟୀ, ଗୁଜରାଟରୁ ଗିରଫ ହାଇଦ୍ରାବାଦ୍‌ର ୩୫ ବର୍ଷୀୟ ଡାକ୍ତର ମହମ୍ମଦ ମୋହିଉଦ୍ଦିନ ସୟଦ ନାମକ ଡାକ୍ତର ଜଣକ 'ଗବ' ବା 'ଜଡ଼ା' ଗଛର ମଞ୍ଜିରୁ ବିଷାକ୍ତ ରାସାୟନିକ ଉତ୍ପାଦ ପ୍ରସ୍ତୁତ କରୁଥିଲେ, ଯାହା ଆମେ ଜାଣିଥିବା ସବୁଠାରୁ ମାରାତ୍ମକ ସିଆନାଇଡ୍ ବିଷଠାରୁ କାହିଁ କେତେଗୁଣରେ ଅଧିକ ଭୟଙ୍କର। ସୟଦ ସଫଳ ହୋଇଥିଲେ ତାଙ୍କ ଉତ୍ପାଦକୁ ମଣ୍ଡି ଓ ବଜାରରେ ବିକ୍ରି ହେଉଥିବା ବିଭିନ୍ନ ଖାଦ୍ୟସାମଗ୍ରୀ, ପନିପରିବା ଓ ଫଳରେ ମିଶାଇ ଥା'ନ୍ତେ, ଯାହା ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣ ନେଇଥା'ନ୍ତା। ତେଣୁ କାର ବୋମା ବିସ୍ଫୋରଣ ଜନିତ କ୍ଷୟକ୍ଷତିଠାରୁ କାହିଁ କେତେଗୁଣ ଅଧିକ କ୍ଷତି କରିଥା'ନ୍ତା ସୟଦ୍‌ଙ୍କ ଆବିଷ୍କାର ରିସିନ୍ ନାମକ ବିଷ। ସେ ତାଙ୍କ ଷଡ଼ଯନ୍ତ୍ରକୁ ବାସ୍ତବ ରୂପ ଦେବା ପୂର୍ବରୁ ଏଟିଏସ୍ ଦ୍ୱାରା ଗିରଫ ହେବା ଈଶ୍ୱରଙ୍କ ଆଶୀର୍ବାଦ ବିନା ସମ୍ଭବ ନୁହେଁ।

ଡାକ୍ତରୀ ପାଠ ଓ ତାଲିମ୍ ସମାପ୍ତି ପରେ ସମର୍ପିତ ଚିକିତ୍ସା ସେବା ଓ ରୋଗୀଙ୍କ ପ୍ରାଣରକ୍ଷାକୁ ପ୍ରାଥମିକତା ଦେବା ପାଇଁ ହିପୋକ୍ରେଟ୍‌ସଙ୍କ ନାମରେ ଶପଥ ନେଉଥିବା ଡାକ୍ତରମାନେ ଯଦି ମୃତ୍ୟୁର ଦୂତ ସାଜିବେ ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଶିକ୍ଷାବିତ୍‌ମାନେ ଯଦି କୁପଥକୁ ଆବୋରି ନେବେ ତେବେ ମାନବ ସଭ୍ୟତା ତିଷ୍ଠିବ କେମିତି? ଆତଙ୍କବାଦୀ ଡାକ୍ତରମାନେ ଗିରଫ ହେବା ପରେ ଭାରତରେ ହ୍ୱାଇଟ୍‌କଲାର ଟେରରିଜିମ୍ ବା ଶିକ୍ଷିତ ଓ ବୁଦ୍ଧିଜୀବୀଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପ୍ରୋତ୍ସାହନ ଧାରା ବଢ଼ୁଥିବା ସନ୍ଦେହ କରାଯାଉଛି। ହୁଏତ ଆହୁରି ଏପରି ଅନେକ ଡାକ୍ତର, ବୁଦ୍ଧିଜୀବୀ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବେ, ଯାହାର ସୂଚନା ମିଳିପାରିନାହିଁ। ଜଣେ ସନ୍ଥ କହିଥିଲେ ଜନ୍ମଜନ୍ମାନ୍ତରର ପୁଣ୍ୟ ବଳରେ ମଣିଷ ଜନ୍ମ ହୁଏ। ଏହି ଜନ୍ମରେ ସତ୍‌କର୍ମ ଓ ସତ୍‌ଚିନ୍ତାରେ ଜଣେ ଦେବତ୍ୱ ଲାଭ କରିପାରିବ। କିନ୍ତୁ ଯଦି କେହି ଦେବତ୍ୱ ବଦଳରେ ଦାନବତ୍ୱକୁ ବାଛି ନିଏ ତାହାକୁ ଲଗାମ ଦେବ କିଏ? କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଚିନ୍ତାଜନକ ହେଉଛି ଧର୍ମାନ୍ଧତା ଓ ଚରମପନ୍ଥୀଙ୍କ ଆଧିପତ୍ୟ ବଢ଼ୁଛି। ●

## ବ୍ୟାଙ୍କ-ବିବାହ

କେନ୍ଦ୍ର ସରକାର ପୁଣି ଥରେ କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସମ୍ମିଶ୍ରଣ କରିବାକୁ ଯାଉଛନ୍ତି। କମ୍ପାନୀ ଆଇନ ଭାଷାରେ ଏହି ପ୍ରକ୍ରିୟାକୁ 'ସମ୍ମିଶ୍ରଣ' ନ କହି ବରଂ 'ବିବାହ' କହିବା ଅଧିକ ଠିକ୍ ହେବ। ସୀମିତ ସ୍ଥାନରେ ଏହାର ଯୌକ୍ତିକତା ଦର୍ଶାଇବା ସମ୍ଭବ ନୁହେଁ। ତେବେ ଏତିକି କହିଲେ ବୁଝି ହେବ ଯେ ଏଣିକି ସେହି ବ୍ୟାଙ୍କମାନେ ଗୋଟିଏ ଛାତ ତଳେ ପରିଚାଳିତ ହେଲେ ମଧ୍ୟ ନିଜ ନିଜ ପରିଚୟ ହରାଇବେ ନାହିଁ। ୨୦୨୦ ମସିହାରେ ଏଭଳି ପ୍ରକ୍ରିୟାରେ ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବିବାହରେ ଚାରିଟି ବୃହତ୍ ବ୍ୟାଙ୍କ ପରିବାର ଗଠନ ହୋଇଥିଲା।

ବ୍ୟାଙ୍କ ସମ୍ମିଶ୍ରଣ ବା ବିବାହ ପଛର କାରଣ ରୂପେ ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ଏହା ହିଁ ସମୟର ଆବଶ୍ୟକତା। ଏହାଦ୍ୱାରା ଅର୍ଥନୈତିକ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ, ନିବେଶ ସଂପ୍ରସାରିତ ହେବ ଏବଂ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। କିନ୍ତୁ ଏଥିରେ ଥିବା ମୁଖ୍ୟ ଆହ୍ୱାନ ହେଉଛି ପରିଚାଳନା ଓ ନିଷ୍ପତ୍ତିଗତ ବିଭ୍ରାଟ, ଯେଉଁ କାରଣରୁ ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଆଜି ଏହି ସ୍ଥିତି ଦେଇ ଗତି କରିବାକୁ ପଡୁଛି। ଆମ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ମୁଖ୍ୟ ସମସ୍ୟା ହେଉଛି ଏନ୍‌ପିଏ ବା ଅନାଦାୟ ଋଣ ବୋଝ। ସରକାରୀ ଚାପରେ ହେଉ ବା ପ୍ରଲୋଭନରେ ବ୍ୟାଙ୍କର ପରିଚାଳନା ମଣ୍ଡଳି ବିନା ଯାଞ୍ଚରେ ଉଦ୍ଦିଷ୍ଟ ନୀତି ନିୟମ ଓ କଟକଣା ଉଲ୍ଲଙ୍ଘନ କରି ହଜାର ହଜାର କୋଟି ଟଙ୍କାର ଋଣ ମଞ୍ଜୁର କରିଚାଲୁଛନ୍ତି। ଏହି ଋଣ ଶୁଝିବା ପାଇଁ ପୁଣି ଥରେ ଋଣ ଦିଆଯାଉଛି। ଏହିପରି ଭାବେ ବ୍ୟାଙ୍କର ଋଣ ବୋଝ ବଢ଼ି ଚାଲୁଛି। ସମ୍ପୃକ୍ତ ଋଣଗ୍ରହୀତା ନିଜକୁ ଦେବାଳିଆ ଘୋଷଣା କରି ବା ଦେଶାନ୍ତର ହୋଇ ଋଣ ପରିଶୋଧ ଜଞ୍ଜାଳରୁ ମୁକ୍ତି ପାଇବାର ବାଟ ଟିଏ ପାଇଯାଉଛି। ଶେଷରେ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଗଲା ପରେ ଗରିବ ଜନତାଙ୍କ ଟିକସରେ ଗଠିତ ରାଜକୋଷକୁ ସରକାରୀ ପୁଞ୍ଜି ସହାୟତା ଆଳରେ ହଜାର ହଜାର କୋଟି ଟଙ୍କା ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କୁ ଦିଆଯାଉଛି। ବିଗତ ଦଶନ୍ଧିରେ କେନ୍ଦ୍ର ସରକାର 'ମିଶନ୍ ଇନ୍ଦ୍ରଧନୁଷ୍' ନାମରେ ପ୍ରାୟ ୫୫ ହଜାର କୋଟି ଟଙ୍କାର ସରକାରୀ ପୁଞ୍ଜି ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କୁ ଦେଇଥିଲେ। କିନ୍ତୁ ସ୍ଥିତିରେ ଉନ୍ନତି ଆସିବା ଦୂରେ ଥାଉ ଏବେ ପୁଣି ଥରେ ସରକାରଙ୍କୁ ବ୍ୟାଙ୍କର ଗଣବିବାହ କରିବାକୁ ପଡୁଛି। ଏହି ଷଡ଼ଯନ୍ତ୍ର କେବଳ ସମ୍ପୃକ୍ତ ଋଣଗ୍ରହୀତାଙ୍କ ଦ୍ୱାରା ଏକାକୀ ସମ୍ଭବ ନୁହେଁ।


ଗୋଟିଏ ଛାତ ତଳେ ଯଦି ଏକାଧିକ ବ୍ୟାଙ୍କର ପ୍ରଦର୍ଶନ ଉତ୍ସାହଜନକ ହେବ ତାହା ସ୍ୱାଗତଯୋଗ୍ୟ। କିନ୍ତୁ ତ୍ରୁଟିପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ଓ ପକ୍ଷପାତିତାପୂର୍ଣ୍ଣ ମଞ୍ଜୁରୀ ପ୍ରକ୍ରିୟାକୁ କଠୋର କଟକଣା ଦ୍ୱାରା ନିରୁତ୍ସାହିତ ନ କରିବା ପର୍ଯ୍ୟନ୍ତ ଏହି ମହତ୍ ପରିକଳ୍ପନା ତାହାର ମୂଳ ଲକ୍ଷ୍ୟ ହାସଲ କରିପାରିବ ନାହିଁ। ●

# ଭାରତ ନୋବେଲ୍‌ରୁ ବଞ୍ଚିତ କାହିଁକି?

ପ୍ରାୟ ଏକ ଶତାବ୍ଦୀ ଧରି ବିଜ୍ଞାନ କ୍ଷେତ୍ରରେ ଭାରତ ନୋବେଲ ପୁରସ୍କାର ବିଜେତା ସୃଷ୍ଟି କରି ପାରିନାହିଁ। ଅଥଚ ବିଡ଼ମ୍ବନା ଏହା ଯେ ବିଦେଶର ନାଗରିକତ୍ୱ ଗ୍ରହଣ କରି ଅନେକ ଭାରତୀୟ ବୈଜ୍ଞାନିକ ଏହି ସମ୍ମାନଜନକ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରସଙ୍ଗ ଅନେକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରେ, ଯାହା ଉପରେ ଆଜି ବିଚାରବିମର୍ଶ କରିବାର ଆବଶ୍ୟତା ରହିଛି।

ଭାରତୀୟ ବୈଜ୍ଞାନିକମାନେ ନୋବେଲ୍ ପରି ସମ୍ମାନଜନକ ପୁରସ୍କାରରୁ ବଞ୍ଚିତ ହେବା ପଛରେ ଯେଉଁ କେତେକ ଅଭିଯୋଗ ସାମ୍ନାକୁ ଆସୁଛି, ସେଥିମଧ୍ୟରୁ ପ୍ରମୁଖ ହେଉଛି ଗବେଷଣା ପାଇଁ ଭାରତ ସରକାର ପର୍ଯ୍ୟାପ୍ତ ସମ୍ବଳ ଖର୍ଚ୍ଚ କରନ୍ତି ନାହିଁ। ବାସ୍ତବରେ ଗବେଷଣା ଓ ବିକାଶରେ ସରକାରୀ ପୁଞ୍ଜି ନିବେଶ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅତିକମରେ ୩ ପ୍ରତିଶତକୁ ବୃଦ୍ଧି ପାଇବା ଆବଶ୍ୟକ। ସାମ୍ପ୍ରତିକ ସ୍ଥିତିରେ ଏହି ସ୍ତର ଭାରତରେ ନୈରାଶ୍ୟଜନକ। ଦ୍ୱିତୀୟ ଅଭିଯୋଗ ହେଉଛି ସୃଜନଶୀଳତା ଉପରେ ସରକାରୀ ହସ୍ତକ୍ଷେପ ଓ ନିୟନ୍ତ୍ରଣ ଯୋଗୁଁ ବିଜ୍ଞାନର ଅନେକ ସ୍ୱନାମଧନ୍ୟ ଅନୁଷ୍ଠାନ ଅମଲାତାନ୍ତ୍ରିକ ଦୁର୍ଗରେ ପରିଣତ ହୋଇଛି। ତୃତୀୟ କାରଣ ହେଉଛି ଆମ ଦେଶରେ ଆଗଧାଡ଼ିରେ ଥିବା ବୈଜ୍ଞାନିକ, ଗବେଷକମାନେ ଅଧସ୍ତନ ବା କନିଷ୍ଠମାନଙ୍କ ମେଧା ଓ ସୃଜନଶୀଳତା ବୃଦ୍ଧି ପାଇଁ ସୁଯୋଗ ଦିଅନ୍ତି ନାହିଁ। ମାର୍ଗଦର୍ଶନ ଓ ନେତୃତ୍ୱ ବଦଳରେ ଅସୂୟାର ପରିବେଶ ସୃଷ୍ଟି କରନ୍ତି, ଯାହା ଫଳରେ ଉଚ୍ଚତର ଗବେଷଣା ଆରମ୍ଭ ହେବା ପୂର୍ବରୁ ବନ୍ଦ ହୋଇଯାଏ। ତେଣୁ ପର୍ଯ୍ୟାପ୍ତ ପାଣ୍ଠି ସହିତ ସ୍ୱଚ୍ଛତା ବିନା ଭାରତରେ ଉଚ୍ଚତର ଗବେଷଣା ଉଧେଇ ପାରିବ ନାହିଁ।

କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଓପନ୍ ଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାମ୍ ଅଲଟ୍‌ମ୍ୟାନଙ୍କ ଭାରତ ଗସ୍ତ ଅବସରରେ ସାମ୍ବାଦିକମାନେ ତାଙ୍କୁ ଭାରତରେ ଓପନ୍‌ଏଆଇ ଭଳି ଏକ ସଫ୍ଟୱେର ବିକାଶର ସମ୍ଭାବନା ବିଷୟରେ ପଚାରନ୍ତେ ସେ ଯେଉଁ ଉତ୍ତର ଦେଇଥିଲେ ତାହା ଶ୍ରୁତିକଟୁ ହୋଇଥିଲେ ହେଁ ନିଛକ ବାସ୍ତବତା ଓ ନଗ୍ନ ସତ୍ୟ ଆଧାରିତ। ତାଙ୍କର ଉତ୍ତର ଥିଲା ବିଶ୍ୱ ଆଇଟି କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତୀୟ ପେସାଦାରମାନଙ୍କ ଦକ୍ଷତାକୁ ନେଇ କୌଣସି ସନ୍ଦେହ



ନାହିଁ। ଭାରତର ବ୍ୟବସାୟୀ ଜଗତର ଯୁଗୋପଯୋଗୀ ମଡେଲ୍ ଏବଂ ବଜାର ଅର୍ଥନୀତିରେ ନୀତି ନିର୍ଦ୍ଧାରଣରେ ମଧ୍ୟ କୌଣସି ଦୁର୍ବଳତା ନାହିଁ। ଭାରତରେ ମେଧା ଓ ପାଣ୍ଠିର ପର୍ଯ୍ୟାପ୍ତ ସୁଯୋଗ ସତ୍ତ୍ୱେ ଏଆଇ ଭଳି ଏକ ଚାଟ୍‌ବଟ୍ ବିକଶିତ ହେବାର ସମ୍ଭାବନା ଊଣା ପଛର ପ୍ରମୁଖ କାରଣ ହେଉଛି ଏଠାରେ ଗବେଷଣାକୁ ପ୍ରୋତ୍ସାହନ ବଦଳରେ ନିରୁତ୍ସାହିତ କରାଯାଏ। ଆଗକୁ ବଢ଼ିବାର ସୁଯୋଗ ଦେବା ପରିବର୍ତ୍ତେ ବାଟ ଓଗାଳିବାର ହୀନମନ୍ୟତା ଆଧିପତ୍ୟ ବିସ୍ତାର କରି ରହିଛି।

ତେଣୁ ବୈଜ୍ଞାନିକ ଓ ଗବେଷଣା ବ୍ୟବସ୍ଥାରେ ସରକାର ଯେତିକି ଦାୟୀ ତତୋଧିକ ଦାୟୀ ବରିଷ୍ଠ ଶିକ୍ଷାବିତମାନେ। ଏହା ଗୋଟିଏ ଦେଶର ନେତୃତ୍ୱ ଓ ଦୂରଦୃଷ୍ଟିର ଅଭାବକୁ ଇଙ୍ଗିତ କରେ। ଏ କ୍ଷେତ୍ରରେ ହୋମି ଭାଭା ଓ ବିକ୍ରମ ସରଭାଇ ଜଣେ ଜଣେ ବିରଳ ଉଦାହରଣ। ଭାରତୀୟ ବିଜ୍ଞାନ ଗବେଷଣାର ଆଉ ଏକ ନକାରାତ୍ମକ ଦିଗ ହେଲା ବୈଜ୍ଞାନିକମାନଙ୍କ ନିଯୁକ୍ତି ପ୍ରକ୍ରିୟା। ଭାରତରେ ପ୍ରତିଭାବାନ ବୈଜ୍ଞାନିକମାନଙ୍କର ଅଭାବ ନାହିଁ। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥିବାରୁ ଗବେଷଣା କ୍ଷେତ୍ରରେ ପ୍ରବେଶ କରିପାରୁନାହାନ୍ତି କି ନବାଗତମାନଙ୍କୁ ଦିଗ୍‌ଦର୍ଶନ ଦେଇପାରୁନାହାନ୍ତି। ଭାରତର ମିଶାଇଲ୍ ମ୍ୟାନ୍ ଭାବେ ପରିଚିତ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ଏ ପିଜେ ଅବ୍‌ଦୁଲ୍ କାଲାମ୍‌ଙ୍କୁ ମଧ୍ୟ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ଭାରତର ଏକ ବିଶ୍ୱବିଦ୍ୟାଳୟରେ ପଢ଼ାଇବାର ସୁଯୋଗ ମିଳିନଥିଲା। ସେତେବେଳକୁ ଡ. କାଲାମ୍ ମିଶାଇଲ୍ ଟେକ୍‌ନୋଲଜିର ଉତ୍କର୍ଷ ସୋପାନରେ ପହଞ୍ଚି ସାରିଥିଲେ ଏବଂ ସେହି ଜ୍ଞାନକୁ ସେ ନବାଗତଙ୍କ ମଧ୍ୟରେ ବାଣ୍ଟିବାକୁ ଚାହୁଁଥିଲେ।

ବୈଜ୍ଞାନିକ ବା ଶିକ୍ଷାବିତ୍‌ଙ୍କୁ ନିଯୁକ୍ତି ବେଳେ ଯେଉଁ ମାନଦଣ୍ଡ ବା ମାର୍ଗଦର୍ଶିକା ଅନୁସରଣ କରାଯାଏ ତାହାକୁ ନେଇ ମଧ୍ୟ କେତେକ ଗବେଷକ ପ୍ରଶ୍ନ ଉଠାଇଛନ୍ତି। ପ୍ରାର୍ଥୀ ଚୟନ ଓ ନିଯୁକ୍ତିରେ ପ୍ରତିପତ୍ତି, ସରକାରୀ ଚାପ, ଆଞ୍ଚଳିକତା ଏବଂ ଅର୍ଥନୈତିକ ପୃଷ୍ଠପୋଷକତା ଅଯଥା ଓ ଅନାବଶ୍ୟକ ଗୁରୁତ୍ୱ ବହନ କରେ। ଗବେଷଣାଗୁଡ଼ିକ ମଧ୍ୟ ପାରମ୍ପରିକ ଏବଂ ପୂର୍ବଲିଖିତ ଏକ ଧାରାର କେବଳ ପୁନରାବୃତ୍ତି ମାତ୍ର। ଜଣେ ଗବେଷକ ନିଜ ଇଚ୍ଛା କିମ୍ବା ପସନ୍ଦ ଅନୁଯାୟୀ ଗବେଷଣା ପାଇଁ ଏକ ବିଷୟ ଚୟନ କରିପାରିବ ନାହିଁ କି ଗବେଷଣାର ନୂଆ ମାର୍ଗରେ ଯାଇପାରିବ ନାହିଁ। ଅଲିଖିତ ନିୟମ 'ବସ୍ ଇଜ୍ ଅଲ୍‌ୱେଜ୍ ରାଇଟ୍' ଅନୁଯାୟୀ ଗାଇଡ୍ ଦେଇଥିବା ବିଷୟ ଏବଂ ଦେଖାଇଥିବା ମାର୍ଗରେ ଚାଲିବାକୁ ବାଧ୍ୟ। ନତୁବା ଗବେଷଣା ପୂର୍ଣ୍ଣ ହୋଇପାରିବ ନାହିଁ।

ଜଣେ ଯୁବ ବୈଜ୍ଞାନିକ ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନରେ ପହଞ୍ଚିବା ପରେ ମଧ୍ୟ ତା'ର ସଂଘର୍ଷ ଶେଷ ହୁଏ ନାହିଁ। ସେମାନଙ୍କୁ ପ୍ରାୟତଃ ପ୍ରତ୍ୟେକ ଉପକରଣ, ପ୍ରତ୍ୟେକ ଛାତ୍ର ଏବଂ ପ୍ରତିଟି ମୁହୂର୍ତ୍ତରେ ନିଜ ସ୍ଥାନ ସୁଦୃଢ଼ କରିବା ପାଇଁ ଲଢ଼ିବାକୁ ପଡ଼ିଥାଏ। ଯୁଗୋପଯୋଗୀ ଗବେଷଣା ପାଇଁ ବ୍ୟବହୃତ ମୂଲ୍ୟବାନ ସମୟ କେବଳ ଆଭ୍ୟନ୍ତରୀଣ ରାଜନୀତି ଓ ପକ୍ଷପାତିତା ସହିତ ସାଲିସ୍ କରିବା ପାଇଁ ଅଭ୍ୟସ୍ତ ହେବାରେ ବିନିଯୋଗ ହୁଏ। ଏଭଳି ବ୍ୟବସ୍ଥାରେ ଜଣେ ଯୁବ ବୈଜ୍ଞାନିକଙ୍କ ସ୍ୱପ୍ନ ହିଁ ମରିଯାଏ ଏବଂ ପ୍ରେରଣା ହଜିଯାଏ। ପ୍ରକାଶନ, ପୁରସ୍କାର ପାଇଁ ଦୌଡ଼ ଭିତରେ ଗବେଷଣାର ମୂଳ ଲକ୍ଷ୍ୟ ସୁଦୂରପ୍ରସାରୀ ହୋଇଯାଏ।

ଭାରତୀୟ ଶିକ୍ଷାକ୍ଷେତ୍ରରେ କିଏ କେତେ ସଫଳ ତା'ର ମାନଦଣ୍ଡ ନିର୍ଦ୍ଧାରଣ ଗବେଷଣାର ବିଷୟବସ୍ତୁ ଚୟନ ଏବଂ ତା'ର ପ୍ରାସଙ୍ଗିକତା ଦ୍ୱାରା ନୁହେଁ, ବରଂ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶନ ପରିମାଣ, ପ୍ରାୟୋଜିତ / ସଂଗୃହୀତ ପୁରସ୍କାର/ ପଦକ ସଂଖ୍ୟା ଦ୍ୱାରା କରାଯାଏ। ଅନେକ ଜାତୀୟ ଏକାଡେମୀ ଏବଂ ସଂସ୍ଥା ପ୍ରତିବର୍ଷ ବିଭିନ୍ନ ପ୍ରକାରର ଫେଲୋସିପ୍, ପଦକ ଓ ପୁରସ୍କାର ବଣ୍ଟନ କରୁଥିବାରୁ ବୈଜ୍ଞାନିକମାନେ ଗବେଷଣା ବଦଳରେ ଉଦ୍ଧୃତି, ସମିତି ଓ ସମାରୋହକୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି। ଭାରତୀୟ ବ୍ୟବସ୍ଥା ନବସୃଜନ ବଦଳରେ ଦୃଶ୍ୟମାନତାକୁ ପୁରସ୍କୃତ କରେ। ବୈଜ୍ଞାନିକ/ ଗବେଷକମାନଙ୍କୁ ପ୍ରାୟତଃ ଏହି ଦୌଡ଼ରେ ସ୍ୱେଚ୍ଛାକୃତ ଭାବରେ କିମ୍ବା ପରୋକ୍ଷ ଚାପ ଦ୍ୱାରା ଅଂଶଗ୍ରହଣ କରିବାକୁ ବାଧ୍ୟ କରାଯାଏ। ଯେଉଁମାନେ ଏହି ଧାରାରେ ସାମିଲ୍ ହେବାକୁ ମନା କରିଦିଅନ୍ତି ସେମାନେ ତା'ର ପରାଭବ ଭୋଗନ୍ତି। ଏଭଳି ସ୍ଥିତିରେ ନୋବେଲ୍ ସ୍ତରୀୟ ଗବେଷଣା କଥା ଚିନ୍ତା କରିବ କିଏ ଓ କେତେବେଳେ?

ଭାରତୀୟ ବିଜ୍ଞାନ ଓ ଗବେଷଣାକୁ ନୋବେଲ୍ ସ୍ତରୀୟ କରିବାକୁ ହେଲେ ଏବେ 'ଜେନ୍ ଜେଡ୍' ପିଢ଼ି ହିଁ ବିଶାଳ ସମ୍ଭାବନା ଭରା ଆଶାର ଆଲୋକ ରୂପେ ଦୃଶ୍ୟମାନ ହେଉଛନ୍ତି। ତେଣୁ ସେମାନଙ୍କୁ ସମସ୍ୟା ସମାଧାନ ସହିତ ନୀତି ନିର୍ଦ୍ଧାରଣରେ ନେତୃତ୍ୱ ନେବାର ସୁଯୋଗ ଦେବା ଆବଶ୍ୟକ। ଆମ ବରିଷ୍ଠ ପେସାଦାରମାନେ କୌଣସି ନୂତନ ପରିବର୍ତ୍ତନକୁ ସବୁବେଳେ ଭୟ କରନ୍ତି। ବରିଷ୍ଠମାନଙ୍କର ଜ୍ଞାନ ଓ ଅଭିଜ୍ଞତା ଅମୂଲ୍ୟ ହେଲେ ମଧ୍ୟ ପ୍ରଗତି ପାଇଁ ନୂତନ ଚିନ୍ତାଧାରା ଓ ବୈଶ୍ୱିକ ଦୃଷ୍ଟିକୋଣ ସହିତ କନିଷ୍ଠମାନଙ୍କ ସହିତ ସହଭାଗିତା ଆବଶ୍ୟକ। ଏବେ ଗବେଷଣା ସ୍ତରରେ ଅନେକ ପଦବୀ ଖାଲି ପଡ଼ିଛି। ସେସବୁର ଉପଯୁକ୍ତ ଯୋଗ୍ୟତା ଆଧାରରେ ପୂରଣ ହେବା ଆବଶ୍ୟକ। ଏହା ଭାରତର ନୋବେଲ୍ ପୁରସ୍କାର ଜିତିବା ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ।

ଗତ କିଛି ବର୍ଷ ହେଲା ମୌଳିକ ଓ ଅନୁସୃଜନ ଗବେଷଣା, ଷ୍ଟାର୍ଟ-ଅପ୍ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ଗବେଷଣାରେ ନିବେଶକୁ ବିସ୍ତାର ନ କଲେ ତାହା ମୂଲ୍ୟହୀନ ହୋଇପଡ଼ିବ। ଯେପର୍ଯ୍ୟନ୍ତ ପ୍ରଚଳିତ ବ୍ୟବସ୍ଥାକୁ ଭାଙ୍ଗି ସ୍ୱଚ୍ଛ ନିଯୁକ୍ତି, ଯୋଗ୍ୟତା-ଆଧାରିତ ପାଣ୍ଠି ଏବଂ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ସହିତ ବଦଳାଯାଇ ନାହିଁ, ସେପର୍ଯ୍ୟନ୍ତ ଭାରତ ସମ୍ଭାବନାର ଦେଶ ହୋଇ ରହିବ, ଆବିଷ୍କାର କିମ୍ବା ଉଦ୍‌ଭାବନର ନୁହେଁ। ●

(ସୌଜନ୍ୟ: ଇଣ୍ଡିଆନ୍ ଏକ୍ସପ୍ରେସ୍)

# ଭାଷାର ଲଢ଼େଇ, ଅସ୍ତିତ୍ୱର ଲଢ଼େଇ

ଡ. ବିକ୍ରମ ବିରୁଳି

'ହୋ' ଭାଷା ସମ୍ବିଧାନର ୮ମ ଅନୁସୂଚୀରେ କାହିଁକି ଏ ପର୍ଯ୍ୟନ୍ତ ସ୍ଥାନ ପାଇ ନାହିଁ? ଏହି ପ୍ରଶ୍ନର ଉତ୍ତର ଖୋଜିବା ଏବଂ ଦାବି ଉପସ୍ଥାପନ କରିବା ବେଳେ ଏହା ଉଲ୍ଲେଖ କରିବା ଜରୁରୀ ଯେ ଏହା ଏକ ଅଧିକାର, ଦାନ ନୁହେଁ। ୱାରାଂଚିତିର ଇତିହାସଠାରୁ ଜାତୀୟ ପରିଚୟ ପର୍ଯ୍ୟନ୍ତ 'ହୋ' ଭାଷାକୁ ସମ୍ବିଧାନିକ ସ୍ୱୀକୃତି ଏକ ନ୍ୟାଯ୍ୟ ଦାବି।

ଭାରତର ସମ୍ବିଧାନ ଯେପରି ଅନେକତାରେ ଏକତାର କବଚ, ସେପରି ଭାଷା ଏକ ଜାତିର ଆତ୍ମା। ଭାଷା ରହିଲେ ଇତିହାସ ରହେ, ସ୍ମୃତି ରହେ, ପରିଚୟ ରହେ। ତେଣୁ 'ହୋ' ଭାଷାକୁ ୮ମ ଅନୁସୂଚୀ ତାଲିକାରେ ସାମିଲ କରିବା ଅନୁଗ୍ରହ କିମ୍ବା ରାଜନୈତିକ ଭିକ୍ଷା ନୁହେଁ, ସାମ୍ବିଧାନିକ ଅଧିକାର। ଆଜି 'ହୋ' ଭାଷା କେବଳ ଗୃହଭାଷା ନୁହେଁ ଶିକ୍ଷା, ଲିପି, ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ ମାଧ୍ୟମରେ ବିଶ୍ୱ ଦରବାରରେ ପଦାର୍ପଣ କରିସାରିଛି। ୫୦ ଲକ୍ଷରୁ ଅଧିକ ମାତୃଭାଷୀ ଲୋକ ରହିଥିବା ଏହି ଭାଷାକୁ ଅବହେଳା କରିବା ଇତିହାସ ଓ ନ୍ୟାୟ ପ୍ରତି ଅପମାନ। ୮ମ ଅନୁସୂଚୀରେ ସାମିଲ ହେବା ଆଦିବାସୀମାନଙ୍କ ପାଇଁ ପୁରସ୍କାର ନୁହେଁ, ଏହା ଭାରତର ସଂଘଟିତ ନ୍ୟାୟର ପ୍ରତୀକ।



୧୯୪୨ ମସିହାରେ ୩୨ ଗୋଟି ଅକ୍ଷର ବିଶିଷ୍ଟ 'ୱାରାଂଚିତି' ଲିପିକୁ ଅତ୍ ଗୁରୁ କୋଲ୍ ଲାକୋ ବଦ୍ରା ଆବିଷ୍କାର କରିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ୧୯୭୬ରେ ସାକ୍ଷାତ କରି ହୋ ଭାଷା ଓ ୱାରାଂଚିତି ଲିପିର ସରକାରୀ ମାନ୍ୟତା ପାଇଁ ଅନୁରୋଧ କରିଥିଲେ। ଝାଡ଼ଖଣ୍ଡ ସରକାର ୨୦୦୩ରେ ଏବଂ ଓଡ଼ିଶା ସରକାର ୨୦୧୧ ଓ ୨୦୧୯ ରେ ହୋ ଭାଷା ସମେତ ୱାରାଂଚିତି ଲିପିର ସରକାରୀ ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ୨୦୧୧ ମସିହାରୁ ଝାଡ଼ଖଣ୍ଡ ସରକାର ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ରୂପରେ ମାନ୍ୟତା ପ୍ରଦାନ କରିଛନ୍ତି ଏବଂ ବିଭିନ୍ନ ସରକାରୀ ସ୍ତରରେ ବ୍ୟବହାର କରାଯାଉଛି।

୨୦୧୯ ରେ ପ୍ରଥମ କରି ବିଶାଳ ଗଣଧାରଣା ଦିଲ୍ଲୀ ଜନ୍ତରମନ୍ତରରେ ହେଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ପଞ୍ଚମ ଥର ଦିଲ୍ଲୀରେ ହୋ ଭାଷାକୁ ନେଇ ଗଣଧାରଣ ଚାଲି ଆସୁଛି। ଏହିଭଳି ଭାବରେ ହୋ ମାନଙ୍କର ସଂଗ୍ରାମ ସରି ନାହିଁ ଏବଂ ଦେଖିବାକୁ ବାକି ରହିଲା କେନ୍ଦ୍ର ସରକାର କେବେ ଆଦିବାସୀ ଭାଷାକୁ ସଂରକ୍ଷଣ କରୁଛନ୍ତି। ଏକ ଭାଷା ୮ମ ସୂଚୀରେ ସ୍ଥାନ ପାଇଲେ ସର୍ବଭାରତୀୟ ପ୍ରଶାସନିକ ସେବା ଓ ରାଜ୍ୟସ୍ତରୀୟ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପରୀକ୍ଷାରେ ଏକ ବିଷୟ ଭାବେ ସାମିଲ୍ ହୋଇପାରିବ, ସରକାରୀ ନିଯୁକ୍ତିରେ ଏହି ଭାଷାକୁ ଆଧାର ରୂପେ ଗ୍ରହଣ କରାଯିବ, ପାଠ୍ୟକ୍ରମରେ ସାମିଲ୍ ହେବାର ବାଟ ଫିଟିବ ଏବଂ ଡିଜିଟାଲ ଓ ଏଆଇରେ ଉପଯୋଗ ହୋଇପାରିବ।

ଆଜିର ଦିନରେ ଯଦି ଏହି ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳିବ ନାହିଁ ତେବେ ଆଗାମୀ ପିଢ଼ି ନିଜ ପରିଚୟ ହରାଇବେ। ନୀତି ନିର୍ଦ୍ଧାରକମାନେ ଭୁଲିଯିବା ଉଚିତ ହେବ ନାହିଁ ଯେ ବିକାଶ ମାନବକୁ ବଞ୍ଚାଏ, କିନ୍ତୁ ଭାଷା ମାନବତାକୁ ବଞ୍ଚାଏ। ହୋ ଭାଷା ଆଜି ଏଆଇ, ମୋବାଇଲ୍ ଆପ୍, ଡିଜିଟାଲ ଆର୍କାଇଭ୍, ୟୁନିକୋଡ୍‌ରେ ସଫଳ ଭାବେ ବ୍ୟବହୃତ ହୋଇପାରୁଛି। ଆଞ୍ଚଳିକ ଭାଷାର ସୁରକ୍ଷା ଦିଗରେ ବୈଷୟିକ ଜ୍ଞାନକୌଶଳ ଏକ କବଚ ହୋଇଥିବା ବେଳେ ଏହାର ଉପଯୋଗରେ ହୋ ଭାଷାକୁ ଆହୁରି ବିକଶିତ କରାଯାଇପାରିବ।

ଭାଷା ମରିଗଲେ ଜନଜାତି ମରିଯାଏ। ଆଜିର ଲଢ଼େଇ କେବଳ ଏକ ଆଇନ ମାମଲା ନୁହେଁ, ଏହା ପରିଚୟର, ଆତ୍ମସମ୍ମାନର ଓ ଭବିଷ୍ୟତର ଲଢ଼େଇ। ଭାରତର ମାଟିରେ ପ୍ରତ୍ୟେକ ସ୍ୱରର ମୂଲ୍ୟ ଅଛି। ଆମର ଭାଷା ରହିବା ଦରକାର। କାରଣ ଆମ ଜାତିର ଅନେକ କଥା ଅକୁହା ରହିଯାଇଛି। ●

କପ୍ତିପଦା(ମୟୂରଭଞ୍ଜ), ମୋ: ୯୭୮୧୫୭୭୮୨୮

# ତୋଟା ଗୋପୀନାଥ ମନ୍ଦିର ଓ ମଠ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

୧୫୧୦ ମସିହାରେ ଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ରରେ ପଦାର୍ପଣ କଲେ। ତାଙ୍କର ହଜାର ହଜାର ଅନୁଗାମୀ ତାଙ୍କୁ ଶ୍ରୀକୃଷ୍ଣଙ୍କର ଅବତାର ମାନ୍ୟ କରୁଥିଲେ। ସେମାନଙ୍କ ଭିତରୁ ଅନେକ ତାଙ୍କ ସାଙ୍ଗରେ ଶ୍ରୀକ୍ଷେତ୍ର ଆସିଥିଲେ ଏବଂ ଆଉ କେତେକ ତାଙ୍କ ପରେ ଆସି ପହଞ୍ଚିଲେ। ଗଦାଧର ପଣ୍ଡିତ ସେମାନଙ୍କ ଭିତରୁ ଜଣେ ଥିଲେ।

ଆଗେ ଯମେଶ୍ୱର ମନ୍ଦିର ନିକଟରେ ଏକ ଆମ୍ବ ତୋଟା ଥିଲା। ସେ ତୋଟାକୁ 'ଯମେଶ୍ୱର ତୋଟା' କୁହାଯାଉଥିଲା। ଦିନେ ଚୈତନ୍ୟ ମହୋଦଧିରେ ସ୍ନାନ କରି ଯମେଶ୍ୱର ତୋଟା ଦେଇ ଫେରୁଥିଲେ। ସାଙ୍ଗରେ ଗଦାଧର ପଣ୍ଡିତ ଥିଲେ। ଚୈତନ୍ୟ ତୋଟା ଭିତର ଦେଇ ଆସୁଥିବା ବେଳେ ଇତସ୍ତତଃ ହୋଇ କିଛି ଖୋଜିଖୋଜି ହଠାତ୍ ଗୋଟିଏ ଯାଗାରେ ଠିଆ ହୋଇଗଲେ। ସେ ଯାଗାରୁ ବାଲି ମୁଠାଏ ଆଣି ମୁଣ୍ଡରେ ଲଗେଇଲେ। ତା'ପରେ ସେଠାରେ ବସି ପଡ଼ି ଦୁଇ ହାତରେ ବାଲି ଖୋଳିବାକୁ ଲାଗିଲେ। ଏ ସବୁ ଦେଖି ଗଦାଧର ପଣ୍ଡିତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- 'କ'ଣ କିଛି ଖୋଜୁଥିଲେ କି ମହାପ୍ରଭୁ?' - 'ହଁ। ଏଇଠି ମାଟି ତଳେ ଏକ ମହାର୍ଘ ପଦାର୍ଥ ଲୁଚି ରହିଛି। ସେ ଜିନିଷ ପାଇଗଲେ ତା'କୁ ତୁମକୁ ଅର୍ପଣ କରିଦେବି। ସେ ପଦାର୍ଥର ଦାୟିତ୍ୱ ନେବା ପାଇଁ ଏକା ତୁମେ ହିଁ ଯୋଗ୍ୟ ମଣିଷ।' ଚୈତନ୍ୟ ଉତ୍ତର ଦେଲେ। ବେଶ୍ କିଛି ସମୟ ଖୋଳିବା ପରେ ବାଲି ତଳୁ ଶ୍ରୀକୃଷ୍ଣଙ୍କର ଏକ ଦିବ୍ୟ ମନୋହର ମୂର୍ତ୍ତି ବାହାରିଲେ। ଶ୍ରୀଚୈତନ୍ୟ ମୂର୍ତ୍ତିଙ୍କୁ ସେହି ତୋଟାରେ ପ୍ରତିଷ୍ଠା କଲେ ଏବଂ ତାଙ୍କର ପୂଜାର୍ଚ୍ଚନା ଦାୟିତ୍ୱ ଗଦାଧର ପଣ୍ଡିତଙ୍କୁ ଅର୍ପଣ କଲେ। ଚୈତନ୍ୟ ସେ ଠାକୁରଙ୍କର ନାମ ଗୋପୀନାଥ ରଖିଥିଲେ ଏବଂ ତୋଟାରେ ପ୍ରତିଷ୍ଠିତ ହୋଇଥିବାରୁ 'ତୋଟା ଗୋପୀନାଥ' ନାମରେ ବିଖ୍ୟାତ ହେଲେ।

କ୍ରମଶଃ ତୋଟା ଗୋପୀନାଥଙ୍କ ପାଇଁ ଏକ ମନ୍ଦିର ନିର୍ମିତ ହେଲା। ଗଦାଧର ପଣ୍ଡିତ ଭକ୍ତି ଓ ସମର୍ପଣ ଭାବ ନେଇ ଠାକୁରଙ୍କ ପୂଜାର୍ଚ୍ଚନା କରିବାକୁ ଲାଗିଲେ। ଠାକୁରଙ୍କର ଦୈନିକ ଅଷ୍ଟପ୍ରହରୀ ସେବା ପୂଜା କରିବା ପାଇଁ ମନ୍ଦିର ନିକଟରେ ଏକ ଛୋଟ ଆଶ୍ରମ ନିର୍ମାଣ କରି ସେଠାରେ ରହିଲେ। ଥରେ ନିତ୍ୟାନନ୍ଦ ମହାପ୍ରଭୁ ଗଦାଧର ପଣ୍ଡିତଙ୍କ ପାଖରେ ଆସି ପହଞ୍ଚିଲେ। ସେତେବେଳକୁ ପଣ୍ଡିତେ ଗୋପୀନାଥ ଠାକୁରଙ୍କ ପାଖରେ ଭାଗବତ ପାଠ କରୁଥିଲେ। ତାଙ୍କ କଣ୍ଠରୁ ଭାଗବତ ପାଠ ଶୁଣି ନିତ୍ୟାନନ୍ଦ ମୁଗ୍ଧ ହେଲେ ଏବଂ ତାଙ୍କ ସହ କିଛି ଦିନ ପାଇଁ ଆଶ୍ରମରେ ରହିଗଲେ। ଦୁହେଁ ଅପାର ଭକ୍ତିର ସହ ଗୋପୀନାଥଙ୍କର ଆରାଧନା ଓ ଶାସ୍ତ୍ର ଆଲୋଚନା କରି ଦିନ କାଟିଲେ।

ଶୁଣାଯାଏ ଗଦାଧର ପଣ୍ଡିତ ଖର୍ବକାୟ ଥିଲେ। ଗୋପୀନାଥଙ୍କର ଦଣ୍ଡାୟମାନ ବିଗ୍ରହ ସିଂହାସନ ଉପରେ ବିରାଜମାନ କରୁଥିଲେ। ତେଣୁ ପୂଜାର୍ଚ୍ଚନା ସମୟରେ ଛଡ଼ା ମାଳ ଉଲାଗି କରିବା ଏବଂ ନୂତନ ମାଳ ପିନ୍ଧେଇବା ବେଳେ ପଣ୍ଡିତେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। କାଠ ଘୋଡ଼ା ଉପରେ ଚଢ଼ି ଏହି ନିତ୍ୟକର୍ମ କରୁଥିବା ବେଳେ ବେଳେବେଳେ ପଡ଼ିଯାଉ ଥିଲେ। ତେଣୁ ଦିନେ ସେ ତା'ର କିଛି ଗୋଟେ ପ୍ରତିକାର କରିବା ପାଇଁ ଗୋପୀନାଥଙ୍କୁ ପ୍ରାର୍ଥନା କଲେ। ତା'ପରଦିନ ସକାଳେ ଗଦାଧର କବାଟ ଖୋଲି ପୂଜା ପାଇଁ ଭିତରକୁ ପଶି ଦେଖିଲେ ପୂର୍ବ ଦିନ ପର୍ଯ୍ୟନ୍ତ ଯେଉଁ ବିଗ୍ରହ ସିଂହାସନ ଉପରେ ଦଣ୍ଡାୟମାନ ହୋଇଥିଲେ ସେ ଦିନ ସେ ସିଂହାସନରେ ପଦ୍ମାସନରେ ବସିଥିଲେ। ଗଦାଧର ପ୍ରଭୁଙ୍କର ଅପାର କରୁଣା ଲାଭ କରି ଥିବାରୁ ଆନନ୍ଦରେ କାନ୍ଦି ପକେଇଲେ ଏବଂ ସିଂହାସନ ସମ୍ମୁଖରେ ସାଷ୍ଟାଙ୍ଗ ହୋଇ ପଡ଼ିଗଲେ। ତା'ପରେ ଖର୍ବକାୟ ଗଦାଧରଙ୍କୁ ମାଳ ଉଲାଗି କରିବା ଓ ପିନ୍ଧେଇବାରେ କୌଣସି ଅସୁବିଧା ହେଲା ନାହିଁ।

ଏ କଥାଟା ଶ୍ରୀକ୍ଷେତ୍ର ଓ ବଙ୍ଗ ଭକ୍ତମହଲରେ ବ୍ୟାପି ଗଲା। ତୋଟା ଗୋପୀନାଥ ମନ୍ଦିର ଓ ମଠକୁ ଶହ ଶହ ଭକ୍ତଙ୍କର ସୁଅ ଛୁଟିଲା। ଭକ୍ତମାନଙ୍କର ପୃଷ୍ଠପୋଷକତାରେ ମନ୍ଦିର ଓ ଆଶ୍ରମର କଳେବର ବଢ଼ିବାକୁ ଲାଗିଲା ଏବଂ ସେ ଆଶ୍ରମ 'ତୋଟା ଗୋପୀନାଥ ମଠ' ନାମରେ ବିଖ୍ୟାତ ହେଲା।

ଚୈତନ୍ୟ ମହାପ୍ରଭୁଙ୍କ ପାଇଁ ତୋଟା ଗୋପୀନାଥ ଥିଲେ ଜୀବନ୍ତ ବିଗ୍ରହ। ସେ ପ୍ରାୟ ସବୁଦିନ ଗୋପୀନାଥଙ୍କୁ ଦର୍ଶନ କରି ଗଦାଧର ପଣ୍ଡିତଙ୍କ ସହ ସତ୍‌ସଙ୍ଗ କରୁଥିଲେ। ନିଜର ଶେଷ ସମୟ ଉପସ୍ଥିତ ହେବା ଜାଣି ସେ ଗୋପୀନାଥଙ୍କ ଶ୍ରୀଅଙ୍ଗରେ ଲୀନ ହୋଇଯିବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ଅନେକ ବିଶ୍ୱାସ କରନ୍ତି। 'କି କରବ କୋଥାୟ ଯାବ ବାକ୍ୟ ନାହିଁ ସ୍ଫୁରେ, ହାରାଇଲାମ ଶ୍ରୀଚୈତନ୍ୟ ଗୋପୀନାଥେର ଘରେ।' ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ଖୋଲୁଛି ଷଡ଼ଯନ୍ତ୍ର...

ସିସିଟିଭି ଫୁଟେଜରୁ ସ୍ପଷ୍ଟ ଦେଖାଯାଉଛି । ଉମର ତିନି ଘଣ୍ଟା ଧରି କାର ଚଳାଉଥିବା ଜଣାପଡ଼ିଛି । ବିସ୍ଫୋରଣ ବେଳେ ସେ ଓ ଅନ୍ୟ ଦୁଇ ଜଣ ବ୍ୟକ୍ତି କାର ଭିତରେ ଥିଲେ ବୋଲି କୁହାଯାଉଛି । ତେବେ ଏହା ଆତ୍ମଘାତୀ ବିସ୍ଫୋରଣ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ । ଦିଲ୍ଲୀ ପୁଲିସର ଜଣେ ଅଧିକାରୀ କହିଛନ୍ତି ଯେ ଆତ୍ମଘାତୀ ବିସ୍ଫୋରଣରେ ପ୍ରାୟତଃ ଜଣେ କି ଦୁଇ ଜଣ ସଂପୃକ୍ତ ଥାଆନ୍ତି । ତିନି ଜଣ ସଂପୃକ୍ତ ଥିବାର ନଜିର ନାହିଁ । ସେ କହିଛନ୍ତି ଯେ କାରରେ ବିସ୍ଫୋରକ ଲଦି ଅନ୍ୟ କୌଣସି ସ୍ଥାନକୁ ନେଇ ବିସ୍ଫୋରଣ କରାଇବାକୁ ଯୋଜନା ଥିଲା । କିନ୍ତୁ କାର ଟ୍ରାଫିକରେ ଫସିବା ପରେ ହଠାତ୍ ବିସ୍ଫୋରଣ ହୋଇଥିଲା ।

ଦିଲ୍ଲୀ ପୁଲିସର ଆଉ ଜଣେ ଅଧିକାରୀ କହିଛନ୍ତି ଯେ ବିଭିନ୍ନ ସ୍ଥାନରେ ଆତଙ୍କବାଦୀମାନେ ଆକ୍ରମଣ ଲାଗି ଯୋଜନା ଚଳାଇଥିବା ବେଳେ ମିଳିତ ଅପରେସନରେ ୪ ଜଣ ଡାକ୍ତର ଧରାପଡ଼ିଥିଲେ । ସେଥିରେ ଅଲ ଫଲାହ ମେଡିକାଲ କଲେଜର ତିନି ଜଣ ଡାକ୍ତର ମଧ୍ୟ ଥିଲେ । ଏହି ଅଭିଯାନରେ ଆତଙ୍କିତ ହୋଇପଡ଼ି ଡାକ୍ତର ଉମର ତରବରିଆ ଭାବେ ଏମିତି ଆତ୍ମଘାତୀ ବିସ୍ଫୋରଣ କରିଥିବା ସନ୍ଦେହ କରାଯାଉଛି । ଗତକାଲି ଏହି ମେଡିକାଲ କଲେଜର ତିନି ଜଣ ଡାକ୍ତର ଧରାପଡ଼ିଥିଲେ, ସେମାନଙ୍କ ସହିତ ଡାକ୍ତର ଉମରର ଘନିଷ୍ଠତା ଥିଲା । ଉମର ସଂପର୍କରେ ସୂଚନା ମିଳିବା ପରେ ଦିଲ୍ଲୀ ଓ କଶ୍ମୀର ପୁଲିସ ଆଜି ପୁଲୱାମା ଯାଇ ତା ଘର ଚଢ଼ାଉ କରିଥିଲେ । ପୁଲିସ ଉମରର ଦୁଇ ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ତାର ମାଆଙ୍କର ଡିଏନଏ ପରୀକ୍ଷା କରାଯାଉଛି । ଗତକାଲିର ବିସ୍ଫୋରଣରେ ଉମର ମରିଛି ନା ଫେରାର ଅଛି, ତାହା ଡିଏନଏ ରିପୋର୍ଟରୁ ସ୍ପଷ୍ଟ ହେବ । ଉମର ବିଷୟରେ ସେମାନଙ୍କୁ ପଚରାଉଚରା କରାଯାଉଥିବା ଜଣାପଡ଼ିଛି । ପରିବାର ପକ୍ଷରୁ କୁହାଯାଉଛି ଯେ ତିନି ଦିନ ହେଲା ଉମର ସହ ଯୋଗାଯୋଗ ନଥିଲା । ତିନି ଦିନ ଆଗରୁ ସେ ଆତ୍ମଗୋପନ କରିଥିଲା ବୋଲି ପୁଲିସ ସନ୍ଦେହ କରୁଛି ।

ଇତିମଧ୍ୟରେ ଦିଲ୍ଲୀ ପୁଲିସ ଏକ ଟିମ୍ ଆଜି ସକାଳେ ଫରିଦାବାଦ ଅଲ ଫଲାହ ମେଡିକାଲ କଲେଜ ଯାଇ ସିସିଟିଭି ଫୁଟେଜର ଛାନଭିନ୍ କରିବା ସହିତ ଡାକ୍ତର, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିଛି । ଏହାସହିତ ଏହି ମାମଲାରେ ସଂପୃକ୍ତି ଥିବା ସନ୍ଦେହରେ ଆଉ ତିନି ଜଣ ଡାକ୍ତରଙ୍କୁ ଗିରଫ କରାଯାଇଛି । ଗତକାଲି ଏହି କଲେଜର ତିନି ଜଣ ଡାକ୍ତରଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଡାକ୍ତର ମୁଜାମ୍ମିଲ ଘରୁ ୨୯୦୦ କେଜି ବିସ୍ଫୋରକ ମିଳିଥିଲା । ମୁଜାମ୍ମିଲର ଘନିଷ୍ଠ ସହଯୋଗୀ ଥିଲା ଡାକ୍ତର ଉମର । ଫରିଦାବାଦରୁ ବିସ୍ଫୋରକ ଧରାପଡ଼ିବା ପରେ ପୁଲିସ ପକ୍ଷରୁ କୁହାଯାଉଥିଲା ଯେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପଣ୍ଡ କରିଦିଆଯାଇଛି । କିନ୍ତୁ ଏହାର କିଛି ସମୟ ପରେ ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ ହୋଇଥିଲା । ଇତିମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଗତକାଲିର ବିସ୍ଫୋରଣରେ ମୃତାହତଙ୍କ ପରିବାର ପାଇଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦିଆଯିବ । ସ୍ଥାୟୀ ରୂପେ ବିକଳାଙ୍ଗ ହୋଇଥିବା ବ୍ୟକ୍ତିଙ୍କୁ ୧୦ ଲକ୍ଷ ଏବଂ ଗୁରୁତର ଆହତଙ୍କୁ ୫ ଲକ୍ଷ ଟଙ୍କା ମିଳିବ ।

### ଏନ୍‌ଡିଏ ସପକ୍ଷରେ...

ଏହାକୁ ଅତି ବେଶିରେ ୫ଟି ଆସନ ମିଳିପାରେ ବୋଲି କୁହାଯାଉଛି । ଦୈନିକ ଭାସ୍କର ଆକଳନ ଅନୁଯାୟୀ ଏନଡିଏକୁ ୧୪୫ରୁ ୧୬୦, ମହାମେଣ୍ଟକୁ ୭୩ରୁ ୯୧ ଏବଂ ଜନ ସୁରଜ ପାର୍ଟିକୁ ୫ଟି ଆସନ ମିଳିପାରେ । ପିପୁଲ୍ସ ଇନସାଇଟ ସର୍ଭେ କହୁଛି ଯେ ଏନଡିଏ ଅଂଶୀଦାର ବିଜେପିକୁ ୬୮ରୁ ୭୨, ଜେଡିୟୁକୁ ୫୫ରୁ ୬୦ ଏବଂ ଏଲଜେପିକୁ ୯ରୁ ୧୨ଟି ଆସନ ମିଳିପାରେ । ସେହିଭଳି ମହାମେଣ୍ଟ ଅଂଶୀଦାର ଆରଜେଡକୁ ୬୫ରୁ ୭୨, କଂଗ୍ରେସକୁ ୯ରୁ ୧୩ ଏବଂ ବାମପନ୍ଥୀଙ୍କୁ ୧୧ରୁ ୧୪ଟି ପର୍ଯ୍ୟନ୍ତ ଆସନ ମିଳିପାରେ । ସୂଚନାଯୋଗ୍ୟ ଯେ ଏବେ ରାଜ୍ୟ ବିଧାନସଭାରେ ଏନଡିଏର ୧୩୦ଟି ସଭ୍ୟ ଥିବା ବେଳେ ଏହାର ଅଂଶୀଦାର ବିଜେପିର ୮୦ ଏବଂ ଜେଡିୟୁର ୪୫ ବିଧାୟକ ଅଛନ୍ତି । ସେହିଭଳି ମହାମେଣ୍ଟର ୧୧୧ ସଭ୍ୟ ଥିବା ବେଳେ ଅଂଶୀଦାର ଆରଜେଡିର ୭୭, କଂଗ୍ରେସର ୧୯ ଏବଂ ୧୫ ଜଣ ବାମପନ୍ଥୀ ବିଧାୟକ ଅଛନ୍ତି ।

### ନୂଆପଡ଼ାରେ ୮୧.୪୫%...

ଅଭିଯୋଗକୁ ଅଧିକ ଖୋରାକ ଯୋଗାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟା ୫ଟା ସୁଦ୍ଧା ଭୋଟଦାନ ପ୍ରକ୍ରିୟା ଶେଷ ହୋଇଛି । ପୋଲିଂ ଅଧିକାରୀମାନଙ୍କୁ ନେଇ ମତଦାନ କେନ୍ଦ୍ରକୁ ଯାଉଥିବା ସମସ୍ତ ୮ଟି ହେଲିକପ୍ଟର ନିଜର ଗନ୍ତବ୍ୟ ସ୍ଥାନକୁ ଫେରି ଆସିଥିବା ବେଳେ ସମସ୍ତ ବୁଥରେ ମତଦାନ ପ୍ରକ୍ରିୟା ସମାପ୍ତ ହୋଇଛି । କେତେକ ସ୍ଥାନରେ ଇଭିଏମରେ ଯାନ୍ତ୍ରିକ ତ୍ରୁଟି କାରଣରୁ ସେଠାରେ ତୁରନ୍ତ ସମାଧାନ କରାଯାଇଥିଲା । ବିଶେଷକରି ମକ୍ ପୋଲ ବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଯିବା କାରଣରୁ ତିନୋଟି ବାଲାଟ ୟୁନିଟ(ବିୟୁ) ଏବଂ ତିନୋଟି କଣ୍ଟ୍ରୋଲ ୟୁନିଟ(ସିୟୁ) ତୁରନ୍ତ ବଦଳାଯାଇଥିଲା । ପରେ ମତଦାନ ଆରମ୍ଭ ହେବା ପରେ ଖରିଆର ରୋଡର ମଙ୍ଗୋରାପଲ୍ଲୀ ବୁଥ ନମ୍ବର ୭୬ରେ ଇଭିଏମରେ ସମସ୍ୟା ଦେଖାଦେଇଥିବା ବେଳେ ଏହାର ତୁରନ୍ତ ସମାଧାନ କରାଯାଇଥିବା ନେଇ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା । ସେହିପରି ବୁଥ ନମ୍ବର ୨୪୬, ବୁଥ ନମ୍ବର ୨୯୮, ବୁଥ ନମ୍ବର ୮୦, ବୁଥ ନମ୍ବର ୨୯୮ରେ ଇଭିଏମ ଏବଂ ଏହାର କେତେକ ଅଂଶ ସଠିକ୍ ଭାବେ କାର୍ଯ୍ୟ ନକରିବାକୁ ଏହାକୁ ତୁରନ୍ତ ପରିବର୍ତ୍ତନ କରାଯାଇଛି ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

ଅପରପକ୍ଷେ ନୂଆପଡ଼ା ନିର୍ବାଚନମଣ୍ଡଳୀର ଏକାଧିକ ବୁଥରେ ବିଜେପି କର୍ମୀମାନେ ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ ନେଇ ପ୍ରମାଣ ସହ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବିଜେଡି ଓ କଂଗ୍ରେସ । ବିଶେଷକରି ବୁଥ ପରିସର ମଧ୍ୟରେ ଛତିଶଗଡ଼ ଓ ଅନ୍ୟାନ୍ୟ ସ୍ଥାନରୁ ଲୋକ ଅଣାଯାଇ ସେମାନଙ୍କୁ ନକଲି ପରିଚୟ ପତ୍ର ଦେଇ ବିଜେପି ସପକ୍ଷରେ ଭୋଟଦାନ କରାଯାଇଛି ବୋଲି ବିରୋଧୀ ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି । ସେହିପରି ଇଭିଏମରେ ଗୋଟିଏ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେଲା ବେଳେ ଏହା ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯିବା ଏବଂ ବିଜେପି ବୁଥ ମଧ୍ୟରେ ଭୋଟରଙ୍କୁ ଟିଫିନ ବାଣ୍ଟି ସେମାନଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରିବା, ବୁଥ୍ ରିଗିଂ କରାଯାଇ ଅନ୍ୟର ଭୋଟ ବିଜେପି ସପକ୍ଷରେ ଦିଆଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି ।

### ସିବିଆଇ ତଦନ୍ତ...

ଘଟଣାର ତଦନ୍ତ ଆରମ୍ଭ କରିବା ପରେ ପର୍ଯ୍ୟାୟକ୍ରମେ ସିଲିକନ୍ ମୁଖ୍ୟ ସୁରେଶ ନାୟକ, ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟି, ତା'ର ସହଯୋଗୀ ମୁନ୍ନା ମହାନ୍ତି ଓ ଅନ୍ୟ କେତେକ ଦଲାଲଙ୍କୁ ଗିରଫ କରିଥିଲା । ମୁଖ୍ୟମନ୍ତ୍ରୀ ସିବିଆଇ ତଦନ୍ତ ନିମନ୍ତେ ସୁପାରିସ କରିଥିଲେ ଓ ଏହା ମଧ୍ୟରେ କ୍ରାଇମବ୍ରାଞ୍ଚ ସମଗ୍ର ଘଟଣାରେ ସୁରେଶ ନାୟକ ଓ ଶଙ୍କର ପୃଷ୍ଟିଙ୍କୁ ଦାୟୀ କରିଛି । ମାତ୍ର ପୁଲିସ ଏସ୍ଆଇ ପରୀକ୍ଷା ନିମନ୍ତେ ଗଠିତ ଓପିଆର୍‌ବି ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଆଇଟିଆଇକୁ ଏ ଯାଏ ତଦନ୍ତ ପରିସରଭୁକ୍ତ କରାଯାଇ ନାହିଁ । ଅନ୍ୟପକ୍ଷରେ ସିଲିକନ୍ ଟେକ୍‌ଲାବ୍ ମୁଖ୍ୟ ସୁରେଶ ନାୟକ ଆଇଟିଆଇରୁ କିପରି ସବ୍‌ଲେଟ୍ ପାଇଲେ ଓ ଏହା ପଛରେ କେଉଁ ଉଚ୍ଚ ଅଧିକାରୀମାନଙ୍କ ଭୂମିକା ରହିଛି ତାହା ଅସ୍ପଷ୍ଟ । ତେବେ ଏହି ତଦନ୍ତରୁ ଦୁର୍ନୀତିର ଚେର ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପୀ ଥିବାର ସନ୍ଦେହ କରାଯାଉଛି । ଏଥିରେ ଆନ୍ତରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ଥିବା କୁହାଯାଉଛି ।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ପୁଲିସ ଚାକିରି ବିକ୍ରି ଘଟଣାର ଉପଯୁକ୍ତ ବିସ୍ତୃତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି କେନ୍ଦ୍ର ସରକାର ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ଦୁର୍ନୀତି ପାଇଁ ହୋଇଥିବା ଉଦ୍ୟମ, ପ୍ରୋତ୍ସାହନ ଓ ଷଡଯନ୍ତ୍ର ସମ୍ପର୍କରେ ସିବିଆଇ ତଦନ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

### ଟ୍ରାକ୍ଟର୍ ମଡ଼ାଇ...

ସୂଚନାନୁଯାୟୀ, ମେରଘରାଗ୍ରାମର ଲାଲୁ ଭଇଁସାଲ ପ୍ରତିଦିନ ଭଳି ନିଜର ଟ୍ରାକ୍ଟର୍ ଡାଲାକୁ ଗତକାଲି ନିଜ ଘର ସାମ୍ନାରେ ରଖିଥିଲେ । ରାତି ପ୍ରାୟ ୧୨ଟାରେ ସମସ୍ତେ ଶୋଇଥିବା ବେଳେ ୪ରୁ ୫ଜଣ ଦୁର୍ବୃତ୍ତ ଅନ୍ୟ ଏକ ଟ୍ରାକ୍ଟର୍‌ରେ ତାଙ୍କ ଡାଲାକୁ ଯୋଡ଼ି ଚୋରି କରିନେଉଥିଲେ । ଏହା ଜାଣିପାରି ଲାଲୁଙ୍କ ଦାଦା ହରିଶଙ୍କର ଉଠିପଡ଼ିଥିଲେ । ତାଙ୍କ ପାଟି ଶୁଣି ଲାଲୁଙ୍କ ପୁଅ ସତ୍ୟମ୍ ମଧ୍ୟ ଉଠି ପଡ଼ିଥିଲା । ପରେ ଏକ ବାଇକ୍‌ରେ ଦୁହେଁ ଦୁର୍ବୃତ୍ତମାନଙ୍କୁ ପିଛା କରିଥିଲେ । ବ୍ରାହ୍ମଣଛେଣ୍ଡିଆ ଗାଁ ନିକଟରେ ସେମାନେ ଦୁର୍ବୃତ୍ତଙ୍କ ଟ୍ରାକ୍ଟର୍‌କୁ ଓଭରଟେକ୍ କରି ଗାଡ଼ି ଅଟକାଇଥିଲେ । ହେଲେ ଦୁର୍ବୃତ୍ତମାନେ ଦୁହିଁଙ୍କ ଉପରେ ଟ୍ରାକ୍ଟର୍ ମଡ଼ାଇ ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ପରେ ସେମାନେ କିଛି ଦୂରରେ ରାସ୍ତାକଡ଼ରେ ଚୋରି ଟ୍ରାକ୍ଟର୍ ଡାଲାକୁ ଛାଡ଼ି ପଳାଇଥିଲେ । ଅପରପକ୍ଷେ କିଛି ସ୍ଥାନୀୟ ଲୋକ ଗୁରୁତର ଜେଜେ-ନାତିଙ୍କୁ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ହରିଶଙ୍କରଙ୍କ ମୃତ୍ୟୁ ହୋଇଯାଇଥିଲା । ସତ୍ୟମଙ୍କୁ ସଂକଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ସତ୍ୟମଙ୍କ ମୃତ୍ୟୁ ହୋଇଯାଇଥିଲା ।

ଏହି ଖବର ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ଶବଦ୍ୱୟକୁ ଧର୍ମଗଡ଼-ଜୁନାଗଡ଼ ମୁଖ୍ୟ ରାସ୍ତାରେ ରଖି ଅବରୋଧ କରିଥିଲେ । ହତ୍ୟାକାରୀଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ ଦାବିରେ ଶହଶହ ଗ୍ରାମବାସୀ ରାସ୍ତା ଉପରେ ବସି ରହିବାରୁ ଏହି ବାଟ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଘଟଣାସ୍ଥଳରେ ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ ଓ ଏସ୍‌ଡିପିଓ ଡୋଳାମଣି ଭୋଇ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ରେଡ୍‌କ୍ରସ ପାଣ୍ଠିରୁ କ୍ଷତିପୂରଣ ରାଶି ଯୋଗାଇଦେବା ଓ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ।

### ନିଃସର୍ତ୍ତ କ୍ଷମା ମାଗିଲେ...

ପ୍ରକାଶଥାଉକି ଏହି ମାମଲାରେ ବ୍ରହ୍ମପୁର ଏସପିଙ୍କ ପକ୍ଷରୁ ପୂର୍ବରୁ ଏକ ଲିଖିତ ଜବାବ ଦାଖଲ କରାଯାଇଥିଲେ ମଧ୍ୟ ସତ୍ୟପାଠ ଜରିଆରେ ଏହାକୁ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାର ସମ୍ପର୍କ ରହିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ମନ୍ତବ୍ୟ ଦେଇଥିବା ନେଇ ଦାଖଲ ସତ୍ୟପାଠରେ ସ୍ୱୀକାର କରିଛନ୍ତି । ଏଭଳି ମନ୍ତବ୍ୟ ପ୍ରଦାନ ପାଇଁ ଦୁଃଖ ପ୍ରକାଶ ସହ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରି ଅଦାଲତଙ୍କ ଅବମାନନାର କିଛି ଉଦ୍ଦେଶ୍ୟ ନଥିଲା ବୋଲି ଏସପି ଅଦାଲତଙ୍କୁ ଅବଗତ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ପୀତବାସ ପଣ୍ଡା ହତ୍ୟା ଘଟଣା ପର୍ଦ୍ଦାଫାସକୁ ନେଇ ବ୍ରହ୍ମପୁର ଏସପି କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ହତ୍ୟା ଘଟଣା ସହ ଉପରୋକ୍ତ ନିର୍ବାଚନୀ ମକଦ୍ଦମାର ସଂଯୋଗ ରହିଥିବା କହିଥିଲେ । ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମାକୁ ପୀତବାସ ପଣ୍ଡା ହତ୍ୟା ଘଟଣାର ଅଭିଯୁକ୍ତ ଶିବଶଙ୍କର ଦାସ ହିଁ ନିଜ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରିଥିଲେ । ନିର୍ବାଚନ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି' ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସପି ଗଣମଧ୍ୟମ ସମ୍ମୁଖରେ କହିଥିଲେ । ଏକ ହତ୍ୟା ଘଟଣା ସହ ଏହି ବିଚାରାଧୀନ ନିର୍ବାଚନୀ ମକଦ୍ଦମାକୁ ଯୋଡ଼ିବା ଅଦାଲତ ଅବମାନନା ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏପରିକି ସେ ଦର୍ଶାଇଥିଲେ ଯେ ଗତ ୨୦୨୫ଅକ୍ଟୋବର୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇନେଇଥିଲେ । ଏପରିକି ସେଠାରେ ଅଟକ ରଖି ବିଧାୟକଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚୁରା କରିଥିଲେ । ଉକ୍ତ ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଏସପିଙ୍କ ସ୍ପଷ୍ଟୀକରଣ ମାଗିବା ସହ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ଦେଇଥିଲେ ।

### ଡିସେମ୍ବର ୧୭ରେ...

ଜୁଲାଇ ୨୦ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା । ପରେ ତରବରିଆ ଭାବେ ଅଗଷ୍ଟ ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା । ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନୀହାର ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣାଙ୍କ ସମେତ ମୋଟ ୮ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ । ଅଭିଯୁକ୍ତମାନଙ୍କ ଜାମିନ ଖାରଜ ପରେ ସେମାନେ ଏବେ ବି ଜେଲରେ ରହିଛନ୍ତି ।

## ବିଜେଡିର ସାଂଘାତିକ ଅଭିଯୋଗ

# ବୁଥରେ ଚାପ ପକାଇଛନ୍ତି ବିଜେପି କର୍ମୀ

ଭୁବନେଶ୍ୱର,୧୧ା୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି । ମାତ୍ର ଭୋଟ ଗ୍ରହଣ ଦିନ ବି ଆଦର୍ଶ ଆଚରଣ ବିଧିକୁ ମାନି ନାହିଁ ବିଜେପି । ବିଜେପି କର୍ମୀମାନେ ବୁଥ ଭିତରେ ପଶି ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ ଲୋକଙ୍କ ଉପରେ ବଳପୂର୍ବକ ଚାପ ପକାଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ସେହିପରି ମତଦାନ କେନ୍ଦ୍ର ଆଗରେ ବିଜେପି କର୍ମୀମାନେ ଭୋଟରଙ୍କୁ ଖାଦ୍ୟ ପୁଡ଼ିଆ ଦେଇ ପ୍ରଭାବିତ କରୁଥିବା ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ । ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ୍ ମହାନ୍ତି କହିଛନ୍ତି ଯେ ଭୋଟ ଗ୍ରହଣ ଚାଲିଥିବା ବେଳେ ନୀତି ନିୟମ ଓ କଟକଣାକୁ ବିଜେପି ନେତା ଓ କର୍ମୀ ଆଦୌ ନାହାନ୍ତି । ବୁଥ ଭିତରେ ବଳପୂର୍ବକ ଉପସ୍ଥିତ ରହି ଭୋଟରଙ୍କୁ ଭୟଭୀତ କରି ଜୟ ଢୋଲକିଆଙ୍କ ସପକ୍ଷରେ ଭୋଟ ଦେବା ପାଇଁ ସେମାନେ ଚାପ ପକାଇଛନ୍ତି । ଖରିଆର ରୋଡ ଏନଏସିରେ ଥିବା ବୁଥ୍ ନଂ ୩,୪,୫,୧୩,୧୪,୧୫ ଆଗରେ ଏପରି ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି । ସେଠାରେ ଉପସ୍ଥିତ ସରକାରୀ ଅଧିକାରୀ ସବୁ ଦେଖି ବି କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି । ବିଜେପି ପ୍ରାର୍ଥୀଙ୍କୁ ସୁହାଇବା ଭଳି କାର୍ଯ୍ୟରେ ସେମାନେ ଲିପ୍ତ ଥିଲେ । ତେଣୁ ଏହା ଉପରେ ତୁରନ୍ତ ପଦକ୍ଷେପ ନିଆଯିବା ଜରୁରୀ । ଅପରପକ୍ଷେ ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ ଅଭିଯୋଗ କରିଛନ୍ତି ଯେ ନୂଆପଡ଼ାର ସବୁ ବୁଥ ଆଗରେ ବିଜେପି ନେତା ଓ କର୍ମୀମାନେ ଷ୍ଟଲ ଲଗାଇ ଭୋଟ ଦେବା ପାଇଁ ଆସୁଥିବା ଲୋକଙ୍କୁ ଟିଫିନ୍ ପୁଡ଼ିଆ ଧରାଇ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ କହୁଛନ୍ତି । ଖାଦ୍ୟ ପୁଡ଼ିଆ ଦେଇ ସେମାନଙ୍କୁ ବିଭ୍ରାନ୍ତ କରାଯାଉଛି । ଆଦର୍ଶ ଆଚାର ବିଧିର ଏହା ଖୋଲା ଉଲ୍ଲଙ୍ଘନ । ଏପରି ଏକ ଗୁରୁତର ଓ ସମ୍ବେଦନଶୀଳ ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଯୋଶୀ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ଜଣାପଡ଼ିଛି । ବିଜେପିର ଏହି ନିନ୍ଦନୀୟ କାର୍ଯ୍ୟକୁ ନୂଆପଡ଼ାର ସଚେତନ ନାଗରିକ, ଉଚିତ୍ ଜବତ ଦେବେ ବୋଲି ବିଜେଡି ନେତୃବୃନ୍ଦ କହିଛନ୍ତି ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ରଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ରଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି । ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ରଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, ୨) **ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, ୩) **ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବାସନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୬୮୯ ଏବଂ ୫୬୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ. ୨,୨୨,୦୦୦/- / ଟ. ୨୨,୫୦୦/- |
| ୨. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, ୨) **ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, ୩) **ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / **ମୋଟ ବକେୟା: ୦୮.୦୫.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୩୫,୦୦୦/- / ଟ.୨,୧୪,୦୦୦/- / ଟ.୨୧,୫୦୦/- |
| ୩. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, ୨) **କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ୩) **ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ / **ମୋଟ ବକେୟା: ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୨୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୫,୦୦୦/- / ଟ.୬୫,୫୦୦/- / ଟ.୬,୬୦୦/- |
| ୪. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) **ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘ୍ନ ବେହେରା, ୩) **ଶତ୍ରୁଘ୍ନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଶତ୍ରୁଘ୍ନ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୧ ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୨,୯୦,୦୦୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- |
| ୫. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, ୨) **ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ଟ.୧୦,୯୮,୦୦୦/- / ଟ.୧,୧୦,୦୦୦/- / ଟ.୧୧,୦୦୦/- |
| ୬. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) **ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) **ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ଟ.୧୦,୫୦,୦୦୦/- / ଟ.୧,୦୫,୦୦୦/- / ଟ.୧୦,୫୦୦/- |
| ୭. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** ୧) **ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ୨) **ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ / **ମୋଟ ବକେୟା: ୦୩.୦୮.୨୦୧୯ ସୁଦ୍ଧା ଟ.୯,୬୭,୮୦୨/- ଏବଂ ଟ.୧୨,୪୮,୬୦୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୫, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୧ ଡିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ଟ.୨୦,୧୦,୦୦୦/- / ଟ.୨,୦୧,୦୦୦/- / ଟ.୨୧,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : **https://baanknet.com**

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୨୮.୧୧.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା

ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ: ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୭.୧୧.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୧.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 36-KUR-TRD-OT-2025-26

କାର୍ଯ୍ୟର ନାମ : ଯାଜପୁର କେନ୍ଦୁଝର ରୋଡ଼ (JJKR) - ଯଖପୁରା (JKPR) ଷ୍ଟେସନ ମଧ୍ୟରେ ଇଣ୍ଟରମିଡିଏଟ୍ ବ୍ଲକ ସିଗନାଲିଂ (IBS) ବ୍ୟବସ୍ଥା ସହିତ ସହାୟକ ଟ୍ରାନ୍ସଫର୍ମର (AT) ର ବୃଦ୍ଧି ଏବଂ OHE ପରିବର୍ତ୍ତନ ।

ବିଜ୍ଞାପିତ ମୂଲ୍ୟ (₹): 21,70,505.09, EMD (₹) : 43,400.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.11.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.12.2025 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-786/Q/25-26



**AFFIDAVIT**

By virtue of an affidavit sworn before Executive Magistrate, K.S.Nagar, Ganjam, I Sri Manoj Jena, S/o- Late Mangulu Jena, resident of Vill.- Sadabarta Nuagan, Po./Via/ Ps.- Kabisurya Nagar, Dist.- Ganjam, Odisha state that, my nick name is Laba Jena. In my Adhar Card and Voter ID Card my name has been mentioned as Laba Jena. Hence **Manoj Jena** and **Laba Jena** S/o- Mangulu Jena is one and same person.

**AFFIDAVIT**

I, Hrusikesh Dash, aged about 48 years, S/o- Kunja Bihari Dash, resident of At/Po- Puran, Ps- Biridi, Dist- Jagatsinghpur, Odisha, Pin- 754102 declare by this affidavit No. 2296, dtd-10.11.2025, that now onwards I shall be known as **HRUSHIKESH DASH** for all future purposes

**NOTICE**

By virtue of an affidavit sworn before the Executive Magistrate, Athmallik dated 10th November 2025, I, Mr. MANORANJAN PADHAN address Village : OSKAPALI, P.O.: OSKAPALI, P.S.: KISHORENAGAR , District : ANGUL, PIN : 759126 , STATE : ODISHA, declare that I have changed the name of my daughter from HIRANMAREE PADHAN to HIRANMAYEE PADHAN Henceforth, she shall be known as HIRANMAYEE PADHAN for all purposes.
**MANORANJAN PADHAN**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 10/11/2025, CF No.- 92/10.11.2025. I, Jashobanta Rout S/O Late Bishnu Rout, At- Sanamohanpur, PO-Badapada, PS-Pattamundai, Dist- Kendrapada, Pin- 754245, declare that I have changed the name of my son from Suvam Rout to Subham Kumar Rout. Henceforth, he shall be known as new name Subham Kumar Rout for all purposes.
**Sd/- Jashobanta Rout**

**AFFIDAVIT**

By the virtue of an affidavit sworn before the Notary public, Daringibadi, Dated 30.10.2025. I Upendra Malik, S/o- Mali Malik, Vill : Tudubiju, Po: Gudikia, Ps: Bamunigam, Dist: Kandhamal, State: Odisha-762021 declare that I have changed my minor son's name from DEBA MALIK to DEBAK MALIK. Henceforth, He shall be known as **DEBAK MALIK** for all purposes.
**Sd/- Upendra Malik**

**AFFIDAVIT**

By virtue of an Affidavit before Notary Public, Malkangiri, **I, Manoj Majumdar**, aged about 43 years, S/o.: Dilip Kumar Majumdar, resident of Village: MV-48, PO.: Tumsapalli, P.S./ Dist: Malkangiri, Odisha, declare by this Affidavit No.: 1397, Dated: 14.10.2025 that I have changed my name from Manoj Kumar Majumdar to **Manoj Majumdar.** Henceforth I shall be known as **Manoj Majumdar** for all future purposes.

**AFFIDAVIT**

By virtue of an affidavit sworn before (Executive Magistrate Daspalla) dated 13.10.2025 I, Tuna Mahakhud Vill-Hanumanta, PO-Chadeyapalli, PS-Banigochha, Dist-Nayagarh, Pin-752089 declare that I have changed the name of my daughter from Loknath Mahakhuda to Adyasarani Mahakhud. Henceforth, she shall be known as Adyasarani Mahakhud for all purposes.
**(Tuna Mahakhud)**

**AFFIDAVIT**

**I Aishwarya Abhinandita Sahoo, D/o- Sarada Prasan Sahoo resident of QR No-E/169,Sector-18, Rourkela, Dist- Sundargarh, Pin-769003, Odisha declare by this Affidavit No - 81 Dtd 10.11.2025 that now onwards I shall be known as S AISHWARYA ABHINANDITA for all future purposes .**

**AFFIDAVIT**

By the virtue of an affidavit sworn before the Executive Magistrate, M. Rampur, Kalahandi, Dtd. 10.11.2025. I, Thabira Rana, S/o Chandra Rana, At- Jambahalai, P.O. Nunpur, P.S.: M. Rampur, Dist.- Kalahandi, Odisha – 766102 have changed my minor daughter's name from Suti Rana. to Sruti Rana. Henceforth, she shall be known as Sruti Rana for all purposes.
**Sd/- Thabira Rana**

**AFFIDAVIT**

By virtue of an affidavit before Notary Public, Bhubaneswar dtd. 17.10.2025, I Deepti Mishra residing at Baramunda, Bhubaneswar, that in Birth Certificate of my Daughter, my name printed wrongly as Deepti Nanda instead of Deepti Mishra and subsequently it was corrected to Deepti Mishra. Hence Deepti Mishra and Deepti Nanda is same and one person.
**Deepti Mishra**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, on dated 11.11.2025, I Jhili Palei W/o- Kalu Charan Palei, resident at Tulasipur, Kendupata, Khalikote, Dist- Ganjam, Odisha, PIN- 761030, declare that I have changed my son's name from Suhan Palei to Sohan Palei. Henceforth, He shall be known as **SOHAN PALEI** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Jajpur, SL NO. 4177, dated 17-10-2025 I, **HADIANI MOHANTY,** Permanent resident- At- Mulapal, Po- Rudhia, Ps- Panikoili, Dist- Jajpur, State- Odisha, PIN- 755033, declare that I have changed my name from **RANGALATA MOHANTY** (Old name) to **HADIANI MOHANTY** (New name), Henceforth, I shall be known as **HADIANI MOHANTY** for all purposes.
Sd-( **HADIANI MOHANTY**)

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, CF NO. 128, dated 04-09-2025 I, **SANTOSWINI GHATUAL,** Permanent resident- At- Laxmiprasad, Po- Sahaspur, Ps- Banpur, Dist- Khordha, State- Odisha, PIN- 752031, declare that I have changed my name from **SANTOSMINI GHATUAL** (Old name) to **SANTOSWINI GHATUAL** (New name), Henceforth, I shall be known as **SANTOSWINI GHATUAL** for all purposes.
Sd-( **SANTOSWINI GHATUAL**)

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 06.11.2025,CF No.- 62/ 06.11.2025. I, Manash Kumar Digal S/O Srikant Digal, At- Mayfair Nagar, PO- R.R.L, PS- Maitri Vihar, Dist- Khordha, Pin- 751013, declare that I have changed the name of my son from Alfaz Digal to Jyoti Raditya Digal. Henceforth, he shall be known as new name Jyoti Raditya Digal for all purposes.
**Manash Kumar Digal**

**AFFIDAVIT**

By virtue of an affidavit sworn before Executive Magistrate, Muniguda, I Pramod Kumar Saraka, S/o- Gobinda Saraka, resident of Vill.- Gojakupuli, Po.- Kutragada, Ps.- Muniguda, Dist.- Rayagada, Pin- 765020 Odisha vide affidavit no.1922/2025 Dtd.11.11.2025 state that, I have changed my name from **Pramod Saraka** to **Pramod Kumar Saraka**. Henceforth I shall be known as **Pramod Kumar Saraka** for all future purposes.



**ପୂର୍ବ ତଟ ରେଳପଥ**

ରେଳ ଓକିଲମାନଙ୍କ ତାଲିକାଭୁକ୍ତିକରଣ

ଅଧିସୂଚନା ସଂ. 01/2025 ତାରିଖ : 10.11.2025

ରେଲୱେ ବୋର୍ଡର ପତ୍ର ସଂଖ୍ୟା 2024/LC/15/1 ତା 06.10.2025 ରିଖ ଅନୁଯାୟୀ ପୂର୍ବ ତଟ ରେଳପଥ ପରିସୀମା ଅଧୀନସ୍ଥ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ୍ (CAT)/ କଟକ, ରେଲୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ୍ (RCT)/ଭୁବନେଶ୍ୱର ପାଇଁ ରେଲୱେ ଓକିଲଙ୍କ ତାଲିକାଭୁକ୍ତିକରଣ ପାଇଁ ଆବଶ୍ୟକୀୟ ଯୋଗ୍ୟତା, ଉପଯୁକ୍ତତା ଏବଂ ଅଭିଜ୍ଞତା ଥିବା ଓକିଲମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛି ।

ଆବେଦନ ପତ୍ର, ଯୋଗ୍ୟତା ଏବଂ ଅନ୍ୟ ବିବରଣୀ ନିମନ୍ତେ ଦୟାକରି https://eastcoastrail.indianrailways.gov.in ଦେଖନ୍ତୁ ।

ଆବେଦନ ଜମା କରିବାର ଅନ୍ତିମ ତାରିଖ **11.12.2025** ଅଟେ ।

ଦ୍ରଷ୍ଟବ୍ୟ : ଦୟାକରି କୌଣସି ସବିଶେଷ ତଥ୍ୟ (ଯଦି କିଛି ଥାଏ) ନିମନ୍ତେ ଉପରୋକ୍ତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ ।

PR-791/Q/25-26
ଉପମହାପ୍ରବନ୍ଧକ (ଆଇନ), ଭୁବନେଶ୍ୱର

### ୩୬ ଦିନରେ ଅର୍ଣ୍ଣବଙ୍କ ଧାରଣା

# ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

ଦେବଗଡ଼, ୧୧।୧୧(ସମିସ)



ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ଦେବଗଡ଼ ସହର ମଧ୍ୟରୁ ନୂଆଁବାଲିରୋଇ ମୌଜାକୁ ସ୍ଥାନାନ୍ତର ପର ଠାରୁ ଦେବଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ପାଇବାରେ ଜିଲ୍ଲାବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଗୁହାରୀ କରାଯାଇଛି। ରାଜ୍ୟ ସରକାର କିନ୍ତୁ ଜିଲ୍ଲାବାସୀଙ୍କ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ଅଣଦେଖା କରିଚାଲିଛନ୍ତି। ଏହାର ପ୍ରତିବାଦରେ ଯୁବ ଏକତା ମଞ୍ଚର ଦାବିକୁ ସମର୍ଥନ ଜଣାଇ ଯୁବ ସମାଜସେବୀ ଅର୍ଣ୍ଣବ ପଣ୍ଡା ଗତ ୩୬ ଦିନ ଧରି ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ପରିସରରେ ଧାରଣାରେ ବସିଛନ୍ତି। ହେଲେ ଅର୍ଣ୍ଣବଙ୍କ ଧାରଣା ରାଜ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନକୁ ପ୍ରଭାବିତ କରିପାରିନାହିଁ। ଅନ୍ୟ ପକ୍ଷରେ ଯୁବ ଏକତା ମଞ୍ଚ ପକ୍ଷରୁ ବିଗତ ଦିନରେ ଦେବଗଡ଼ ବନ୍ଦ ଡାକରା ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ମୌନ ଧାରଣାକୁ ସମର୍ଥନ ମିଳିବାରେ ଲାଗିଛି। ପୌରାଞ୍ଚଳରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ଦିନକୁ ଦିନ ଗ୍ରାମାଞ୍ଚଳରୁ ମଧ୍ୟ ସମର୍ଥନ ମିଳିବାରେ ଲାଗିଛି। ଜିଲ୍ଲାବାସୀ ନିଜ ମୌଳିକ ଦାବି ହାସଲ ପାଇଁ ସଂଘର୍ଷ ଜାରି ରଖିଛନ୍ତି। ମାତ୍ର ଅଞ୍ଚଳର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପ୍ରତି ଆଖିବୁଜି ଦେଇଥିବା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଜିଲ୍ଲା ଯୁବ ଏକତା ମଞ୍ଚର ଆନ୍ଦୋଳନକୁ କଂଗ୍ରେସ, ବିଜେଡି, ଓଡ଼ିଶା ଡ୍ରାଇଭର ମହାସଂଘ, ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ, ବ୍ରାହ୍ମଣ ସମାଜ, ବରିଷ୍ଠ ନାଗରିକ ସଙ୍ଘ, ଅଟୋ ଚାଳକ ସଙ୍ଘ, ଜିଲ୍ଲା ସରପଞ୍ଚ ସଙ୍ଘ, ବ୍ୟବସାୟୀ ସଙ୍ଘ, ଓକିଲ ସଙ୍ଘ ଭଳି ଏକାଧିକ ସଙ୍ଘ ଓ ସଂଗଠନ ସମର୍ଥନ ଜଣାଇଛନ୍ତି। ଅନ୍ୟପଟେ ଲୋକଙ୍କ ଭୋଟରେ ପଦବୀରେ ଥିବା ସାଂସଦ କିମ୍ବା ତାଙ୍କ ପ୍ରତିନିଧି ଏହି ଜନ ଆନ୍ଦୋଳନରୁ ନିଜକୁ ଦୂରେଇ ରଖିଛନ୍ତି। ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ନଦେଇ ରାଜ୍ୟ ସରକାର ଉପନିର୍ବାଚନରେ ନିଜ ଗାଦି ବଞ୍ଚାଇବାରେ ବ୍ୟସ୍ତ ରହିଛନ୍ତି।

**ନିର୍ବାଚନରେ ବ୍ୟସ୍ତ ସରକାରଙ୍କ ଲୋକଙ୍କ ପାଇଁ ସମୟ ନାହିଁ**

# ସିଆରସିସିଙ୍କ ଦ୍ୱାରା ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ମୂଲ୍ୟାଙ୍କନ

ଝାରବନ୍ଧ, ୧୧।୧୧(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁଙ୍କ ଦ୍ୱାରା ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ମୂଲ୍ୟାଙ୍କନ କରାଯାଇଛି। ସେ ଲେରଗାଁ କ୍ଲଷ୍ଟର ଅଧୀନ ୭ଟି ବିଦ୍ୟାଳୟର ମୂଲ୍ୟାଙ୍କନ କରିବେ। ଏହି କ୍ରମରେ ଗତ ୨ ଦିନ ମଧ୍ୟରେ ଲେରଗାଁ କ୍ଲଷ୍ଟର ଅନ୍ତର୍ଗତ ଅଡାପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲେରଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚିତୋଳି ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କୁମୀର, ସାରମସିଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଶକ୍ତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବ୍ୟକ୍ତିଗତ ଭାବେ ପରିଦର୍ଶନ କରି ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟର ରେଟିଂର ମୂଲ୍ୟାଙ୍କନ କରିଥିଲେ। ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟରେ ସ୍ୱଚ୍ଛତା ଏବଂ ସବୁଜ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ଏହି ରେଟିଂ ବ୍ୟବସ୍ଥା କରାଯାଇଛି। ଏହା ଅଧୀନରେ ବିଦ୍ୟାଳୟ ଗୁଡିକୁ ଯାଇ ତଦାରଖ କରାଯାଉଛି। ମୂଲ୍ୟାଙ୍କନ ସମୟରେ ବିଦ୍ୟାଳୟର ସ୍ୱଚ୍ଛତା, ଆବର୍ଜନାକୁଣ୍ଡର ବ୍ୟବହାର, ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ ବ୍ୟବହାର, ହରିତ ଉଦ୍ୟାନ, ବୃକ୍ଷରୋପଣ, ଇକୋ କ୍ଲବ୍ ମିଶନ ଲାଇଫ ଆଦି ସରକାରୀ ଯୋଜନା ଗୁଡିକ ବିଦ୍ୟାଳୟ ସ୍ତରରେ କିଭଳି ଭାବେ ପାଳନ ହେଉଛି ତାହା ଏହି ରେଟିଂ ମାଧ୍ୟମରେ ସୁନିଶ୍ଚିତ ହେଉଛି। ବିଦ୍ୟାଳୟ ଗୁଡିକୁ ପରିଦର୍ଶନ ସମୟରେ ସିଆରସିସି ଶ୍ରୀ ସାହୁ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକୁ ଲେରଗାଁ କ୍ଲଷ୍ଟର ସିଆରସିସି ଅକ୍ରୁର ସାହୁଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନେ ସହଯୋଗ କରିଥିଲେ।



# ଜାତୀୟ ଶିକ୍ଷା ଦିବସ



ବରଗଡ଼, ୧୧।୧୧(ସମିସ): ବିକାଶ ଡିଗ୍ରୀ କଲେଜ ଆନୁକୂଲ୍ୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସରୋଜ ଦେବତା ଯୋଗ ଦେଇଥିଲେ। ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ସଭାପତିତ୍ୱ କରିଥିଲେ। ସଭା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ସାଗରିକା ବିଶି ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଭାଗର ଛାତ୍ରୀ ବନିତା ପ୍ରଧାନ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ପ୍ରତିକ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଟେମରୀ ହାଇସ୍କୁଲରେ ସାଇବର୍ ସଚେତନତା



ପାଇକମାଳ, ୧୧।୧୧(ସମିସ): ପାଇକମାଳ ବ୍ଲକ ଟେମରୀ ହାଇସ୍କୁଲ ପରିସରରେ ପ୍ରଧାନଶିକ୍ଷକ ଡୋଲାମଣୀ ଭୋଇଙ୍କ ସଭାପତିତ୍ୱରେ ସାଇବର ଅପରାଧ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଟେମରୀ ସରପଞ୍ଚ ଦିଲ୍ଲୀପ ବେହେରା ଓ ପାଇକମାଳ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଦିନକୁ ଦିନ ବଢୁଥିବା ସାଇବର ଅପରାଧରେ ଲୋକେ ନିଜ ସାରା ଜୀବନର ଧନ ସମ୍ପତ୍ତି ହରାଉଛନ୍ତି। ଏନେଇ ସଚେତନ ହୋଇ ଠକେଇରୁ ନିବୃତ ରହିବାକୁ ଥାନାଧିକାରୀ ଶ୍ରୀ ପ୍ରଧାନ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଏଥିରେ ବିଦ୍ୟାଳୟର ସରକାରୀ ଶିକ୍ଷକ ରଞ୍ଜିତ ସା, ପ୍ରଦ୍ୟୁମ୍ନ ବରିହା, ଉସତଲାଲ ବେଣ୍ଟକର, ପ୍ରଭାତ ସାହୁ, ଶିକ୍ଷୟିତ୍ରୀ ମମତା ଭୂଏ, ତୃପ୍ତିମୟୀ ଧରୁଆ ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ କୃଷକ ସଚେତନତା ଶିବିର



ବରପାଲି, ୧୧।୧୧(ସମିସ): ବରପାଲି ବ୍ଲକ କୁମ୍ଭାରୀ ନିୟନ୍ତ୍ରିତ ବଜାର କମିଟି ପରିସରରେ ପଞ୍ଚାୟତ ସ୍ତରୀୟ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ କୃଷକ ସମାବେଶ ସହିତ ସଚେତନତା ଶିବିର ଆୟୋଜନ ହୋଇଥିଲା। ସଭାରେ ପଦ୍ମଶ୍ରୀ ଭାଗବତ ପଧାନ, ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ସୁଦାମ ପାତ୍ର, ତପନ ମିଶ୍ର, ସମବାୟ ସମ୍ପାଦକ ଅଗସ୍ତି ପଧାନ, କୃଷି ଅଧିକାରୀ ଧୀରେନ୍ଦ୍ର ଭୋଇ, ପିଏଚସିଡ଼ା ଆୟୁଷ୍ମାନ ଶତପଥୀ କୁମ୍ଭାରୀ ରାଜସ୍ୱ ଅଧୀକ୍ଷକ ଏବଂ ସତଲମା, ରେଶମ, ବରମଖେଲା ଅଞ୍ଚଳର ବହୁ ଚାଷୀ ଯୋଗ ଦେଇଥିଲେ। ସଭାରେ ଧାନମଣ୍ଡି ପରିଚାଳନା ସମ୍ପର୍କିତ ବ୍ୟବସ୍ଥା ଓ ଅବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସଭାକାର୍ଯ୍ୟ ପରିଚାଳନାରେ ଧୀରେନ୍ଦ୍ର ସାହୁ, ଡୋଳାମଣି ସାହୁ, ଗୁଣନିଧି ପଧାନ ଏବଂ ଜୟ ପ୍ରତାପ ସାହୁ, ତେଜରାଜ ବେହେରା, ପ୍ରଶାନ୍ତ ସାହୁ, ନିରଞ୍ଜନ ସାହୁ ଏବଂ ବଳରାମ ଭୋଇ, ସୁରେଶ୍ୱର ମାଝୀ ଓ ମିଟୁ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ମଣ୍ଡି ବ୍ୟବସ୍ଥାକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ବିଭାଗୀୟ କାର୍ଯ୍ୟକର୍ତ୍ତା ମାନଙ୍କୁ ଅନୁରୋଧ କରାଯାଇଥିଲା।

# ଅଟୋରିକ୍ସା ସହ ଟ୍ରକ୍ ଧକ୍କା, ଜଣେ ମୃତ ୮ ଆହତ

ପଦ୍ମପୁର, ୧୧।୧୧(ସମିସ): ପଦ୍ମପୁର ଅଧୀନ ଗାଇସିଲେଟ ଥାନା ଖୁଣ୍ଟପାଲି ପାଖରେ ମଙ୍ଗଳବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ ଗାଇସିଲେଟ ଥାନା କନ୍ଦୁମୁଣ୍ଡା ଗାଁର ଧନମାଲି ରଣା। ତେବେ ଆହତ ମାନେ ପଦ୍ମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତର ବ୍ୟକ୍ତିଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗାଇସିଲେଟ ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ସହିତ ସମସ୍ତଙ୍କୁ ପଦ୍ମପୁର ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି।

# ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଝାରସୁଗୁଡ଼ା, ୧୧।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ବଜାରପଡ଼ା ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଠାରୁ ଧୁମଧାମରେ ଆରମ୍ଭ ହୋଇଛି। ସକାଳେ ସମ୍ବଲପୁର ସମଲେଇ ମନ୍ଦିରରୁ ଅଜ୍ଞାମାଳା ଆଣାଯାଇ ଗୁମାଡେରା ଗୌରୀଶଙ୍କର ମନ୍ଦିରରୁ ବାହାରି ବେଲପାହାଡ ସମଲେଇ ମନ୍ଦିରକୁ ପହଞ୍ଚିଥିଲା। ଏହି ଅବସରରେ ମାଉସୀ ମା' ମନ୍ଦିରରୁ ଆଜ୍ଞାମାଳକୁ କୀର୍ତ୍ତନ ଓ ସଞ୍ଚାର ବାଦ୍ୟ ସହ ଶୋଭାଯାତ୍ରାରେ ଅଣାଯାଇଥିଲା। କଳସ ଯାତ୍ରା, କୁର୍ମିପଡ଼ା, ଜୟହିନ୍ଦ କ୍ଲବ୍, ଶନିମନ୍ଦିର ଛକ, ବେଲପାହାଡ ଫାଟକ, ବେଲପାହାଡ ଥାନା, ରାଣୀସତୀ ମନ୍ଦିର ଦେଇ ସମଲେଇ ମନ୍ଦିରରେ ଶୋଭାଯାତ୍ରା ପହଞ୍ଚିଥିଲା। ସନ୍ଧ୍ୟାରେ ଉଦାଣ୍ଡୀ କୀର୍ତ୍ତନ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୁଧବାର ସକାଳୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇ ଆସନ୍ତା ୧୪ ତାରିଖ ସମାପନ ହେବ।

# ବ୍ଲକ୍ସ୍ତରୀୟ ଇଂରାଜୀ ଭାଷା ପ୍ରଶିକ୍ଷଣ ଉଦ୍ଘାଟିତ

ଝାରସୁଗୁଡ଼ା, ୧୧।୧୧(ସମିସ): ଇଂରାଜୀ ଭାଷାରେ ଦକ୍ଷତା ବୃଦ୍ଧି ତଥା ଶ୍ରେଣୀ ଗୃହରେ ଓ ବାହାରେ ଇଂରାଜୀ ଭାଷା ଶିକ୍ଷାଦାନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରାଥମିକ ଶିକ୍ଷକ ମାନଙ୍କ ପାଇଁ ବ୍ଲକ ସ୍ତରୀୟ ପାଞ୍ଚ ଦିନିଆ ଇଂରାଜୀ ଭାଷା ତାଲିମ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି। ପିଏମଶ୍ରୀ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟ ବେଲପାହାଡଠାରେ ସିଲ୍ଟ ଭୁବନେଶ୍ୱର ଓ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଛି। ଏଥିରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ତାଲିମ କାର୍ଯ୍ୟକ୍ରମରେ ସାଧନକର୍ମୀ ସଚିନ୍ଦ୍ର ପଟେଲ ଏହାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ କୁଶ ସା ମଞ୍ଚ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସାଧନକର୍ମୀ ଶଶିଭୂଷଣ ହୋତା, ଡ.ଲଳିନ୍ଦ୍ର ଅମାତ୍ ଓ ସତ୍ୟପ୍ରିୟ ପଟେଲଙ୍କୁ ସିଲ୍ଟ, ଭୁବନେଶ୍ୱର ଦ୍ୱାରା ନିଯୁକ୍ତ କରାଯାଇଛି। ଲଖନପୁର ବ୍ଲକର ୨୦ଟି ଆଞ୍ଚଳିକ ସାଧନକେନ୍ଦ୍ରରୁ ୫୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି।

# ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା

ଝାରସୁଗୁଡ଼ା, ୧୧।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓ ବରିଷ୍ଠ ନାଗରିକଙ୍କୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଉପରେ ଆଲୋଚନା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲଇକେରା ବ୍ଲକର ବିଭିନ୍ନ ଗାଁର ବରିଷ୍ଠ ନାଗରିକ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ଯୋଜନା ବିଷୟରେ ଅବଗତ କରାଇଥିଲେ। ବ୍ଲକର ଉନ୍ନତି ପାଇଁ ବରିଷ୍ଠ ନାଗରିକଙ୍କ ମତାମତ ଆହ୍ୱାନ କରିଥିଲେ। ବରିଷ୍ଠ ନାଗରିକ ମାନଙ୍କ ପ୍ରସ୍ତାବ ଗୁଡିକୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ତ୍ରିପାଠୀଙ୍କ ସହିତ ପିଏଆଇଟିଡିଏ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଉଠା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଲଇକେରା ବିଡିଓ, ତହସିଲଦାର ତଥା ଜିଲ୍ଲା ସ୍ତରର ବହୁ ଅଧିକାରୀ ସାମିଲ ଥିଲେ।

# ବୈଜ୍ଞାନିକ ଚିନ୍ତାଧାରା ପାଇଁ ବିଜ୍ଞାନ ପ୍ରଦର୍ଶନୀ







### ● ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲ

ବନ୍ଧବାହାଲ/ଝାରସୁଗୁଡ଼ା, ୧୧।୧୧(ସମିସ): କୁନିକୁନି ବୈଜ୍ଞାନିକଙ୍କ ବୈଜ୍ଞାନିକ ମନୋଭାବକୁ ସତେଜ କରିବା ତଥା ଜିଜ୍ଞାସୁ ବିଦ୍ୟାର୍ଥୀଙ୍କୁ ଜ୍ଞାନ ଆହରଣର ସୁଯୋଗ ପ୍ରଦାନ ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡିଏଭି ପବ୍ଲିକ ସ୍କୁଲ, ବନ୍ଧବାହାଲ ଆନୁକୂଲ୍ୟରେ ପ୍ରକଳ୍ପ ପ୍ରଦର୍ଶନୀ ମେଳା ଆୟୋଜିତ ହୋଇଯାଇଛି। ସଭାନେତ୍ରୀ ରିନୁ ପାଣ୍ଡେ ଏବଂ ନେତ୍ରୀ ଭବାନୀ ଜେ, ସଂଗମ ମହିଳା ମଣ୍ଡଳ, ବନ୍ଧବାହାଲଙ୍କ କରକମଳରେ ଏହି ଭବ୍ୟ ମେଳାଟି ଉଦ୍ଘାଟିତ ହୋଇଥିଲା। ବିଜ୍ଞାନ ଭିତ୍ତିକ ୫୦ଟି ପ୍ରକଳ୍ପ, ସାମାଜିକ ବିଜ୍ଞାନ ଭିତ୍ତିକ ୧୯ଟି ପ୍ରକଳ୍ପ, ଗଣିତ ଭିତ୍ତିକ ୨୨ଟି ପ୍ରକଳ୍ପ ଏବଂ ଚିତ୍ରକଳା ଭିତ୍ତିକ ପ୍ରାୟ ୨୦୦ ଟି ପ୍ରକଳ୍ପ ଏଥିରେ ସ୍ଥାନ ପାଇଛି। ସମସ୍ତ ବର୍ଗର ଛାତ୍ରଛାତ୍ରୀ ନିଜ ନିଜର ସୂକ୍ଷ୍ମ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ସ୍ୱନିର୍ମିତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ଏହି ପ୍ରଦର୍ଶନୀର ଶୁଭାରମ୍ଭ ହୋଇଥିଲା। ସ୍ଥାନୀୟ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା, ବୁଦ୍ଧିଜୀବୀ ତଥା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କ ଜ୍ଞାନକୌଶଳର ଭୁରିଭୁରି ପ୍ରଶଂସା କରିଥିଲେ। ଏଥିରେ ସନ୍ଦୀପ ଦାଶ (ସାମାଜିକ ବିଜ୍ଞାନ ଶିକ୍ଷକ), ଡି.ଏ.ଭି. ହାଇସ୍କୁଲ, ଓ.ପି.ଜି.ସି., ରାଜେଶ ଅଦାବର (ବିଜ୍ଞାନ ଶିକ୍ଷକ), ଡି.ଏ.ଭି. ହାଇସ୍କୁଲ ଓ.ପି.ଜି.ସି., ପ୍ରିୟରଞ୍ଜନ ପରିଚ୍ଛା (ବିଜ୍ଞାନ ଶିକ୍ଷକ) ଡିଏଭି ପବ୍ଲିକ ସ୍କୁଲ, ଏସ୍.ଓ.ସି. ପି. ବ୍ରଜରାଜନଗର ଏବଂ ଅମିତା ପାଢ଼ୀ, (ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ) ଡି.ଏ.ଭି. ପବ୍ଲିକ ସ୍କୁଲ, ଏସ୍.ଓ.ସି. ପି. ବ୍ରଜରାଜନଗର ବିଚାରକ ଭାବେ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରି ପ୍ରଦର୍ଶନୀକୁ ସାଫଲ୍ୟମଣ୍ଡିତ କରାଇଥିଲେ।

### ● ଜିଏଲ୍ ଉଚ୍ଚ ବିଦ୍ୟାଳୟ

ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ, ନୂତନ ଚିନ୍ତାଧାରା ସୃଷ୍ଟି ଓ ଆବିଷ୍କାର ମନୋଭାବର ବିକାଶ ଉଦ୍ଦେଶ୍ୟରେ ପିଏମଶ୍ରୀ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟ ବେଲପାହାଡରେ ବିଦ୍ୟାଳୟ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଦୀପ ନାୟକ, ଗୀତାଞ୍ଜଳି ପ୍ରଧାନ, ସସ୍ମିତା କିଷାନ, ପଙ୍କଜିନୀ ଭରାସାଗର ପ୍ରମୁଖଙ୍କ ମାର୍ଗଦର୍ଶନରେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାୟ ୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସର୍ବୋତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ କୁଶ ସା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଉତ୍ତମ ଆୟୋଜନ ପାଇଁ ମହେଶ ପଧାନ, ଅଜିତ ଭୋଇ, ପ୍ରମିଳା ପଧାନ, ହିମାଦ୍ରି ବାର୍ଲା, ନିତ୍ୟାନନ୍ଦ ନାୟକ ଏବଂ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ● ପିପିଲିକାନୀ ଉଚ୍ଚ ବିଦ୍ୟାଳୟ

ପିପିଲିକାନୀ ଉଚ୍ଚ ବିଦ୍ୟାଳୟ ପରିସରରେ ପଞ୍ଚମ ବିଦ୍ୟାଳୟ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭଗବାନ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପରମାନନ୍ଦ ବାରିକ ଓ ପିପିଲିକାନୀ କ୍ଲଷ୍ଟରର ସିଆର୍ସିସି ରାଜେଶ ସା ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ।

ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ ମହାନନ୍ଦ ଓ ପ୍ରିୟମ୍ବଦା ସରାଫଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ୨୧ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ଅତିଥି ଦ୍ୱୟଙ୍କ ଚୟନ କାର୍ଯ୍ୟରେ ଦଶମ ଶ୍ରେଣୀର ଛାତ୍ରୀ ସୁନୟନା ମିଶ୍ରଙ୍କ ପ୍ରକଳ୍ପ 'ଆର୍ଟିଫିସିଆଲ ୱମ୍ବ (କୃତ୍ରିମ ଗର୍ଭାଶୟ)' ପ୍ରଥମ ସ୍ଥାନ, ସପ୍ତମ ଶ୍ରେଣୀର ଛାତ୍ରୀ ଖେଳନା ବେହେରାଙ୍କ ପ୍ରକଳ୍ପ 'ୱେଷ୍ଟ ୱାଟର ଟ୍ରିଟମେଣ୍ଟ (ମଇଳା ପାଣି ପରିଚାଳନା)' ଦ୍ୱିତୀୟ ସ୍ଥାନ ଓ ନବମ ଶ୍ରେଣୀର ଛାତ୍ରୀ ପ୍ରୀତି ଧୁରୁଆଙ୍କ ପ୍ରକଳ୍ପ 'ରିନିଉଏବ୍ଲ ଏନର୍ଜି (ନବୀକରଣୀୟ ଉର୍ଜ୍ଜା)' ତୃତୀୟ ସ୍ଥାନ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁନୀତା ଧୁରୁଆ କୃତି ଛାତ୍ରୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ।

# ବୁଲା କୁକୁରଙ୍କ ଦୌରାତ୍ମ୍ୟ

ଝାରସୁଗୁଡ଼ା, ୧୧।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଅଞ୍ଚଳରେ ଦିନକୁ ଦିନ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ବ୍ରଜରାଜନଗର ସହର ସହ ବୁଲା କୁକୁରଙ୍କ ପ୍ରାଦୁର୍ଭାବରେ ସହର ଓ ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ଥିବା ଅଭିଯୋଗ ହେଉଛି। ଦଳ ଦଳ ହୋଇ ଏଣେ ତେଣେ କୁକୁର ପଲ ବୁଲିବା ଦେଖା ଦେଇଛି। ପିଲାରୁ ବୁଢ଼ା ପର୍ଯ୍ୟନ୍ତ ଯାହାକୁ ପାଇଲେ ତାକୁ କାମୁଡିବାକୁ ଗୋଡାଉଥିବା ମଧ୍ୟ ଅଭିଯୋଗ ହେଉଛି। କୁକୁର ଭୟରେ ବୃଦ୍ଧ ଓ ଶିଶୁ ଏକୁଟିଆ ଯିବାକୁ ଭୟ କରୁଛନ୍ତି। ଏପରିକି ପିଲାମାନେ ସ୍କୁଲ୍, ଟ୍ୟୁସନ ଯିବାକୁ ମଧ୍ୟ ଭୟ କରୁଛନ୍ତି। ବୁଲା କୁକୁର ମାନେ ରାତିରେ ବାଇକରେ ଯାଉଥିବା ଲୋକଙ୍କୁ କାମୁଡିବାକୁ ଗୋଡାଉଥିବା ଲୋକେ କହିଛନ୍ତି। କୁକୁରପଲ କାମୁଡିବାକୁ ଗୋଡାଇବା ଫଳରେ କିଛି ଦିନ ତଳେ ଖଲିଆକାନିର ବାଇକ ଚାଳକ ରବିନ୍ ପ୍ରଧାନ ଦୁର୍ଘଟଣା ଗ୍ରସ୍ତ ହେଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଖଲିଆକାନି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ଗାନ୍ଧୀଛକ, ରା.କଟାପାଲି, ନୁଆଡିହି, ବଘରାଚକା ଛକ, ରାଜପୁର ପେଟ୍ରୋଲ ପମ୍ପ ଛକ, ତୁରିପଡ଼ା, ରାଜପୁର ବଜାର ଛକ ଆଦି ଅଞ୍ଚଳରେ ବୁଲାକୁକୁରଙ୍କ ପ୍ରାଦୁର୍ଭାବ ଅଧିକ ଦେଖିବାକୁ ମିଳିଛି। ବୟସ୍କ ଲୋକେ ଏକୁଟିଆ ପ୍ରାତଃ ଭ୍ରମଣରେ ଯିବାକୁ ଉଚିତ୍ ମଣୁନାହାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ନଦୀ ପୋଲ ଦବି ଯାତାୟାତ ବାଧାପ୍ରାପ୍ତ; ପୂର୍ବତନ ବିଧାୟିକାଙ୍କ ଦାବିପତ୍ର

ଝାରସୁଗୁଡ଼ା, ୧୧।୧୧(ସମିସ)



ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅଧୀନ କୁଲେମୁରା ପଞ୍ଚାୟତ ମୁଦ୍ରା ଯୋର ଗାଁ ନିକଟ ତେଲେନ ନଦୀ ଉପରେ ଥିବା ପୋଲ ଚଳିତ ବର୍ଷର ଲଗାଣ ବର୍ଷାରେ ଓ ବନ୍ୟା ଫଳରେ କ୍ଷତିଗ୍ରସ୍ତ ହୋଇଛି। ପୋଲଟି ଦବି ଯାଇଥିବାରୁ ପୋଲର ନିର୍ମାଣ ସହିତ ଯାତାୟତ ପାଇଁ ଅସ୍ଥାୟୀ ରାସ୍ତା ନିର୍ମାଣ ଦାବି ହୋଇଛି। ଏନେଇ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଳି ଦାସ ଓ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ବର୍ଷା ଋତୁରେ ପ୍ରବଳ ବନ୍ୟା ଯୋଗୁଁ ମୁଦ୍ରା ଯୋର ତେଲେନ ନଦୀ ଥିବା ପୋଲଟି ଦବି ଯାଇଥିଲା। ଏହି ପୋଲଟି ଲଇକେରା ବ୍ଲକର ମୁଖ୍ୟ ଗମନାଗମନ ପଥ। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଛାତ୍ରଛାତ୍ରୀ, ଜନସାଧାରଣ ଯାତାୟତ କରିଥାନ୍ତି। ବିପଦ ସଙ୍କୁଳ ଅବସ୍ଥାରେ ଥିବା ପୋଲଟି ଉପରେ ଯିବା ଆସିବା ଅତି ବିପଦଜନକ। ତେଣୁ ପୋଲର ପୁନଃ ନିର୍ମାଣ ଏବଂ ସେ ପର୍ଯ୍ୟନ୍ତ ଜନସାଧାରଣଙ୍କ ଯାତାୟତ ପାଇଁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଦୀପାଳି ଦାସଙ୍କ ସହିତ ଲଇକେରା ଅଞ୍ଚଳର ହେମନ୍ତ ସାଗରକୁମୁରା, ଦିଲ୍ଲୀପ ବଡ଼େଇ, ପଦ୍ମନ ନାଇକ, ରୋମାଞ୍ଚ ରଣା, ନେହେରୁ ପଟେଲ ପ୍ରମୁଖଙ୍କ ସମେତ ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

# ବରିଷ୍ଠ ସାମ୍ବାଦିକ ଗୌରଚନ୍ଦ୍ର ପରିଛାଙ୍କ ପରଲୋକ

**ବୀରମହାରାଜପୁର,୧୧ ।୧୧(ସମିସ):** ଉଲୁଣ୍ଡା ବ୍ଲକ୍ ଅନ୍ତପାଲି ଗ୍ରାମର ବରିଷ୍ଠ ସାମ୍ବାଦିକ ଗୌରଚନ୍ଦ୍ର ପରିଛାଙ୍କ ୬୨ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତେବେ ସେ ଅସୁସ୍ଥ ଥିଲେ। ସେ ଏକାଧାରରେ ଜଣେ କବି, ପ୍ରବଚକ ଭାବେ ଜଣାଶୁଣା ଥିଲେ । ଗାଁ ନିକଟ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଏକ ମାତ୍ର ପୁଅ ସାମ୍ବାଦିକ କମଳ ଲୋଚନ ପରିଛା ମୁଖାଗ୍ନି ଦେଇଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେଲାପରେ



ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ପତ୍ନୀ ସେବତୀ ପରିଛା, ବୋହୂ ବବିତା ଆଚାର୍ଯ୍ୟ, ନାତି ଓମ୍ ପ୍ରକାଶ ପରିଛା, ଶୁଭଙ୍କର ରଥ, ଶଶାଙ୍କ ରଥ, ଝିଅ କୌଶଲ୍ୟାରାଣୀ ପରିଛା, ଜ୍ୱାଇଁ କୈଳାଚନ୍ଦ୍ର ରଥ, ଭାଇ ସୁଧାଂଶୁ ପରିଛା, ପ୍ରଫୁଲ୍ଲ ପରିଛା ପ୍ରମୁଖ ଶୋକ ସନ୍ତପ୍ତ ପରିବାର ସଦସ୍ୟଙ୍କୁ ଅନେକ ବ୍ୟକ୍ତି ସମବେଦନା ଜଣାଇବା ସହ ଗୌରଚନ୍ଦ୍ରଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ମ.ରାମପୁର,୧୧ ।୧୧(ସମିସ):କଳାହାଣ୍ଡି ଜିଲ୍ଲା ମ.ରାମପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୃନ୍ଦାବନ ପ୍ରହରାଜ(୮୪)ଙ୍କର ମଙ୍ଗଳବାର ସନ୍ଧ୍ୟା ୮ ସମୟରେ ପରଲୋକ ହେଇଯାଇଛି । ସେ ନିଜର ଶିକ୍ଷକତା ଜୀବନ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବରେ ଅଞ୍ଚଳରେ ଖ୍ୟାତି ରହିଥିଲା। ସେ ଶିକ୍ଷକତା ସମେତ ଜଣେ ବାଗ୍ମୀ ଭାବରେ



ପରିଚିତ ଥିଲେ। ଯୁଗଯାତ୍ରୀ ସାହିତ୍ୟ ସଂସଦ ସହିତ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିବା ବେଳେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କରି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି ।

# ଦୁର୍ଘଟଣାରେ ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଗୁରୁତର

କେସିଙ୍ଗା,୧୧ ।୧୧(ସମିସ) କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡି ଧକ୍କାରେ କେସିଙ୍ଗା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ରଜନୀ ପୋଢ଼ (୬୮) ଗୁରୁତର ଆହତ ହୋଇଥିବା ବେଳେ ଗାଡି ଚଳାଉଥିବା ହର୍ଷ ମାଝୀ ସାମାନ୍ୟ ଆହତ ହୋଇଛନ୍ତି ।ଗୁରୁତର ରଜନୀଙ୍କୁ ପ୍ରଥମେ କେସିଙ୍ଗା ହସ୍ପିଟାଲରେ ଚିକିତ୍ସା ପରେ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ଶ୍ରୀ ପୋଢ଼ଙ୍କ ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବା କେସିଙ୍ଗା ମେଡିକାଲ ସୂତ୍ରରୁ ଜଣାପଡିଛି ।ପୁଲିସ ବାଇକ ଜବତ କରି କେଉଁ ଗାଡି ଦୁର୍ଘଟଣା କରାଇଲା ତାହା ତଦନ୍ତ କରୁଛି ।କେସିଙ୍ଗାରେ ବେଲଗାମ ଟ୍ରାଫିକ ପାଇଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ନିତିଦିନିଆ ହୋଇଯାଇଛି ।

# ଲାଞ୍ଚ ମାମଲାରେ ପୂର୍ବତନ ଆର୍‌ଆଇଙ୍କୁ ଜେଲ୍

**ଶଗଡା,୧୧ ।୧୧(ସମିସ):** ଲାଞ୍ଚ ନେବା ମାମଲାରେ ଜଣେ ପୂର୍ବତନ ଆରଆଇଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି। ବୌଦ୍ଧ ତହସିଲ ଦହ୍ୟା ଆରଆଇ ଗଜେନ୍ଦ୍ର ଦିଗାଲଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ନେବା ମାମଲାରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୩ ବର୍ଷ କାରାଦଣ୍ଡ ଦଣ୍ଡାଦେଶ ଶୁଣାଇଛନ୍ତି । ୨୦୨୧ ମସିହାରେ ଶ୍ରୀ ଦିଗାଲ ଦହ୍ୟା ଆରଆଇ ଥିବା ବେଳେ ଜମିର ଡିମାର୍କେଶନ୍ ପାଇଁ ପୁଡୁଗପଥର ଗ୍ରାମର ସୁଶାନ୍ତ ଥାଟି ନାମକ ଜଣେ ବ୍ୟକ୍ତିଙ୍କ ନିକଟରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା । ଏହି ମାମଲାର ରାୟପ୍ରକାଶ ପାଇଛି । ଫୁଲବାଣୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶ୍ରୀ ଦିଗାଲଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ଆଉ ୪ ମାସ ଜେଲ ଦଣ୍ଡାଦେଶ କରାଯିବ ବୋଲି ରାୟରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, ଶ୍ରୀ ଦିଗାଲ ପୂର୍ବରୁ ଏକ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଉଚ୍ଚ ନ୍ୟାୟାଳୟରେ ଅପିଲ କରି ଜାମିନରେ ଥିଲେ ।

# କିଡିଙ୍ଗ-ମାଡ଼ିବନ୍ଧା ଅଞ୍ଚଳରେ ବୁଲୁଛି ବାଘ

ଲାଞ୍ଜିଗଡ଼,୧୧ ।୧୧(ସମିସ): କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ସିକେରକୁପା ସେକ୍ସନ ଅଧିନସ୍ଥ କିଡିଙ୍ଗ-ମାଡ଼ିବନ୍ଧା ଅଞ୍ଚଳରେ ବାଘ ଦେଖିବାକୁ ମିଳିଛି। କିଡିଙ୍ଗ ଓ ମାଡିବନ୍ଧା ଗାଁର ଲୋକେ କହିବା ଅନୁଯାୟୀ କିଡିଙ୍ଗ ଠାରୁ ଲାଞ୍ଜିଗଡ଼ରୋଡ଼କୁ ସଂଯୋଗ କରୁଥିବା ରାସ୍ତାର ମାଡ଼ିବନ୍ଧାସ୍ଥିତ ରାସ୍ତା ନିକଟରେ ଗର୍ଜନ କରି ଅତିକ୍ରମ କରୁଥିବା କିଛି ମହିଳା ଓ ପୁରୁଷ ବାଘକୁ ଦେଖି ଭୟରେ



ଆତଙ୍କିତ ହୋଇ ପଡ଼ିଥିଲେ। ତେବେ ବାଘ ଥିବା ଜାଣିବା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ତେବେ ଏସମ୍ପର୍କରେ ସିକେରକୁପା ଫରେଷ୍ଟର ଭାଗିରଥି ନାଏକଙ୍କୁ ପଚାରିବାରୁ ଆମ ପାଖରେ କୌଣସି ଖବର ନାହିଁ ଆମେ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ବାଘର ଗତିବିଧି ଲକ୍ଷ୍ୟ କରିବୁ ବୋଲି କହିଛନ୍ତି ।

# କୋଳାହଳ , ନିରବତା ପରେ ଫଳାଫଳକୁ ଅପେକ୍ଷା

**ନୂଆପଡା,୧୧ ।୧୧(ସମିସ):** ନୂଆପଡ଼ା ଉପନିର୍ବାଚନ ମଙ୍ଗଳବାର ଦିନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇ ଇଭିଏମ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ ହୋଇଛି । କୋଳାହଳ , ନିରବତା ପରେ ସମସ୍ତେ ଫଳାଫଳକୁ ଅପେକ୍ଷା କରିଛନ୍ତି ।ମଙ୍ଗଳବାର ନିର୍ଦ୍ଧାରିତ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା ପ୍ରଶାସନର ପ୍ରସ୍ତୁତି ଅନୁସାରେ ନିର୍ଦ୍ଧାରିତ ସମୟରେ ବୁଥ୍ ଗୁଡିକରେ ମତଦାନ ଆରମ୍ଭ ହୋଇଥିଲା । ତେବେ ପୂର୍ବାହ୍ନରେ ବିଭିନ୍ନ ବୁଥ୍ ଗୁଡିକରେ ବିଜେପି ତରଫରୁ ଦଳୀୟ କ୍ୟାମ୍ପେନରମାନେ ଯାଇ ପ୍ରଚାର କରୁଥିବା ଅଭିଯୋଗ ହୋଇଛି ।କୋମନା ବ୍ଲକ୍ ଅନ୍ତର୍ଗତ ୨୫୦ନମ୍ବର ବୁଥ୍ ଅର୍ଥାତ ଭାଲୁକୋନାରେ ମତଦାନ ସମୟରେ ଅନିୟମିତତା ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି । ବୁଥ ଗୁଡିକରେ ନିର୍ବାଚନ ନିୟମ ଅନୁପାଳନରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗରେ ଦୁଇଜଣ ପ୍ରିଜାଇଡିଙ୍ଗ ଅଫିସରଙ୍କୁ ନିଲମ୍ବନ କରାଯାଇଛି । ନୂଆପଡ଼ା ଉପନିର୍ବାଚନ ଶେଷ ହୋଇଛି ।













# ଅତି ସମ୍ବେଦନଶୀଳ ବୁଥ୍‌ରୁ ସୁରକ୍ଷିତ ଫେରିଲେ ପୋଲିଂ ଟିମ୍



ନୂଆପଡା,୧୧ ।୧୧(ସମିସ):ନୂଆପଡା ଉପ ନିର୍ବାଚନରେ ଅତି ସମ୍ବେଦନ ଶୀଳ ବୁଥ୍ ଗୁଡିକରୁ ପୋଲିଂ ପ୍ରିଜାଇଡିଂ ଅଧିକାରୀମାନେ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ମତଦାନ ୭୫ପ୍ରତିଶତରୁ ଉର୍ଦ୍ଧ୍ୱ ମତଦାନ ହୋଇଛି। ୮ଟି ଅତି ସମ୍ବେଦନଶୀଳ ବୁଥ ରହିଥିବା ବେଳେ ସମୁଦାୟ ୪୦ ଜଣ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀ ଏବଂ ଦୁଇ ଜଣ ସେକ୍ଟର ଅଧିକାରୀ ଯାଇଥିଲେ। ସୂଚନା ଯୋଗ୍ୟଯେ ନୂଆପଡା ଜିଲ୍ଲାର ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ବୁଥ ଗୁଡିକ ମାଓବାଦୀ ପ୍ରଭାବିତ ହେତୁ ଅତି ସମ୍ବେଦନଶୀଳ ଭାବରେ ଗ୍ରହଣ କରାଯାଇଥିଲା । ଏଗୁଡିକୁ ସ୍ୱତନ୍ତ୍ର ହେଲି କପ୍ଟର ଯୋଗେ ପୋଲିଂ ଟିମ୍ ଗୁଡିକୁ ନିଆଯାଇଥିଲା। ସୋମବାର ଦିନ ମଧ୍ୟାହ୍ନରେ ମୋଟ ୮ଟି ଟିମ୍‌କୁ ୪ଥର କରି ନିଆଯାଇଥିଲା। ଏମାନେ ସେଠାରେ ସ୍ୱାଭାବିକ ଭାବରେ ମତଦାନ କାର୍ଯ୍ୟ ତୁଲାଇଥିଲେ ।ମିଳିଥିବା ତଥ୍ୟ ମୁତାବକ ୮ଟି ବୁଥ୍‌ରେ ମୋଟ ଭୋଟର ସଂଖ୍ୟା ୪୮୭୬ ରହିଥିବା ବେଳେ ୪୦୧୪ ମତଦାନ ଅର୍ଥାତ ୮୨. ୩୨ପ୍ରତିଶତ ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ ସମସ୍ତ ୮ଟି ଟିମ୍‌କୁ ନେଇ ହେଲି କପ୍ଟର ନୂଆପଡାରେ ଫେରି ଆସିଛି ।











# ନୂଆପଡ଼ାରେ ଭୟଙ୍କର ଭୋଟ ଚୋରି ହୋଇଛି: ଭକ୍ତ

**ଭୁବନେଶ୍ୱର,୧୧।୧୧(ସମିସ):** ନୂଆପଡ଼ା ଉପନିର୍ବାଚନରେ ଭୟଙ୍କର ଭାବେ ଭୋଟ୍ ଚୋରି ହୋଇଛି। ପୁଲିସ ବଳର ସଂପୂର୍ଣ୍ଣ ଅପପ୍ରୟୋଗ କରାଯାଇଛି ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଭକ୍ତ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ କୋମନାର ଜିତମିତ୍ର ହାଇସ୍କୁଲ ବୁଥ୍‌ରେ ଜଣେ ମହିଳାଙ୍କ ଭୋଟ୍ ଅନ୍ୟ କିଏ ଦେଇଛି । ତେଣୁ ଭୋଟ୍ ପରିଚାଳନା ଅଧିକାରୀ ତାଙ୍କୁ ଭୋଟ ଦେବାକୁ ବାରଣ କରିଛନ୍ତି।



ସୁନାବେଡ଼ା ଜଙ୍ଗଲ ମଧ୍ୟରେ ଥିବା ଏକ ବୁଥ୍‌କୁ ପୁଲିସ ଛାଉଣୀ କରି ରଖିଥିଲ। ସେଠାକୁ ବିଜେପି ଝଣ୍ଡା ଗାଡ଼ିରେ ଲୋକଙ୍କୁ ବୁହା ଯାଉଥିଲା । ଏହାକୁ କଂଗ୍ରେସ ଏଜେଣ୍ଟ ବାରଣ କରିବାରୁ ତାଙ୍କୁ ଧମକଚମକ ଦିଆଯାଇଥିଲା। 'ଆମେ ଯାହା କରୁଛୁ ଚୁପଚାପ ଦେଖ, କିଛି ପ୍ରତିବାଦ କରନାହିଁ' ବୋଲି ଧମକ ଦିଆଯାଇଥିଲା ବୋଲି ଭକ୍ତ କହିଛନ୍ତି। ଏହାସହ ସମସ୍ତ ଆଭ୍ୟନ୍ତରୀଣ ଅଞ୍ଚଳରେ ଗୋଟିଏ ପ୍ଲାନିଂ ଅନ୍ତର୍ଗତ ପୁଲିସ ସେଠାରେ ଭୋଟିଂ କରିଛି ।
ଖଡ଼ିଆଳର ଗୋଟିଏ ସ୍ଥାନରେ ବୁଥ ପରିସର ମଧ୍ୟରେ ନରେନ୍ଦ୍ର ମୋଦୀ, ମୋହନ ମାଝୀ ଏବଂ ଢୋଲକିଆଙ୍କ ଫଟୋଲଗା ଚିରକୁଟ ବଣ୍ଟନ କରାଯାଉଥିଲା। ଭାଲୁକନା ଗ୍ରାମ ୨୫୯ନମ୍ବର ବୁଥରେ ଜଣେ ଇଭିଏମରେ ହାତଚିହ୍ନରେ ଟିପୁଥିବା ବେଳେ ବିଜେପି ଚିହ୍ନରେ ଲାଇଟ୍ ଜଳୁଥିଲା। ଡୁମେରବାହାଲ ଗ୍ରାମ ବୁଥ୍ ନମ୍ବର ୩୩୯ରେ କଂଗ୍ରେସର ସ୍ଥାନୀୟ ନେତା ପାସା ମହାନନ୍ଦଙ୍କ ସ୍ତ୍ରୀ ଭୋଟ୍ ଦେଇ ଗଲା ବେଳକୁ ଦେଖିଲେ ଖଡ଼ିଆଳ ଅଞ୍ଚଳର ଜଣେ ବିଜେପି ନେତା ସେଠାରେ ଟଙ୍କା ବଣ୍ଟନ କରୁଥିଲେ। ଏ ସଂପର୍କରେ ଶ୍ରୀ ମହାନନ୍ଦ ସମ୍ପୃକ୍ତ ବିଜେପି ନେତାଙ୍କୁ ବିରୋଧ କରିବାରୁ ସେ ଓଲଟା ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ସରକାରୀ ଦଳ ସମସ୍ତ ସରକାରୀ କଳର ଅପବ୍ୟବହାର କରୁଛନ୍ତି। ଶୁଣାଯାଉଛି, ଗୋଟିଏ ଟ୍ରକରେ ୧୦୦ଟି ଇଭିଏମ ଆସିଛି । ତାକୁ ବ୍ୟବହାର କରାଯାଇ ଭୋଟ ଚୋରି କରାଯିବ। ସରକାରୀ ଦଳ ଜିତିବା ପାଇଁ ସମସ୍ତ ପ୍ରକାର ଅନୈତିକ ବ୍ୟବସ୍ଥା କରିଛି, ତେଣୁ ସେମାନେ କେତେ ସଂଖ୍ୟାରେ ନିର୍ବାଚନ ଜିତିବେ ଆଗୁଆ କହୁଛନ୍ତି। ଏସବୁ ବିଷୟ ପ୍ରତି ପ୍ରଶାସନ କିମ୍ବା ନିର୍ବାଚନ ଅଧିକାରୀଙ୍କ ଧ୍ୟାନ ନାହିଁ। ରାଜ୍ୟ ନିର୍ବାଚନ ଅଧିକାରୀ ଏସବୁ ବିଷୟକୁ ଗମ୍ଭୀରତାର ସହ ନେଇ ପ୍ରତିକାର କରନ୍ତୁ ନହେଲେ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଯୁବକ ଗୁରୁତର

ଡୁଙ୍ଗୁରିପାଲି,୧୧।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଖୁଣ୍ଟପାଲି ପେଟ୍ରୋଲ ପମ୍ପ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ଯୁବକ ଗୁରତର ହୋଇଛନ୍ତି । ଗୁରୁତର ଜଣକ ଭାଟବାହାଲି ଗ୍ରାମର ଡ୍ରାଇଭର ସୁବାଷ ଲୁହା ବୋଲି ଜଣାପଡ଼ିଛି । ସୂଚନାନୁଯାୟୀ, ଭାଟବାହାଲି ଗ୍ରାମର ଡ୍ରାଇଭର ସୁବାଷ ଲୁହା ତାଙ୍କ ଗାଡ଼ି ମାଲିକଙ୍କ ଘର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ବରଗଡ଼ ପଟୁ ବଲାଙ୍ଗିର ଅଭିମୁଖେ ଯାଉଥିବା ଶୁଖୁଆ ମାଛ ବୋଝେଇ ପିକ୍‌ଅପ୍ ଭ୍ୟାନ୍ (ଓଡି ୦୩ ଏଏ ୨୫୬୧) ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେବା ପରେ ଗାଡିଟି ଓଲଟି ପଡ଼ିଥିଲା। ଫଳରେ ସୁବାସ ବାଇକ ସହ ଛିଟିକି ପଡ଼ିଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୁବାସର ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ହେବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା କରି ବୁଲ୍ଲା ଭୀମସାର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଡୁଙ୍ଗୁରିପାଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ।

# ୭ ଦାଦନ ଶ୍ରମିକ ଉଦ୍ଧାର

**କଣ୍ଟାବାଞ୍ଜି,୧୧ ।୧୧(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନରୁ କଣ୍ଟାବାଞ୍ଜି ପୁଲିସ ୭ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି । ଉଦ୍ଧାର ଶ୍ରମିକମାନେ ମୁରିବାହାଲ ଥାନା ଅତର୍ଲା ଗାଁର ବୋଲି ଜଣାପଡିଛି। ସେମାନଙ୍କୁ ମୁରିବାହାଲ ଥାନା ସରଗୁଲ ଗାଁର ଦାଦନ ସର୍ଦାର ଅନୁପ ବେଟକାର ବେଆଇନ ଭାବେ ଚାଲାଣ କରୁଥିଲା। ପୁଲିସ ଖବର ପାଇ ଚଢ଼ଉ କରିଥିଲା। ତେବେ ଦାଦନ ସର୍ଦ୍ଦାର ଫେରାର ମାରିଛି ।

## ବ୍ଲକ୍ କାର୍ଯ୍ୟାଳୟରେ ମିଳିତ କୃଷକ ସଂଘର ଧାରଣା

# ଧାନ ମଣ୍ଡିକୁ ମିଲର୍ସଙ୍କ ପ୍ରଭାବରୁ ମୁକ୍ତ ରଖିବାକୁ ଦାବି

**ତରଭା,୧୧।୧୧(ସମିସ):** ତରଭା ବ୍ଲକ୍ ମିଳିତ କୃଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଧାରଣା ଦେବା ସହ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ତରଭା ବ୍ଲକ୍‌ର ଚାଷୀମାନେ ଚାଷ ଆରମ୍ଭ ଓ ଅମଳ ପରେ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ସମସ୍ୟାର ସମାଧାନ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ସଂଘ ଅଭିଯୋଗ କରିଛି । ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆଠଦଫା ସମ୍ବଳିତ ଦାବିପତ୍ରରେ ଧାନ ମଣ୍ଡି ଗୁଡିକର ସୁପରିଚାଳନା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ମଣ୍ଡିର



ବ୍ୟବସ୍ଥା, ଚାଷୀ ଅଭିଯୋଗର ତୁରନ୍ତ ସମାଧାନ ଏବଂ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଧାନ ମଣ୍ଡିକୁ ମିଲରଙ୍କ ପ୍ରଭାବରୁ ମୁକ୍ତ ରଖାଯିବା ସହ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ, ମଣ୍ଡି ଖୋଲିବା ପୂର୍ବରୁ ଚାଷୀଙ୍କ ପାଇଁ ଝୋଟ ବସ୍ତାର ବ୍ୟବସ୍ଥା କରାଯାଉ ନଚେତ ଚାଷୀ ଆଣିଥିବା ଯେକୌଣସି ବସ୍ତାକୁ ମଣ୍ଡିରେ ଗ୍ରହଣ କରାଯିବା, କଟନୀ ଛଟନୀ ପୁରା ବନ୍ଦ କରାଯିବା, ପ୍ରତ୍ୟେକ ଚାଷ ଜମିକୁ ଗୋଟିଏ ଖେଡ ଧାନଫସଲ ପାଇଁ ଜଳ ସେଚନ ନିଶ୍ଚିତ କରାଯିବା, ମନେରେଗା ଯୋଜନାରେ ସରକାରୀ ଅନୁଦାନର ୩୦ ରୁ ୪୦ ପ୍ରତିଶତ ପଞ୍ଚାୟତରେ ଚାଷ ଜମିର ଉନ୍ନତିକରଣ ପାଇଁ ନିଶ୍ଚିତ କରାଯିବା, କୃଷି ସମ୍ବନ୍ଧୀୟ ସମସ୍ତ ବିଭାଗକୁ ସମ୍ପୂର୍ଣ୍ଣ ଦୁର୍ନୀତି ମୁକ୍ତ ରଖାଯିବା ଭଳି ପ୍ରଭୃତି ଦାବି ନେଇ ଉଲ୍ଲେଖ କରିଛି । ମିଳିତ କୃଷକ ମଞ୍ଚ ତରଫରୁ ଦାବିପତ୍ର ପ୍ରଦାନ ସମୟରେ ମିତବ୍ରତ ମିଶ୍ର, ବିଦ୍ୟାଭୂଷଣ, ବାସୁଦେବ ସାହୁ, ଭବାନୀ ଶଙ୍କର ମିଶ୍ରଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

# ଘରୁ ୧ କ୍ୱିଣ୍ଟାଲ ୪୪ କେଜି ଗଞ୍ଜେଇ ଜବତ

**ଡୁଙ୍ଗୁରିପାଲି,୧୧।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶଙ୍କରଟିକରାରେ ଚଢ଼ଉ କରିବା ବେଳେ ଏକ ଘରୁ ୧ କ୍ୱିଣ୍ଟାଲ ୪୪ କେଜି ଗଞ୍ଜେଇ ଜବତ କରିଛି। ସୂଚନାନୁଯାୟୀ, ରାମପୁର ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏକ ଗାଡ଼ିକୁ ଗୋଡାଇଥିଲା। ଏହି ସମୟରେ ଗଞ୍ଜେଇ ଭର୍ତ୍ତି ଗାଡ଼ିଟି ଶଙ୍କରଟିକରାର ଭଗବାନ ସାହୁଙ୍କ ଘରେ ଅନ୍‌ଲୋଡ କରିଦେଇଥିଲା। ପୁଲିସ ଘରେ ଚଢ଼ଉ କରି ବିପୁଳ ମାତ୍ରାରେ ପ୍ୟାକେଟ୍ ପ୍ୟାକେଟ୍ ଗଞ୍ଜେଇ ବାହାର କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରିବାରୁ ଏକ କୁଇଣ୍ଟାଲ ୪୪ କେଜିର ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗଞ୍ଜେଇକୁ ଜବତ କରିବା ସହ ଭଗବାନ ସାହୁକୁ ରାମପୁର ଥାନାରେ ଅଟକ ରଖି ପୁଲିସ ତଦନ୍ତ କରୁଛି ।



ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ ଆଲୋଚନା ଅବସରରେ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ଅଧ୍ୟକ୍ଷା ତଥା ପ୍ରଖ୍ୟାତ ବୈଜ୍ଞାନିକ ଡ. ସୌମ୍ୟା ସ୍ୱାମୀନାଥନ୍

### ଆଜି ପ୍ରଥମାଷ୍ଟମୀ

# ପୋଡୁହାଁ ହେବେ ବଡ଼ଦେଉଳର ବଡ଼ଠାକୁର

ପୁରୀ, ୧୧।୧୧ (ସମିସ): ପ୍ରଥମାଷ୍ଟମୀରେ ପୋଡୁହାଁ ହେବେ ବଡ଼ଦେଉଳର ବଡ଼ଠାକୁର। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ବୁଧବାର ଭୋଗମଣ୍ଡପ ବଢ଼ିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ କରାଯିବ। ପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯିବ। ଠାକୁରଙ୍କ ମଉଳା କ୍ଷେତ୍ର କୁହାଯାଉଥିବା ପ୍ରାଚୀର ଅଧିଷ୍ଠାତା ଦେବତା ନିଆଳି ମାଧବଙ୍କ ପୀଠରୁ ଗତ ପାଞ୍ଚବର୍ଷ ହେବ ପୋଡୁଆଁ ଭାର ଆସୁଛି। ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରୁଛି। ଏବର୍ଷ ମଧ ମାଧବଙ୍କ ପୀଠରୁ ଭାର ଆସିଛି। ଏହାକୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଦାନ ଆକାରରେ ଗ୍ରହଣ କରିଛି।

ଅପରାହ୍ଣରେ ମାଧବ ମନ୍ଦିରରୁ ଭାର ଆଣି ଆସିଥିବା ଶ୍ରଦ୍ଧାଳୁ ପୁରୀରେ ପହଞ୍ଚିଥିଲେ। ଏହି ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଘିଅ ଚନ୍ଦନକାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ ଓ ଗୋପାଳବଲ୍ଲଭ ପାଇଁ ବିଭିନ୍ନ ଫଳମୂଳ, ତୁଳସୀ, ପଦ୍ମଫୁଲ ମାଳ ଆସିଛି।



ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡରେ ଶୋଭାଯାତ୍ରା କରି ଏହି ଭାର ଶ୍ରୀମନ୍ଦିରକୁ ନେଇଥିଲେ। ଆଗରେ ଭୋଇ ସେବକମାନେ ପତାକା ଧରି ଚାଲିଥିଲେ। ଢୋଲିଆ ଓ ମହୁରିଆ ମଙ୍ଗଳ ବାଦ୍ୟରେ କମ୍ପିଥିଲା

### ନିଆଳି ମାଧବ ମନ୍ଦିରରୁ ଆସିଲା ପୋଡୁହାଁ ଭାର

ପରିବେଶ। ପଛକୁ ପଛ ସଂକୀର୍ତ୍ତନ, ଲଉଡ଼ି ଖେଳ, ନୃତ୍ୟ ଆଦି ପରିବେଷଣ କରାଯାଉଥିଲା। ଏହି ସମୟରେ ବଡ଼ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ କାର୍ଯ୍ୟାଳୟ ଡୋନେସନ୍ ସେଲ୍‌ରେ ଏହି ଭାର ରଖାଯାଇଛି। ଶ୍ରୀଶ୍ରୀମାଧବାନନ୍ଦଜୀଉ ବିକାଶ ପରିଷଦ କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ଥିଲେ।

# ବିଜେପି ନୂଆପଡ଼ାରେ ନକଲି ଭୋଟରଙ୍କୁ ଆୟୁଧ କରିଛି: ବିଜେଡି

ଭୁବନେଶ୍ୱର,୧୧।୧୧(ସମିସ): ବିଜେପି ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସଂକ୍ରାନ୍ତ ମାଳମାଳ ଅଭିଯୋଗ ନେଇ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଉପ ନିର୍ବାଚନରେ ଜିଲ୍ଲା ବାହାରୁ ନକଲି ଭୋଟରଙ୍କୁ ଆଣି ଭୋଟ ଦାନ କରାଇବା, ମହିଳା ଭୋଟରଙ୍କ ଭୋଟ ଅନ୍ୟ ଲୋକ ଦେବା, ଭୋଟରଙ୍କୁ ଟିଫିନ୍ ପୁଡ଼ିଆ ଦେଇ ପ୍ରଭାବିତ କରିବା ଆଦି ପ୍ରସଙ୍ଗରେ ବିଜେଡିର ପ୍ରତିନିଧିମାନେ ସିଇଓଙ୍କ ଦୃଷ୍ଟି ଆକର୍ଷଣ କରିନ୍ତି।

ବିଜେଡିର ଅଭିଯୋଗ ଅନୁଯାୟୀ କ୍ଷମତା ହାତେଇବା ନିଶାରେ ବିଜେପି ନେତାମାନେ ଲୋକତନ୍ତ୍ରକୁ ଥଟ୍ଟା ମଜାରେ ପରିଣତ କରିଛନ୍ତି। ନୂଆପଡ଼ାବାସୀଙ୍କ ଆକ୍ରୋଶ ଭୋଟରେ ପ୍ରତିଫଳିତ ହେଉଥିବା ଦେଖି ବିଜେପି ବିରାଟ ବଡ଼ ଷଡ଼ଯନ୍ତ୍ର କ୍ରମେ ନକଲି ଭୋଟରଙ୍କ ସହାୟତା ନେଇ ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ପଛାଇ ନାହିଁ। ସୁଚିନ୍ତିତ ଯୋଜନାକ୍ରମେ ଅପରାହ୍ନ ୩.୩୦ ପରେ ନକଲି ଭୋଟରମାନଙ୍କୁ ବିଭିନ୍ନ ବୁଥରେ ପଶିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦୂରଦୂରାନ୍ତରୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ କାହିଁ କେତେ ସାଧାରଣ ଭୋଟର ଧାଇଁ ଆସିଥିଲେ; କିନ୍ତୁ ନକଲି ଭୋଟର ଓ ପ୍ରଶାସନିକ ବିଫଳତା ପାଇଁ ସେମାନେ ନିଜ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଲେ। ନୂଆପଡ଼ାର ସମସ୍ତ ଅତିସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ସମ୍ପର୍କରେ ବିଜେଡି ଆଗୁଆ ସୂଚନା ଦେଇ ବିହିତ ପଦକ୍ଷେପ ନେବା ଲାଗି ଅନୁରୋଧ କରିଥିଲା। କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ସବୁ ନୀତି, ନୈତିକତାକୁ ଜଳାଞ୍ଜଳି ଦେଇ ବିଜେପି ନୂଆପଡ଼ା ଉପନିର୍ବାଚନ ଜିତିବା ପାଇଁ ଉଦ୍ୟମ କରିଛି। ଏହାକୁ ବିଜେଡି ଘୋର ନିନ୍ଦା କରିବା ସହିତ ନିର୍ବାଚନର ପବିତ୍ରତା ରକ୍ଷା କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।



- ପ୍ରଶାସନିକ ବିଫଳତା ପାଇଁ ବହୁ ଲୋକ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ
- ୫ କିଲୋମିଟର ଦୂରରୁ ଚାଲିଚାଲି ଆସି ବି ଦେଇପାରିଲେନି ଭୋଟ
- ଛଡ଼ାଇ ନେଲେ ନୂଆପଡାର ଗରିବ ମହିଳାଙ୍କ ଭୋଟ ଅଧିକାର
- ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଫେରାଦ

ସେହିପରି ନୂଆପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିଙ୍ଗାରି ଗ୍ରାମର ମହିଳା ଭୋଟର ଜୟନ୍ତୀ ଛତ୍ରିଆଙ୍କ ନାମରେ ଆଉ କେହି ଭୋଟ ଦେବା ଘଟଣାକୁ ବିଜେଡି ନିନ୍ଦା କରିଛି। ଶ୍ରୀମତୀ ଛତ୍ରିଆ କେତେ ଦୂରରୁ ଚାଲି ଚାଲି କୋମନା ବ୍ଲକ ଅଧୀନ ବୁଥ୍ ନମ୍ବର ୩୫୧କୁ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ପାଇଁ ପହଞ୍ଚିଥିଲେ। କିନ୍ତୁ ସେଠାରେ କାର୍ଯ୍ୟରତ ନିର୍ବାଚନ କର୍ମଚାରୀମାନେ ଭୋଟ ଦେବା ପାଇଁ ଅନୁମତି ଦେଇନଥିଲେ। ତାଙ୍କ ଭୋଟ ଦିଆସରିଛି ବୋଲି ଜୟନ୍ତୀଙ୍କୁ କୁହାଯାଇଥିଲା। ନିଜ ଅଧିକାର ହରାଇ ଥିବାରୁ ଶ୍ରୀମତୀ ଛତ୍ରିଆ ଗଭୀର ନିରାଶା ଓ ଦୁଃଖ ବ୍ୟକ୍ତ କରିଥିଲେ। ଏହା ଗୋଟିଏ ଘଟଣା ନୁହେଁ ବରଂ ନିର୍ବାଚନରେ ପ୍ରଶାସନର ଗମ୍ଭୀର ବିଫଳତାର ବଳିଷ୍ଠ ଉଦାହରଣ ବୋଲି ବିଜେଡି କହିଛି। ଭୋଟ ଦେବା ଅଧିକାର ଗଣତନ୍ତ୍ରର ସର୍ବପ୍ରଥମ ଅଧିକାର। କିନ୍ତୁ ନୂଆପଡ଼ାରେ ଲୋକଙ୍କୁ ତାଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଛି। ବିଜେଡି ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ଏହାର ବିଧିବଦ୍ଧ ତଦନ୍ତ କରି ଦାୟୀ ଅଧିକାରୀମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହିତ ସାରା ରାଜ୍ୟ ପାଇଁ ଉଦାହରଣ ରଖିବା ପାଇଁ ନିର୍ବାଚନ ଅଧିକାରୀ ପଦକ୍ଷେପ ନିଅନ୍ତୁ ବୋଲି ବିଜେଡି ଦାବି ଜଣାଇଛି। ବିଜେଡିର ପ୍ରତିନିଧି ଦଳରେ ସୁଲତା ଦେଓ, ଡ. ଲେନିନ୍ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ଇପ୍ସିତା ସାହୁ, ନାରାୟଣ ଜେନା, ସୋଫିଆ ଆଲାମ, ରୀତାଞ୍ଜଳି ପ୍ରଧାନ, ଇଲ୍ଲା ସ୍ୱାଇଁ, ଜ୍ୟୋତ୍ସ୍ନାମୟୀ ପରିଡ଼ା ଓ ଅଂଶୁ ତ୍ରିପାଠୀ ସାମିଲ ହୋଇଥିଲେ।

### କଂଗ୍ରେସ ବଟନ ଟିପିଲେ ବିଜେପିକୁ ଭୋଟ୍

# ଉପନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ: କଂଗ୍ରେସ

ଭୁବନେଶ୍ୱର,୧୧।୧୧(ସମିସ): ନୂଆପଡ଼ାର ଉପନିର୍ବାଚନରେ ଭୋଟ ଚୋରି ନେଇ ସାଙ୍ଘାତିକ ଅଭିଯୋଗ ଆଣିଛି କଂଗ୍ରେସ। ଶାସକ ବିଜେପି ଶାସନ କଳ, ବଳ ଓ କୌଶଳ ଲଗାଇ ଅନୈତିକ ଉପାୟରେ ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି ବୋଲି ଦଳ କହିଛି। ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର କହିଛନ୍ତି, ମଙ୍ଗଳବାର ନୂଆପଡ଼ା ଉପନିର୍ବାଚନ ଚାଲିଥିବା ବେଳେ ଡୁମେରବାହାଲର ୩୩୯ ନମ୍ବର ବୁଥରେ ବିଜେପିକୁ ଭୋଟ ଦେବା ପାଇଁ ଟଙ୍କା ବଣ୍ଟା ଯାଉଥିଲା। କଂଗ୍ରେସର ଜଣେ କର୍ମୀଙ୍କ ସ୍ତ୍ରୀ ଅଭିଯୋଗ କରିବାରୁ ପୁଲିସ ଉପସ୍ଥିତିରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ନିର୍ବାଚନ ନୀରବ ଅବଧି ସମୟ ପୂର୍ବରୁ ବାହାର ଜିଲ୍ଲାର ରାଜନୈତିକ ବ୍ୟକ୍ତି ଯିଏ କି, ଜିଲ୍ଲା ବାହାରୁ ଆସିଥିଲେ ସମସ୍ତଙ୍କୁ ବାହାର କରିଦିଆଗଲା। କିନ୍ତୁ ବିଜେପିର ମନ୍ତ୍ରୀ, ବିଧାୟକ, ପୂର୍ବତନ ବିଧାୟକ, କର୍ମକର୍ତ୍ତା ମାନେ ସେମାନେ ନିର୍ବାଚନ ମଣ୍ଡଳୀ ବୁଲି ବୁଲି ଅବାଧରେ ଟଙ୍କା ବାଣ୍ଟିଲେ।

ଏହା ବ୍ୟତୀତ ଇଭିଏମ ମେସିନରେ କଂଗ୍ରେସ ବଟମ୍ ଚିପିଲେ ବିଜେପିର ଲାଇଟ୍ ଜଳୁଛି, ଅର୍ଥାତ୍ କଂଗ୍ରେସକୁ ଭୋଟ ଦେଲେ ବିଜେପିକୁ ଯାଉଛି। ଯାହା କି ୨୫୦ ନମ୍ବର ବୁଥରେ ପ୍ରମାଣିତ ହୋଇଛି। ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଖୋଲାଖୋଲି ଉଲଂଘନ କରାଯାଉଛି। ଜିଲ୍ଲା ନିର୍ବାଚନ ଅଧିକାରୀ, ପ୍ରଶାସନ ସବୁ ଦେଖି ଚୁପ୍ ରହିଛି। ବିଜେପି ଦଳୀୟ କର୍ମୀ ଲୋକମାନଙ୍କୁ ବିଜେପି ଚିହ୍ନ ଲଗା ଟ୍ରାକ୍ଟରରେ ବୁଥ ମଧ୍ୟକୁ ଆଣୁଛନ୍ତି। ଜିତମିତ୍ର ହାଇସ୍କୁଲରେ ଜଣେ ମହିଳା ଭୋଟ ଦେଇ ନପାରି ଫେରିଛନ୍ତି। କାରଣ ତାଙ୍କ ଭୋଟ ଆଉ କିଏ ଦେଇଦେଇଛି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ବୁଥ ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ବିଜେପି ପ୍ରାର୍ଥୀ ଫଟୋ ଥିବା ଚିରୁକୁଟି ବଣ୍ଟାଯାଉଛି ବୋଲି କଂଗ୍ରେସ ଦାବି କରିଛି।

ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଲେ, ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ନୂଆପଡା ଉପନିର୍ବାଚନରେ ଶାସକ ଦଳ ଖୋଲାଖୋଲି ଆଚରଣ ବିଧି ଉଲଂଘନ କରିବାକୁ ବଳ ପାଉଛି। ନିର୍ବାଚନ ପ୍ରଚାର ବେଳେ ବିଜେପିର ଆଚରଣ ବିଧି ଉଲଂଘନ ବିଷୟକୁ ନେଇ ଅନେକ ଥର ତାଙ୍କୁ ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଭୋଟ ଚୋରୀ, ପ୍ରାର୍ଥୀ ଚୋରୀ ବର୍ତ୍ତମାନ ସମ୍ପୂର୍ଣ ଇଭିଏମ ସିଷ୍ଟମ ଚୋରୀ ପ୍ରମାଣିତ କରୁଛି ଯେ ବିଜେପି ଭୋଟ ଚୋରୀ କରି ସରକାର ଗଢିଛି ଏବଂ ନୂଆପଡାରେ ମଧ ଭୋଟ ଚୋରୀ କରି ଜିତିବା ଉଦ୍ୟମ କରୁଛି ବୋଲି ସେ କହିଛନ୍ତି।

### ଅଲକଏଦା ଆତଙ୍କବାଦୀ ଲିଙ୍କ୍

# ଅବଦୁର ରହେମାନର ଜାମିନ ଖାରଜ

କଟକ, ୧୧।୧୧(ସମିସ): ଆତଙ୍କବାଦୀ ସଂଗଠନ ଅଲ୍‌କାଏଦା ସହ ସମ୍ପୃକ୍ତି ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଅବଦୁର ରହେମାନର ଜାମିନ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ରହେମାନ ପକ୍ଷରୁ ଦାୟର ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କଟକ ଦୌରାଜଜ୍ ଅଦାଲତରେ ପ୍ରଥମେ ଜାମିନ ଖାରଜ ହେବାରୁ ରହେମାନ୍ ହାଇକୋର୍ଟରେ ନିୟମିତ ଜାମିନ ଆବେଦନ କରଥିଲା। ରହେମାନ ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ଅଭିଯାଗ ରହିଥିବା ପ୍ରସଙ୍ଗକୁ ବିଚାରକୁ ନେଇ ଜିଲ୍ଲା ଦୌରା ଅଦାଲତ ଗତ ୨୦୨୫ ଜାନୁଆରି ୭ରେ ଜାମିନ ଖାରଜ କରିଥିଲେ। ପୂର୍ବରୁ ମଧ, ୨୦୨୪ ନଭେମ୍ବର ୮ରେ ରହେମାନର ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ପରେ ରହେମାନ ଜିଲ୍ଲା ଦୌରା ଅଦାଲତରେ ସାନି ଜାମିନ ଆବେଦନ କରିଥିଲା। ତାହା ଖାରଜ ହେବାରୁ ପୁଣି ହାଇକୋର୍ଟରେ ଜାମିନ ଆବେଦନ କରିଥିଲା।

ସୂଚନାଯୋଗ୍ୟ, ରହେମାନକୁ ଦିଲ୍ଲୀ ପୁଲିସ ଗତ ୨୦୧୫, ଡିସେମ୍ବର ୧୬ ତାରିଖରେ ଜଗତପୁର ଥାନା ଅନ୍ତର୍ଗତ ପଶ୍ଚିମକଚ୍ଛରୁ ବିଳମ୍ବିତ ରାତିରେ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ଅଦ୍ୟାବଧି ୪୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଥିବା ଜଣାପଡ଼ିଛି।

# ଜଙ୍ଗଲ ଜମିରୁ ଗଛ କାଟିବା ପାଇଁ ଟ୍ରାଞ୍ଜିଟ ପରମିଟ୍ ଆବେଦନ ଅଯଥାର୍ଥ: ହାଇକୋର୍ଟ

କଟକ, ୧୧। ୧୧(ସମିସ): ଜଙ୍ଗଲ ଶ୍ରେଣୀଭୁକ୍ତ ଜମିରୁ ଗଛ କାଟିବା ନିମନ୍ତେ ଟ୍ରାଞ୍ଜିଟ୍ ପରମିଟ୍ ପାଇଁ କରାଯାଇଥିବା ଆବେଦନ ଜଙ୍ଗଲ ସଂରକ୍ଷଣ ଆଇନ ଅନୁସାରେ ଅଯଥାର୍ଥ। ବନ ସଂରକ୍ଷଣ ଆଇନର ଧାରା-୨ ଅନୁସାରେ ଏଥିପାଇଁ କେନ୍ଦ୍ର ସରକାରଙ୍କ ପୂର୍ବ ସ୍ୱୀକୃତି ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ଏଣୁ ଓଡ଼ିଶା ଟ୍ରାଞ୍ଜିଟ୍ ରୁଲ୍ ମଧ ଉପରୋକ୍ତ ଆଇନଗତ ଆବଶ୍ୟକତାକୁ ଅତିକ୍ରମ କରିପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଅମ୍ରିତଲାଲ ସୁଦ୍‌ଙ୍କ ତରଫରୁ ରୁଜୁ ମାମଲା ଶୁଣାଣି କରିବା ସହ ଏହାକୁ ଖାରଜ କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ନୂଆପଡ଼ା ଜିଲ୍ଲା ବୋଳଦା ଅଞ୍ଚଳର ଆବେଦନକାରୀ ନିଜସ୍ୱ ଏକ ସ୍ଥିତିବାନ ଜମିରେ ଶାଗୁଆନ, ଗମ୍ଭାରୀ ଓ ଇୟୁକାଲିପଟାସ ଆଦି ଗଛ ଲଗାଇଥିଲେ। ହେଲେ ଏହି ଜମି ପରବର୍ତ୍ତୀ ସମୟରେ ଜଙ୍ଗଲ କିସମ ଶ୍ରେଣୀଭୁକ୍ତ ହୋଇଥିବାରୁ ନିଜର ଆବଶ୍ୟକତା ପାଇଁ ଏହି ଜମିରୁ ଗଛଗୁଡ଼ିକୁ କାଟି ସଫା କରିବା ପାଇଁ ଟ୍ରାଞ୍ଜିଟ୍ ପରମିଟ୍ ପ୍ରଦାନ ପାଇଁ ଆବେଦନ କରିଥିଲେ। ହେଲେ ଏହାକୁ ଖାରଜ କରିଦିଆଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ମାମଲାର ଶୁଣାଣି ବେଳେ ନୂଆପଡ଼ା ତହସିଲଦାର ଓ ଖରିଆର ବନଖଣ୍ଡର ଡିଏଫ୍‌ଓ ହାଜର ହୋଇ ସେମାନଙ୍କ ପକ୍ଷ ରଖିଥିଲେ। ପ୍ରକାଶଥାଉକି, ଆବେଦନକାରୀଙ୍କ ନାମରେ ନୂଆପଡ଼ା ଅଞ୍ଚଳରେ ରହିଥିବା କେତେକ ପ୍ଲଟ୍‌ରେ ତାଙ୍କ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଏହି ଜମିଗୁଡ଼ିକ ଜଙ୍ଗଲ କିସମ ହୋଇଯାଇଥିଲା।

### ଚଉମୁଖ-ଡଗରା ବେଳାଭୂମିର ବିକାଶ ପ୍ରସଙ୍ଗ

# ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ


କଟକ,୧୧।୧୧(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ଚଉମୁଖ-ଡଗରା ବେଳାଭୂମି ବିକାଶ ପ୍ରସଙ୍ଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସମାଜିକ କର୍ମୀ ଅନୋଜ କୁମାର ମହାପାତ୍ର ଓ ବାଲିଆପାଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେଶ ଚୌଧୁରୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଚଉମୁଖ-ଡଗରା ବେଳାଭୂମିର ବିକାଶ ହେବ। ଏଥିପାଇଁ ଯୋଜନା ପ୍ରସ୍ତୁତ ସହ ଜାଗା ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଉନ୍ନତୀକରଣ ପାଇଁ ଆବଶ୍ୟକ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା।

ମାମଲାରୁ ପ୍ରକାଶ ଯେ ବାଲିଆପାଳ ବ୍ଲକ୍‌ର ଦୁଇ ଗାଁ ଚଉମୁଖ ଓ ଡଗରାକୁ ଲାଗି ସୁବର୍ଣ୍ଣରେଖା ନଦୀ ମୁହାଣରେ ବିସ୍ତୀର୍ଣ୍ଣ ବେଳାଭୂମି ରହିଥିବା ବେଳେ ରାଜ୍ୟ ସରକାର ୧୯୮୮ରେ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିଥିଲେ। କିନ୍ତୁ ଏଯାବତ୍ ଏହି ସ୍ଥାନର ବିକାଶ ହୋଇପାରିନାହିଁ। ପଶ୍ଚିମବଙ୍ଗ ସରକାର ଦୀଘାକୁ ବିକାଶ କରାଇଥିବାରୁ ସେଠାକୁ ହଜାର ହଜାର ପର୍ଯ୍ୟଟକ ଯାଉଛନ୍ତି ଓ ସ୍ଥାନୀୟ ଲୋକଙ୍କ ଆତ୍ମନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଚଉମୁଖ-ଡଗରା ବେଳାଭୂମିକୁ ଭଲ ରାସ୍ତା ଓ ପର୍ଯ୍ୟଟକଙ୍କ ରହଣି ପାଇଁ ବ୍ୟବସ୍ଥା ଅଭାବ ଥିବାରୁ ପର୍ଯ୍ୟଟକମାନେ ନିରାଶ ହୋଇ ଫେରୁଛନ୍ତି। ବେଳାଭୂମିର ବିକାଶ ପ୍ରସଙ୍ଗରେ ଆବେଦନକାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ବାରମ୍ବାର ଦାବି କରିଥିଲେ ମଧ କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସମୀକ୍ଷା ସ୍ଥିତପ୍ରଜ୍ଞା ମାମଲା ପରିଚାଳନା କରୁଥିଲେ।

# ୩ ଜଣଙ୍କୁ କଚାଡ଼ି ମାରିଲା ଦନ୍ତା

## ବିଲ ଜଗିବାକୁ ଯାଉଥିବା ୨ ଚାଷୀଙ୍କୁ ଦଳିଦେଲା

ଜମନକିରା/କୁଚିଣ୍ଡା, ୧୧।୧୧ (ସମିସ): ବିଲ ଜଗିବାକୁ ଯାଉଥିବା ବେଳେ ଦନ୍ତା ଆକ୍ରମଣରେ ୨ଜଣ ଚାଷୀ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ସମ୍ବଲପୁର ଜିଲ୍ଲା ଜମନକିରା ଥାନା କୁତବଗାଁର ଗଙ୍ଗାରାମ ପଟେଲ(୬୩) ଏବଂ ଅନ୍ୟ ଜଣେ ଯୁଯୁମୁରା ଥାନା ଟାମ୍ପରଗଡ଼ ଗାଁର ପ୍ରଦୀପ



ଘଟୁଆଲ(୩୮)। ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବଡ଼ରମା ଅଭୟାରଣ୍ୟ କୁତବ ବିଟ୍ ଅଞ୍ଚଳରେ ଏହି ଘଟଣା ଘଟିଛି।

ସୂଚନାନୁଯାୟୀ, ପ୍ରଦୀପଙ୍କ ଶଶୁର ଘର କୁତବ ଗାଁରେ। ସେ ଉକ୍ତ ଗାଁର ଗଙ୍ଗାରାମଙ୍କ ଜମିକୁ ଭାଗରେ ନେଇ ଧାନଚାଷ କରିଥିଲେ। ପ୍ରଦୀପ ଓ ଗଙ୍ଗାରାମ ପ୍ରତି ସନ୍ଧ୍ୟାରେ ଉଡସରା ନିକଟସ୍ଥ ବିଲକୁ ଜଗିବାକୁ ଯାଉଥିଲେ। ସେଠାରେ ଥିବା ଏକ ଗଛ ତଳେ ନିଆଁ ଜାଳି ରାତି ସାରା ଜଗି ରହିବା ପରେ ସକାଳୁ ଘରକୁ ଫେରି ଆସୁଥିଲେ। ସୋମବାର ରାତି ପ୍ରାୟ ୮ଟାରେ ଉଭୟ ବିଲ ଜଗିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ରାତିରେ ଟର୍ଚ୍ଚଲାଇଟ୍ ମାରିବାରୁ ସେହି ପାଖରେ ଥିବା ଦନ୍ତା ଉଭୟଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଗଙ୍ଗାରାମଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ତାଙ୍କ ମୁଣ୍ଡକୁ ପାଦରେ ଦଳି ଛିନ୍ନଛତ୍ର କରି ଦେଇଥିଲା। ପରେ ତାଙ୍କ ଗୋଡ଼କୁ ଟାଣି ଫିଙ୍ଗି ଦେଇଥିଲା। ସେଠାରୁ ପ୍ରାୟ ୧୫ଫୁଟ୍ ଦୂରରେ ଟର୍ଚ୍ଚ ଲାଇଟ୍ ମାରୁଥିବା ପ୍ରଦୀପଙ୍କର ବି ସମାନ ଅବସ୍ଥା କରିଥିଲା ଦନ୍ତା। ତାଙ୍କୁ ଏକ ନାଳକୁ ଫିଙ୍ଗି ଦେଇଥିଲା।

ମଙ୍ଗଳବାର ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବଡ଼ରମା ରେଞ୍ଜର ଗିରିଧାରୀ ପଧାନ, ଜମନକିରା ଆଇଆଇସି ପଦ୍ମାଳୟା ସାହୁ, ତହସିଲଦାର ପ୍ରବୀଣା ବିଲୁଙ୍ଗ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଦୁହିଁଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଥିଲା। ମୃତକଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବା ସହ ତିନିଦିନ ମଧ୍ୟରେ ଉଭୟ ପରିବାରଙ୍କୁ ଏକ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜର୍ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତ ଶାନ୍ତ ପଡ଼ିଥିଲା।

## ଫୁଲ ତୋଳୁଥିବା ବୃଦ୍ଧାକୁ କଚାଡ଼ି ମାରିଲା

ରାଉରକେଲା, ୧୧।୧୧(ସମିସ): ରାଉରକେଲା ସହରରେ ପଶିଲା ଦନ୍ତା। ମଙ୍ଗଳବାର ଭୋର୍‌ରେ ଫୁଲ ତୋଳୁଥିବା ଜଣେ ବୃଦ୍ଧାଙ୍କୁ ଏକ ଦନ୍ତାହାତୀ କଚାଡ଼ି ମାରିଦେଇଛି। ମୃତ ମହିଳାଜଣଙ୍କ ହେଲେ, କୋଏଲନଗର ସି' ବ୍ଲକ୍‌ର ପୂର୍ଣ୍ଣିମା ବସ୍ତିଆ(୭୯)। ଏହି ଘଟଣା ପରେ କୋଏଲ ନଗରବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

- ରାଉରକେଲା ସହରରେ ପଶିଲା ଦନ୍ତା
- ଭୟଭୀତ ଅବସ୍ଥାରେ କୋଏଲ ନଗରବାସୀ

ସୂଚନାନୁଯାୟୀ, ପୂର୍ଣ୍ଣିମା ଆଜି ଭୋର୍ ସମୟରେ ଘର ସମ୍ମୁଖ ଗଛରୁ ଫୁଲ ତୋଳୁଥିବା ବେଳେ ହଠାତ୍ ଏକ ଦନ୍ତାହାତୀ ତାଙ୍କ ଆଗକୁ ଚାଲି ଆସିଥିଲା। ସେ କିଛି ବୁଝିବା ଆଗରୁ ଦନ୍ତା ତାଙ୍କୁ କଚାଡ଼ି ଦେଇ ପଳାଇଥିଲା। ଏହା ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ପ୍ରାତଃ ଭ୍ରମଣ କରୁଥିବା କିଛି ଲୋକେ ମଧ ଦନ୍ତାର ସମ୍ମୁଖୀନ ହୋଇ ଅଳ୍ପକେ ବର୍ତ୍ତିଯାଇଥିଲେ। ଲୋକଙ୍କ ଚିତ୍କାର ଶୁଣି ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଦନ୍ତା କୋଏଲ ନଦୀ ଅତିକ୍ରମ କରି ରିଙ୍ଗ ଜଙ୍ଗଲକୁ ଚାଲିଯାଇଥିବା ଜଣାପଡ଼ିଛି।

ଏଭଳି ଘଟଣା ପ୍ରାୟ ସମୟରେ ଗ୍ରାମାଞ୍ଚଳଗୁଡ଼ିକରେ ହେବାର ନଜିର୍ ରହିଛି। ତେବେ ହାତୀ ବର୍ତ୍ତମାନ ସହର ଭିତରେ ପଶିବା ଘଟଣାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସୂଚନାଯୋଗ୍ୟ, ବନ୍ଧମୁଣ୍ଡାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ରାସ୍ତାରେ ବିଳମ୍ବିତ ରାତିରେ ଦନ୍ତା ବୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏହାର କିଛି ସମୟ ପରେ ଡିଜେଲ କଲୋନୀ ରେଳ ଫାଟକ ଦେଇ ରେଲୱେ ୟାର୍ଡକୁ ଯାଇ ପହଞ୍ଚିଥିଲା ଦନ୍ତା ହାତୀ। ବନବିଭାଗ ପକ୍ଷରୁ ଦନ୍ତାକୁ ଜଙ୍ଗଲ ଭିତରକୁ ଘଉଡ଼ା ଯାଇଥିଲା। ପରେ ଦୁର୍ଗାପୁର ରାସ୍ତା ଦେଇ ଦନ୍ତା ଏନ୍‌ଆଇଟି ମୁଖ୍ୟ ରାସ୍ତା ହୋଇ କୋଏଲନଗର ଅଞ୍ଚଳକୁ ଯାଇଥିବା ଜଣାପଡିଛି। ଏହା ପୂର୍ବରୁ ହାତୀପଲ ବରକାନି ଗାଁରେ ଦେଖାଦେଇଥିଲେ। ବନ ବିଭାଗ ହାତୀ ପଲକୁ ଜଙ୍ଗଲକୁ ଘଉଡାଇ ଦେଇଥିଲା। ହେଲେ ଫର୍ଟିଲାଇଜର ସୋନା ପର୍ବତରୁ ହାତୀ ପଲରୁ ଗୋଟିଏ ଦନ୍ତା ଅଲଗା ହୋଇ ଯାଇଥିବା ସୂଚନା ମିଳିଛି।

### ଆଇନଜୀବୀ ପୀତବାସ ହତ୍ୟା ମାମଲା

# ବାଲାଷ୍ଟିକ୍ ଟେଷ୍ଟ ପାଇଁ ଗଲା ଜବତ ଦୁଇ ବନ୍ଧୁକ

ବ୍ରହ୍ମପୁର, ୧୧।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ପର୍ଯ୍ୟାୟକ୍ରମେ ମୋଟ ୧୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କଠାରୁ ପୁଲିସ ଦୁଇଟି ବନ୍ଧୁକ ଜବତ କରିଥିଲା। ଜବତ ବନ୍ଧୁକର ତଥ୍ୟକୁ ପୁଲିସ ମଙ୍ଗଳବାର ସ୍ଥାନୀୟ ଏସଡିଜେଏମ୍‌ଙ୍କ କୋର୍ଟରେ ଦାଖଲ କରିଛି। ଏହାସହ ବାଲାଷ୍ଟିକ୍ ଟେଷ୍ଟ ପାଇଁ ବନ୍ଧୁକଦ୍ୱୟକୁ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏସ୍‌ଏଫ୍‌ଏସ୍‌ଏଲକୁ ପଠାଯାଇଛି। ଜବତ ବନ୍ଧୁକ, ଉଦ୍ଧାର ହୋଇଥିବା ଖୋକା ଓ ପୋଷ୍ଟମୋର୍ଟମ୍ ସମୟରେ ପୀତବାସଙ୍କ ଶରୀରରୁ ଉଦ୍ଧାର ହୋଇଥିବା ଗୁଳିକୁ ବାଲାଷ୍ଟିକ ଏକ୍ସପର୍ଟଙ୍କ ନିକଟକୁ ପଠାଯାଇଛି। ରିପୋର୍ଟ ଆସିବା ପରେ କିଛି ତଥ୍ୟ ମିଳିବ ବୋଲି କୁହାଯାଉଛି। ଜବତ ବନ୍ଧୁକଦ୍ୱୟ ୯ ଏମ୍‌ଏମ୍ ବୋଲି ସ୍ପଷ୍ଟ ହୋଇଥିବାରୁ ପୀତବାସଙ୍କୁ ଏହି ପିସ୍ତଲରୁ ହିଁ ଗୁଳି କରାଯାଇଥିବା ପୁଲିସ ଦାବି କରିଛି।

### ଏମ୍‌କେସିଜିରେ ଚିକିତ୍ସା ପାଇଁ ସୁନୀଲ ହୋତାଙ୍କୁ ମିଳିଲା ଅନୁମତି

ଏହି ମାମଲାରେ ଗିରଫ ୧୬ଜଣଙ୍କ ମଧ୍ୟରୁ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ, କର୍ପୋରେଟର୍ ତଥା ଆଇନଜୀବୀ ମଳୟ ବିଷୋୟୀ, ମଦନ ଦଳାଇ ଓ ସୁନୀଲ ହୋତାଙ୍କ ପାଇଁ ଆଇନଜୀବୀମାନେ କୋର୍ଟରେ ୱକାଲତନାମା ଦାଖଲ କରିଛନ୍ତି। ସେହିପରି ବିକ୍ରମ ଓ ମଳୟଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ଘରର ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ନିଜନିଜ ଓକିଲଙ୍କ ଜରିଆରେ ନିକଟରେ ସ୍ଥାନୀୟ ଏସଡିଜେଏମ୍‌ଙ୍କ ଅଦାଲତରେ ପିଟିସନ୍ ଦାଖଲ କରିଥିଲେ। ଏସଡିଜେଏମ୍ କୁମାର ସ୍ୱନ୍ଦନ ଉକ୍ତ ପିଟିସନ୍‌ର ଶୁଣାଣି କରି ବିକ୍ରମ ଓ ମଳୟଙ୍କୁ ଜେଲ ଭିତରେ ଆବଶ୍ୟକସ୍ଥଳେ ଘର ରନ୍ଧାଖାଦ୍ୟ ଯୋଗାଇଦେବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଉଭୟ ବିକ୍ରମ ଓ ମଳୟଙ୍କ ସ୍ୱାସ୍ଥ୍ୟବସ୍ଥା ଜେଲରେ ଯାଞ୍ଚ କରାଯାଇଥିଲା। ସମସ୍ତ ରିପୋର୍ଟ ଠିକ୍ ଥିବାରୁ ସେମାନଙ୍କୁ ବାହାରର କୌଣସି ଖାଦ୍ୟ ଯୋଗାଣର ଆବଶ୍ୟକତା ନଥିବା ଜେଲ କର୍ତ୍ତୃପକ୍ଷ କୋର୍ଟକୁ ଜଣାଇଛନ୍ତି।

ଅନ୍ୟପକ୍ଷରେ ସୁନୀଲ ମଳକଣ୍ଟକ ରୋଗରେ ଆକ୍ରାନ୍ତ ଥିବାରୁ ତାଙ୍କୁ ମେଡିକାଲ ଚିକିତ୍ସାର ଆବଶ୍ୟକତା ରହିଛି। ସୁନୀଲଙ୍କ ଓକିଲ ରଶ୍ମିତା ଦାସ ଓ ଚକ୍ରପାଣି ନାହାକ ଏନେଇ ଏକ ପିଟିସନ୍ ଶୁକ୍ରବାର କୋର୍ଟରେ ଦାଖଲ କରିଥିଲେ। କୋର୍ଟ ଉକ୍ତ ପିଟିସନ୍‌ର ଶୁଣାଣି କରି ସୁନୀଲଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଏମକେସିଜି ମେଡିକାଲକୁ ପଠାଇବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବୁଧବାର ସୁନୀଲଙ୍କୁ ଏମ୍‌କେସିଜି ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯିବ ବୋଲି ସୂଚନା ମିଳିଛି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୬୫ ● ପାଉଣ୍ଡ ୧୧୫.୬୮
- ୟୁରୋ ୧୦୧.୫୯ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୩,୫୧୦ (ନୂଆଦିଲ୍ଲୀ)
- ରୁପା : ୧,୫୭,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୮୭୧.୦୦
- ନିଫ୍ଟି ୨୫,୬୯୪.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଋଷୀୟ ତେଲ ଅର୍ଡର ବନ୍ଦ କଲେ ଭାରତୀୟ କମ୍ପାନୀ



**ରିଲାଏନ୍ସ ସମେତ ୫ କମ୍ପାନୀ ଡିସେମ୍ବରରେ ତେଲ କିଣିବେନି**

**ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):** ଡିସେମ୍ବର ଡେଲିଭରୀ ପାଇଁ ଭାରତ ରୁଷରୁ ଏହାର ଅଶୋଧିତ ତୈଳ କ୍ରୟକୁ ଯଥେଷ୍ଟ ହ୍ରାସ କରିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଦେଶର ପାଞ୍ଚଟି ପ୍ରମୁଖ ବିଶୋଧନାଗାର ଡିସେମ୍ବର ପାଇଁ କୌଣସି ନୂତନ ଅର୍ଡର ଦେଇନାହାଁନ୍ତି। ଆମେରିକାର ପ୍ରତିବନ୍ଧକ ଏବଂ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି।

ଅଗଷ୍ଟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷଠାରୁ ତୈଳ କ୍ରୟ ପାଇଁ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଥିଲେ। ପରବର୍ତ୍ତୀ ସମୟରେ, ସେ ରୁଷର ସରକାରୀ ତେଲ କମ୍ପାନୀ, ରୋସନେଫ୍ଟ ଏବଂ ଲୁକ୍ଅଏଲ ସହିତ ସମସ୍ତ କାରବାରକୁ ନିଷେଧ କରିଥିଲେ। ଏହି କଟକଣାଗୁଡ଼ିକ ନଭେମ୍ବର ୨୧ ତାରିଖରୁ ଲାଗୁ ହେବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଭାରତ ପେଟ୍ରୋଲିୟମ୍, ହିନ୍ଦୁସ୍ତାନ ପେଟ୍ରୋଲିୟମ୍, ମାଙ୍ଗାଲୋର ରିଫାଇନାରୀ ଏବଂ ଏଚ୍‌ପିସିଏଲ-ମିତ୍ତଲ ଏନର୍ଜି ଡିସେମ୍ବର ପାଇଁ ରୁଷକୁ କୌଣସି ନୂତନ ଅର୍ଡର ଦେଇ ନାହାଁନ୍ତି। ଏହି କମ୍ପାନୀଗୁଡ଼ିକ ଚଳିତବର୍ଷ ଏ ପର୍ଯ୍ୟନ୍ତ ରୁଷଠାରୁ ଭାରତକୁ ହୋଇଥିବା ଆମଦାନୀର ଦୁଇ-ତୃତୀୟାଂଶ ତେଲ କିଣିଛନ୍ତି। ଇଣ୍ଡିଆନ୍ ଅଏଲ୍ (ଆଇଓସି) ଏବଂ ନାୟାରା ଏନର୍ଜି ହେଉଛି ଡିସେମ୍ବର ପାଇଁ ରୁଷର ତେଲ କ୍ରୟ କରୁଥିବା ଏକମାତ୍ର ଦେଶ। ଆଇଓସି ଅଣ-ପ୍ରତିବନ୍ଧିତ ଯୋଗାଣକାରୀଙ୍କଠାରୁ ତେଲ କ୍ରୟ କରୁଥିବାବେଳେ, ନାଏରା ଯେଉଁଥିରେ ରୁଷିଆର ରୋସନେଫ୍ଟର ୪୯% ଅଂଶଧନ ଅଛି, ତାହା ସମ୍ପୂର୍ଣ୍ଣ ଭାବରେ ରୁଷିଆର ଯୋଗାଣ ଉପରେ ନିର୍ଭରଶୀଳ।

ଚଳିତବର୍ଷ ଭାରତର ତୈଳ ଯୋଗାଣର ପ୍ରାୟ ୩୬% ରୁଷ କରିଛି, କିନ୍ତୁ ରିଫାଇନାରୀଗୁଡ଼ିକ ଏବେ ବିକଳ୍ପ ଖୋଜୁଛନ୍ତି। ଆଇଓସି ଜାନୁଆରୀ-ମାର୍ଚ୍ଚ ପାଇଁ ଆମେରିକା ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ୨୪ ନିୟୁତ ବ୍ୟାରେଲ ତେଲ କିଣିବାକୁ ବିଡ୍ କରିଛି। ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ଜାନୁଆରୀ ପାଇଁ ଆମେରିକା ଏବଂ ପଶ୍ଚିମ ଏସିଆରୁ ୪ ନିୟୁତ ବ୍ୟାରେଲ ତେଲ କିଣିଛି। ସାଉଦି ଆରାମ୍‌କୋ ଏବଂ ଆବୁଧାବି ନ୍ୟାସନାଲ୍ ଅଏଲ୍ କମ୍ପାନୀ (ଏଡିନକ୍) ଭାରତୀୟ ଅଧିକାରୀଙ୍କ ସହ ସାକ୍ଷାତ କରି ଯୋଗାଣ ଜାରି ରଖିବାର ପ୍ରତିଶ୍ରୁତି ଦେଇଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଛନ୍ତି ଯେ ଭାରତ ଏବଂ ଆମେରିକା ଏକ ନୂତନ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାର ନିକଟତର। ସେ କହିଛନ୍ତି ଯେ ଆମେରିକା ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ଧୀରେ ଧୀରେ ହ୍ରାସ କରିବ। ଭାରତ ଉପରେ ଶୁଳ୍କ ହ୍ରାସ କରିବା ପ୍ରଶ୍ନରେ, ଟ୍ରମ୍ପ କହିଛନ୍ତି ଯେ ରୁଷିଆର ତେଲ କିଣିବା ଯୋଗୁଁ ଭାରତ ଉପରେ ଉଚ୍ଚ ଶୁଳ୍କ ଲାଗୁ କରାଯାଇଥିଲା, କିନ୍ତୁ ଏବେ ଭାରତ ରୁଷିଆରୁ ତେଲ କ୍ରୟକୁ ଯଥେଷ୍ଟ ହ୍ରାସ କରିଛି। ସେ କହିଛନ୍ତି, ହଁ ଆମେ ଶୁଳ୍କ ହ୍ରାସ କରିବୁ। ସୂଚନାଯୋଗ୍ୟ ଯେ, ଟ୍ରମ୍ପ ଏ ପର୍ଯ୍ୟନ୍ତ ଭାରତ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରିଛନ୍ତି। ଏଥିରେ ୨୫% ପାରସ୍ପରିକ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ୨୫% ଜରିମାନା ଅନ୍ତର୍ଭୁକ୍ତ। ପାରସ୍ପରିକ ଶୁଳ୍କ ଅଗଷ୍ଟ ୭ ରୁ ଲାଗୁ ହୋଇଛି ଏବଂ ଅଗଷ୍ଟ ୨୭ରୁ ଜୋରିମାନା ଲାଗୁ ହୋଇଛି। ଆମେରିକା ରୁଷ ଉପରେ ଚାପ ପକାଇବା ପାଇଁ ଭାରତ ଉପରେ ଆର୍ଥିକ କଟକଣା ଲଗାଇଛି। ଟ୍ରମ୍ପ ଅନେକ ଥର ଦାବି କରିଛନ୍ତି ଯେ ରୁଷ ଭାରତରୁ ତେଲ କିଣିବା ଦ୍ୱାରା ପାଉଥିବା ଟଙ୍କାରେ ୟୁକ୍ରେନରେ ଯୁଦ୍ଧକୁ ପ୍ରୋତ୍ସାହିତ କରୁଛି।

## ଇପିସିଏଚ୍ ଦୁବାଇରେ ଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ



**ନୂଆଦିଲ୍ଲୀ,୧୧।୧୧:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇସ୍ଥିତ ଦୁବାଇ ବିଶ୍ୱ ବାଣିଜ୍ୟ କେନ୍ଦ୍ରରେ ଉପହାର ଏବଂ ଜୀବନଶୈଳୀ ମଧ୍ୟପ୍ରାଚ୍ୟ ନଭେମ୍ବର ୧୧ ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇପିସିଏଚ୍‌ର ବିଷୟବସ୍ତୁ ପ୍ରଦର୍ଶନୀ, ଭାରତୀୟ ହସ୍ତଶିଳ୍ପ - ଉପହାରପ୍ରାପ୍ତ ହାତର ଯାଦୁ,ଉପସ୍ଥାପିତ ହୋଇଥିଲା। ଇପିସିଏଚ୍ ଇଣ୍ଡିଆ ପାଭିଲିୟନକୁ ଦୁବାଇରେ ଭାରତର କନସୁଲ ଜେନେରାଲ ସତୀଶ କୁମାର ସିଭାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ହସ୍ତଶିଳ୍ପ ପାଇଁ ରପ୍ତାନି ପ୍ରମୋସନ ପରିଷଦ (ଇପିସିଏଚ୍)ର ଅଧ୍ୟକ୍ଷ ଡକ୍ଟର ନୀରଜ ଖାନ୍ନା, ଇପିସିଏଚ୍‌ର ମୁଖ୍ୟ ସଂଯୋଜକ ଅବଧେଶ ଅଗ୍ରୱାଲ, ଇପିସିଏଚ୍‌ର ବରିଷ୍ଠ ଅଧିକାରୀ, ସଦସ୍ୟ ପ୍ରଦର୍ଶକ ଏବଂ ଉପହାର ଏବଂ ଜୀବନଶୈଳୀର ପୋର୍ଟଫୋଲିଓ ନିର୍ଦ୍ଦେଶକ ଟେରେସା ହାଇଟର ଉପସ୍ଥିତ ଥିଲେ। ମେସେ ଫ୍ରାଙ୍କଫର୍ଟ ମଧ୍ୟପ୍ରାଚ୍ୟର ସରକାରୀ ସମ୍ପର୍କ ନିର୍ଦ୍ଦେଶକ ମହମ୍ମଦ ଆଲମାନସୁରୀ ମଧ୍ୟ ଉପସ୍ଥିତ ଥିଲେ। ହସ୍ତଶିଳ୍ପ ପାଇଁ ରପ୍ତାନି ପ୍ରମୋସନ ପରିଷଦ (ଇପିସିଏଚ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ. ବର୍ମା ସୂଚନା ପ୍ରଦାନ କରିଥିଲେ। ଉଦଘାଟନୀ ଉତ୍ସବରେ ଶ୍ରୀ ସିଭାନ ଭାରତୀୟ ହସ୍ତଶିଳ୍ପକୁ ବିଶ୍ୱ ବଜାରରେ ପ୍ରୋତ୍ସାହିତ କରିବା ଏବଂ ଦେଶରୁ ହସ୍ତଶିଳ୍ପ ରପ୍ତାନିକୁ ବୃଦ୍ଧି କରିବା ପାଇଁ ପରିଷଦର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ।

# ଭାରତ ଉପରୁ କମିବ ଟାରିଫ୍: ଟ୍ରମ୍ପ

**ୱାଶିଂଟନ୍, ୧୧।୧୧(ଏଜେନ୍ସି):** ଭାରତ ଉପରୁ କମ୍ ହେବ ଟାରିଫ୍। ଏ ନେଇ ସଙ୍କେତ ଦେଇଛନ୍ତି ଖୋଦ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଖୁବ୍ ଶୀଘ୍ର ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଚୁକ୍ତିରେ ବାଜିବ ମୋହର। ଆମେରିକା ଏବଂ ଭାରତ ମଧ୍ୟରେ ବିଗିଡ଼ିଥିବା ସମ୍ପର୍କକୁ ପୁନଃସ୍ଥାପିତ କରିବାର ଦାୟିତ୍ୱ ଏବେ ଭାରତ ପାଇଁ ନୂତନ ଭାବେ ନିଯୁକ୍ତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋରଙ୍କ ଉପରେ ରହିବ। ଗୋରଙ୍କ ଶପଥ ଗ୍ରହଣ ସମାରୋହରେ ଅଧ୍ୟକ୍ଷତା କରି ଟ୍ରମ୍ପ ଆଶା ପ୍ରକାଶ କରିଥିଲେ ଯେ ଗୋର୍ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଉନ୍ନତ କରିବେ। ସେ କହିଥିଲେ, ମୁଁ ଆମ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ପର୍କ ମଧ୍ୟରୁ ଗୋଟିଏ - ଭାରତ ସହିତ ଆମର ରଣନୈତିକ ସହଭାଗିତାକୁ ଆହୁରି ମଜବୁତ କରିବା ପାଇଁ ସର୍ଗିଓ ଗୋରଙ୍କ ଉପରେ ନିର୍ଭର କରୁଛି। ଏହା ଏକ ବହୁତ ବଡ଼ କଥା। ଟ୍ରମ୍ପ ଆହୁରି କହିଛନ୍ତି ଯେ ଭାରତ ବିଶ୍ୱର ସବୁଠାରୁ ପୁରୁଣା ସଭ୍ୟତା ମଧ୍ୟରୁ ଗୋଟିଏ ଏବଂ ବର୍ତ୍ତମାନ ବିଶ୍ୱର ସର୍ବବୃହତ ଦେଶ, ଯେଉଁଠାରେ ପାଖାପାଖି ୧୫୦ କୋଟି ଲୋକ ରହୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତାଙ୍କର ବହୁତ ଭଲ ସମ୍ପର୍କ ଅଛି। ଯେତେବେଳେ ଟ୍ରମ୍ପଙ୍କୁ ଭାରତ ସହିତ ବାଣିଜ୍ୟ ଚୁକ୍ତିର ଅଗ୍ରଗତି ଏବଂ ଶୁଳ୍କ (ଆମଦାନୀ ଶୁଳ୍କ) ହ୍ରାସ କରିବାର ସମ୍ଭାବନା ବିଷୟରେ ପଚରାଯାଇଥିଲା, ସେ କହିଥିଲେ ବର୍ତ୍ତମାନ ଭାରତ ଉପରେ ଶୁଳ୍କ ବହୁତ ଅଧିକ। ପୂର୍ବରୁ, ଭାରତ ରୁଷରୁ ତେଲ ଆମଦାନୀ କରୁଥିଲା, କିନ୍ତୁ ବର୍ତ୍ତମାନ ତାହା ଯଥେଷ୍ଟ ହ୍ରାସ ପାଇଛି। ତେଣୁ, ଆମେ ଖୁବ୍ ଶୀଘ୍ର ଭାରତ ଉପରେ ଶୁଳ୍କ ହ୍ରାସ କରିବାକୁ ଯାଉଛୁ ଏବଂ ଆମେ କୌଣସି ସମୟରେ ସେଗୁଡ଼ିକୁ ହ୍ରାସ କରିବୁ। ଏହି ବିବୃତ୍ତି ସହିତ ଟ୍ରମ୍ପ ଇଙ୍ଗିତ ଦେଇଛନ୍ତି ଯେ ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଉନ୍ନତ ହେବା ସହିତ ଭବିଷ୍ୟତରେ ଆମଦାନୀ ଶୁଳ୍କ ହ୍ରାସ କରାଯାଇପାରିବ।

**ବାଣିଜ୍ୟ ଚୁକ୍ତିରେ ଖୁବ୍ ଶୀଘ୍ର ବାଜିବ ମୋହର**

ସେ ଭାରତକୁ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ମଧ୍ୟବିତ୍ତ ଦେଶ ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ଏହା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆମେରିକା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଏବଂ ରଣନୈତିକ ଅଂଶୀଦାର। ଟ୍ରମ୍ପ କହିଛନ୍ତି ଯେ ରାଷ୍ଟ୍ରଦୂତ ଭାବରେ, ସେର୍ଗିଓ ଗୋରଙ୍କ କାର୍ଯ୍ୟ ହେବ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା, ଆମେରିକୀୟ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟାରେ ନିବେଶକୁ ପ୍ରୋତ୍ସାହିତ କରିବା, ଆମେରିକୀୟ ଶକ୍ତି ରପ୍ତାନି ବୃଦ୍ଧି କରିବା ଏବଂ ସୁରକ୍ଷା ସହଯୋଗକୁ ବିସ୍ତାର କରିବା।

**ସେୟାର ବଜାରରେ ଅନିଶ୍ଚିତତା**

# ଏସ୍‌ଆଇପିରେ ନିବେଶ ବନ୍ଦ କଲେ ଲକ୍ଷାଧିକ ନିବେଶକ

**ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):** ଗତ କିଛି ବର୍ଷ ଧରି ମ୍ୟୁଚୁଆଲ୍ ଫଣ୍ଡ ଏସ୍‌ଆଇପି (ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍) ନିବେଶ କରିବାର ସବୁଠାରୁ ସହଜ ଏବଂ ନିର୍ଭରଯୋଗ୍ୟ ଉପାୟ ପାଲଟିଛି। ପ୍ରତି ମାସରେ ଅଳ୍ପ ପରିମାଣରେ ନିବେଶ କରି ଏକ ବଡ଼ କର୍ପସ୍ ପାଣ୍ଠି ଗଠନ କରିବାର କ୍ଷମତା ଲକ୍ଷ ଲକ୍ଷ ଲୋକଙ୍କୁ ଏଥିପ୍ରତି ଆକର୍ଷିତ କରିଛି। କିନ୍ତୁ ବର୍ତ୍ତମାନ, ପରିସ୍ଥିତି ବଦଳିଥିବା ପରି ମନେ ହେଉଛି। ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ବହୁ ସଂଖ୍ୟକ ନିବେଶକ ସେମାନଙ୍କର ଏସ୍‌ଆଇପି ବନ୍ଦ କରୁଛନ୍ତି। ଏହି ଲୋକପ୍ରିୟ ନିବେଶ ଉପକରଣରୁ ନିବେଶକମାନେ ଦୂରେଇ ଯାଉଛନ୍ତି। ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ଆସୋସିଏସନ୍ (ଏଏମ୍‌ଏଫ୍‌ଆଇ) ର ତଥ୍ୟ ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ରେ ପ୍ରାୟ ୪.୪୦୩ ନିୟୁତ ଏସ୍‌ଆଇପି ବନ୍ଦ ହୋଇଥିଲା। ତେବେ ଅଗଷ୍ଟରେ ୪.୧୧୫ ନିୟୁତ ଏସ୍‌ଆଇପି ବନ୍ଦ ଥିଲା, ଯାହା ୭% ବୃଦ୍ଧି ଦର୍ଶାଉଛି। ଗତ ବର୍ଷ, ସେପ୍ଟେମ୍ବର ମାସରେ ପ୍ରାୟ ୪ ନିୟୁତ ଏସ୍‌ଆଇପି ବନ୍ଦ ହୋଇଥିଲା। ଏହି ଧାରା ସୂଚାଇ ଦେଉଛି ଯେ ନିବେଶକମାନେ ସେମାନଙ୍କର ରଣନୀତିର ପୁନଃବିଚାର କରୁଛନ୍ତି। କେତେକ ବଜାର ଅସ୍ଥିରତା ବିଷୟରେ ଚିନ୍ତିତ, ଯେତେବେଳେ କି ଅନ୍ୟମାନେ ଲକ୍ଷ୍ୟର ଅଭାବ କିମ୍ବା ଦୁର୍ବଳ ପାଣ୍ଠି ପ୍ରଦର୍ଶନ ଯୋଗୁଁ ଏସ୍‌ଆଇପି ବନ୍ଦ କରୁଛନ୍ତି।




ଏଏମ୍‌ଏଫ୍‌ଆଇ ତଥ୍ୟ ଦର୍ଶାଉଛି ଯେ ଗତ କିଛି ମାସ ଧରି ଏସ୍‌ଆଇପି ବନ୍ଦ କରିବାର ଗତି ଅସ୍ଥିର ରହିଛି। ଜୁନ୍ ମାସରେ ୪.୮ ନିୟୁତ ଏସ୍‌ଆଇପି ବନ୍ଦ ହୋଇଥିଲା, ଜୁଲାଇରେ ୪.୩ ନିୟୁତ, ଅଗଷ୍ଟରେ ୪.୧ ନିୟୁତ ଏବଂ ସେପ୍ଟେମ୍ବରରେ ପୁଣି ଥରେ ଏଥିରେ ବୃଦ୍ଧି ଘଟି ତାହା ୪.୪ ନିୟୁତ ହୋଇଯାଇଛି। ଏହା ସ୍ପଷ୍ଟ ଯେ ନିବେଶକମାନେ ସେମାନଙ୍କର ନିବେଶ ବିଷୟରେ ଏ ପର୍ଯ୍ୟନ୍ତ ଅନିଶ୍ଚିତ ଏବଂ ନିରନ୍ତର ଭାବେ ସେମାନଙ୍କର ପୋର୍ଟଫୋଲିଓ ସମୀକ୍ଷା କରୁଛନ୍ତି। ନିବେଶକମାନେ ଏସ୍‌ଆଇପି ବନ୍ଦ କରିବାର ପ୍ରମୁଖ କାରଣ ହେଉଛି, ପୋର୍ଟଫୋଲିଓ ଉନ୍ନତି। ଅନେକ ନିବେଶକ ସେମାନଙ୍କର ନିବେଶକୁ ଗୋଟିଏ ଏସ୍‌ଆଇପି ବଦଳରେ ଏକ ଭଲ ପାଣ୍ଠିକୁ ସ୍ଥାନାନ୍ତର କରିବା ହେଉଛି ସଠିକ୍ ପଦକ୍ଷେପ।

ଯଦି ଏକ ସେକ୍ଟର-ନିର୍ଦ୍ଦିଷ୍ଟ ପାଣ୍ଠି ଦୀର୍ଘ ସମୟ ଧରି ଖରାପ ପ୍ରଦର୍ଶନ କରୁଛି, ତେବେ ସେଥିରେ ଏସ୍‌ଆଇପି ଜାରି ରଖିବା କ୍ଷତିକାରକ ହୋଇପାରେ। ଏପରି ପରିସ୍ଥିତିରେ, ନିବେଶକମାନେ ବ୍ୟାପକ ବଜାର କିମ୍ବା ବଡ଼-

**ସେପ୍ଟେମ୍ବରରେ ୪.୪ ନିୟୁତ ଏସ୍‌ଆଇପି ବନ୍ଦ**

ଅନେକ ଛୋଟ ଏସ୍‌ଆଇପିରେ ବିଭକ୍ତ କରି ବିପଦ ହ୍ରାସ କରିବାକୁ ଏବଂ ଭଲ ରିଟର୍ଣ୍ଣ ହାସଲ କରିବାକୁ ଚାହାଁନ୍ତି। ଏଥିପାଇଁ ସେମାନଙ୍କୁ ସେମାନଙ୍କର ପୁରୁଣା ଏସ୍‌ଆଇପି ବନ୍ଦ କରିବାକୁ ଏବଂ ଏକ ନୂତନ ରଣନୀତି ଗ୍ରହଣ କରିବାକୁ ପଡିବ। କେତେକ ସମୟରେ ନିବେଶକମାନେ ପରେ ଅନୁଭବ କରନ୍ତି ଯେ ସେମାନେ ଏପରି ଏକ ପାଣ୍ଠି ବାଛିଛନ୍ତି ଯାହା ସେମାନଙ୍କର ଲକ୍ଷ୍ୟ ସହିତ ମେଳ ଖାଉ ନାହିଁ। ଏପରି ପରିସ୍ଥିତିରେ, ଏସ୍‌ଆଇପି ବନ୍ଦ କରିବା ଏବଂ ସିଷ୍ଟମେଟିକ୍ ଟ୍ରାନ୍ସଫର ପ୍ଲାନ୍ (ଏସ୍‌ଟିପି) ମାଧ୍ୟମରେ ଟଙ୍କାକୁ କ୍ୟାପ୍ ପାଣ୍ଠିକୁ ପସନ୍ଦ କରିଥାନ୍ତି। ଚାକିରି ହରାଇବା, ଚିକିତ୍ସା ଖର୍ଚ୍ଚ କିମ୍ବା ପରିବାରର ଆର୍ଥିକ ସଙ୍କଟ ଭଳି ପରିସ୍ଥିତିରେ ଏସ୍‌ଆଇପି ବନ୍ଦ କରିବା ଏକ ଆବଶ୍ୟକତା ହୋଇଯାଏ। ଏହି ସମୟରେ, ନଗଦ ସଂରକ୍ଷଣ କରିବା ଏକ ପ୍ରାଥମିକତା। ପ୍ରାୟତଃ କୁହାଯାଏ ଯେ ଏସ୍‌ଆଇପି କେବେ ବି ବନ୍ଦ କରାଯିବା ଉଚିତ୍ ନୁହେଁ, କିନ୍ତୁ ଆର୍ଥିକ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ଭାବରେ ଏକମତ ନୁହଁନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ ଏସ୍‌ଆଇପି ବନ୍ଦ କରିବା ଜରୁରୀ ନୁହେଁ; ଏହା ଆବଶ୍ୟକତା ଏବଂ ପରାମର୍ଶ ଉପରେ ଆଧାରିତ ହେବା ଉଚିତ।

## ୧୪ରୁ ଡିଜାଇନ କାର୍ଣ୍ଣିଭାଲ ଆଣ୍ଡ ବିଲ୍ଡ ଏକ୍ସପୋ

**ଭୁବନେଶ୍ୱର,୧୧।୧୧(ସମିସ):** ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଆର୍କିଟେକ୍ଟସ୍ ଓଡ଼ିଶା ଚାପ୍ଟର ପକ୍ଷରୁ ଏହାର ଅଗ୍ରଣୀ ବାର୍ଷିକ କାର୍ଯ୍ୟକ୍ରମ ଡିଜାଇନ କାର୍ଣ୍ଣିଭାଲ ଆଣ୍ଡ ବିଲ୍ଡ ଏକ୍ସପୋ ୨୦୨୫ ପୁନଃ ଆୟୋଜନ ସମ୍ପର୍କରେ ଗର୍ବର ସହିତ ଘୋଷଣା କରାଯାଇଛି। ଏହା ନଭେମ୍ବେର ୧୪ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱର ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନରେ ଆୟୋଜିତ ହେବାକୁ ଯାଉଛି। ଚଳିତ ବର୍ଷ ଏହାର ବିଷୟବସ୍ତୁ ରଖାଯାଇଛି 'ଏଆଇ-ଆର୍କିଟେକ୍‌ଚର ଇଣ୍ଟେଲିଜେନ୍ସ' ଯାହା କୃତ୍ରିମ ବୁଦ୍ଧିମତା ଏବଂ ସ୍ଥାପତ୍ୟଗତ ଡିଜାଇନକୁ ନେଇ ହେଉଥିବା ନୂତନ ଆଲୋଚନାକୁ ଆଗକୁ ବଢାଇବା ସହିତ ପ୍ରଯୁକ୍ତି କିଭଳି ମାନବୀୟ ସୃଜନଶୀଳତାରେ ବୃଦ୍ଧି ଘଟାଇପାରିବ,ଡିଜାଇନ ପ୍ରକ୍ରିୟାରେ ବିପ୍ଳବ ଆଣିବ ଏବଂ ଆମର ନିର୍ମାଣ ପରିବେଶର ଭବିଷ୍ୟତକୁ କିଭଳି ରୂପରେଖ ପ୍ରଦାନ କରିବ ସେ ସମ୍ପର୍କରେ ସମ୍ଭାବ୍ୟତା ଅନୁଧ୍ୟାନ କରୁଛି। ଏହି କାର୍ଯ୍ୟକ୍ରମକୁ ନଭେମ୍ବର ୧୪ରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ଭାରତ ମସଲା ପକ୍ଷରୁ ୫ମ ଦିନର ଲକି ଡ୍ର



**କଟକ,୧୧।୧୧(ସମିସ):** ଭାରତ ମସଲା ପକ୍ଷରୁ ବାଲିଯାତ୍ରାରେ ପ୍ରତିଦିନ ଉଠାଯାଇଥିବା ଲକି ଡ୍ର କାର୍ଯ୍ୟକ୍ରମର ଆଜି ଥିଲା ୫ମ ଦିବସ। ଏଥିରେ ପ୍ରଥମ ବିଜେତା ଜଣକ ହେଇଛନ୍ତି ଜଗତପୁର କଟକର ଲୋକନାଥ ସେଠୀ ଯିଏକି ମୁଖ୍ୟ ଅତିଥି ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡାଙ୍କଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭେନ୍ ଗ୍ରହଣ କରିଥିଲେ। ସେହିପରି ୨ୟ ବିଜେତା ଯାଜପୁରର ସୌମ୍ୟରଞ୍ଜନ ମଲ୍ଲିକଙ୍କୁ ରେସିଂ ବାଇ ସାଇକେଲ,୩ୟ ବିଜେତା ଚୌଦ୍ୱାର ନୂଆସାହିର ରବୀନ୍ଦ୍ରନାଥ ସାହୁଙ୍କୁ ବାଉଲ୍ ସେଟ୍, ସାନ୍ତ୍ୱନା ମୂଳକ ବିଜେତା କଟକ ଶିଖରପୁରର ବଳଦେବ ସିଂ ଙ୍କୁ ଫ୍ରାଇଂ ପାନ୍ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ଏସଏନ ମିଲେନିୟମ, ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱିତୀୟ ତ୍ରୈମାସିକରେ ଟାଟା ପାୱାରର ଦୃଢ଼ ଆର୍ଥିକ ଫଳାଫଳ

**ନୂଆଦିଲ୍ଲୀ,୧୧।୧୧:** ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ ଟାଟା ପାୱାର ଦୃଢ଼ ଆର୍ଥିକ ଫଳାଫଳ ପ୍ରଦର୍ଶନ କରିଛି। ଏଥିରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭ (ପ୍ୟାଟ୍) ରେ ୧୪ ପ୍ରତିଶତ ଅଭିବୃଦ୍ଧି ଘଟି ତାହା ୧୨୪୫ କୋଟି ଟଙ୍କାରେ ପହଞ୍ଚିଛି। କମ୍ପାନୀର ମୋଟ ବ୍ୟବସାୟ ରେ ୩୫ ପ୍ରତିଶତ ବୃଦ୍ଧି ହୋଇଛି। ଅପରପକ୍ଷେ ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ଟାଟା ପାୱାରର ଟିକସ ପରବର୍ତ୍ତୀ ଲାଭରେ ୧୦ ପ୍ରତିଶତ ଅଭିବୃଦ୍ଧି ଘଟି ୨୫୦୮ କୋଟି ଟଙ୍କା ହୋଇଛି। କମ୍ପାନୀର ସୋଲାର ସେଲ୍ ଏବଂ ମଡ୍ୟୁଲ୍ ମାନୁଫାକ୍‌ଚରିଂ ଟିକସ ପରବର୍ତ୍ତୀ ଲାଭରେ ୨୬୨ ପ୍ରତିଶତ ବୃଦ୍ଧି ଘଟି ୨୪୦ କୋଟି ଟଙ୍କା ଛୁଇଁଛି। ଅପରପକ୍ଷେ ଓଡ଼ିଶା ଡିସ୍‌କମ୍‌ର ଟିକସ ପରବର୍ତ୍ତୀ ଲାଭରେ ୩୬୨ ପ୍ରତିଶତ ବୃଦ୍ଧି ହୋଇ ତାହା ୧୭୪ କୋଟି ଟଙ୍କାରେ ପହଞ୍ଚିଛି।

## ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରେ ଜାତୀୟ ଆଲୋଚନାଚକ୍ର




**ଭୁବନେଶ୍ୱର,୧୧।୧୧(ସମିସ):** ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରେ 'ଆଡ଼ପ୍ଟ ଜିରୋ ଆକ୍ସିଡେଣ୍ଟ' ଭିଜନ ଉପରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଇଜିଏଫପି, ସିଏଚ୍‌ଡ଼ିଏନଏଲ୍‌ଆର ଏବଂ ସ୍ୱସ୍ଥଭୂମି ପ୍ରାଇଭେଟ ଲିମିଟେଡ଼ ମିଳିତ ଭାବେ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ଆଇଜିଏଫପିର ପ୍ରତିଷ୍ଠାତା ନିର୍ଦ୍ଦେଶକ ବି. କେ. ସାହୁ ସଭାପତିତ୍ୱ କରିଥିବାବେଳେ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଅଧ୍ୟକ୍ଷା ପ୍ରଫେସର ଡ଼ଃ ଶର୍ମିଳା ସୁବ୍ରମଣିୟମ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିରୋ ଆକ୍ସିଡେଣ୍ଟ ଭିଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଇଏସଆଇସିର ରିଜିଓନାଲ ଡ଼ାଇରେକ୍ଟର ରୁଦ୍ର ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ବିଷୟ ବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଣ୍ଣ ହସ୍ପିଟାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ଼ଃ ଘନଶ୍ୟାମ ବିଶ୍ୱାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସମ୍ପାଦକ ଡ଼ଃ ବଙ୍କିମ ମହାନ୍ତି ଏବଂ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡ଼ିନ୍ (ଟ୍ରେନିଂ ଏବଂ ପ୍ଲେସମେଣ୍ଟ) ପ୍ରଫେସର ଜିନାଶିଷ ମହାନ୍ତି ଏବଂ ସିଏଚ୍‌ଡ଼ିଏନଏଲ୍‌ଆରର ସଭାପତି ଡ଼ଃ ସ୍ୱାତୀ ପରୋଶି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।

**ହରିୟାଣାରେ ଋଣ କାରବାରର 'ଅଦୃଶ୍ୟ' ଖେଳ**

# ବିନା କାଗଜପତ୍ରରେ ମିଳିଯାଉଛି ୪୦୦ କୋଟିର ଋଣ

**ଚଣ୍ଡିଗଡ଼, ୧୧।୧୧ (ଏଜେନ୍ସି):** ଋଣ କାରବାରରେ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାଗୁଡିକର ବଡ଼ ଭୂମିକା ରହିଥାଏ। ହେଲେ ହରିୟାଣାରେ ଏପରି ଏକ ଋଣ କାରବାର ଚାଲିଛି ଯେଉଁଥିରେ ବ୍ୟାଙ୍କ କିମ୍ବା କୌଣସି ଫାଇନାନ୍ସ କମ୍ପାନୀର କୌଣସି ଭୂମିକା ନାହିଁ। ହରିୟାଣାର ଝାଜ୍ଜର ଜିଲ୍ଲାର ଦିଘଲ ଗାଁ କୁ ବର୍ତ୍ତମାନ 'ଫାଇନାନ୍ସରଙ୍କ ଗାଁ' କୁହାଯାଉଛି। କାରଣ ଏହି ଗାଁରେ ମୁହଁମତରେ ଆପୋଷ ଆଲୋଚନାରେ ମିଳିଯାଉଛି ପ୍ରାୟ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ। ମାସିକ ୫% ସୁଧହାରରେ ଚାଲିଥିବା ଏହି ଋଣ କାରବାରର 'ଅଦୃଶ୍ୟ' ଖେଳରେ କେବଳ ଫାଇନାନ୍ସର ନୁହଁନ୍ତି, କର୍ପୋରେଟ୍ ଏବଂ ଗ୍ୟାଙ୍ଗଷ୍ଟର ସାମିଲ ଅଛନ୍ତି।

ଏକ ରିପୋର୍ଟ ଅନୁସାରେ, ସମଗ୍ର ମାମଲା ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ରୋହତକ ସାଇବର ସେଲର ସବ-ଇନ୍ସପେକ୍ଟର ସନ୍ଦୀପ କୁମାର ଲାଥର ଅକ୍ଟୋବର ୧୪ରେ ଆତ୍ମହତ୍ୟା କରିଥିଲେ। ମୃତ୍ୟୁ ପୂର୍ବରୁ, ସେ ଏକ ଭିଡିଓରେ ଅଭିଯୋଗ କରିଥିଲେ ଯେ ହରିୟାଣାର ଜଣେ ଆଇଜି (ୱାଇ ପୁରନ କୁମାର) ଏକ ମ୍ୟୁଜିକ୍ କମ୍ପାନୀ ମାଲିକ ରାଓ ଇନ୍ଦ୍ରଜିତ ଯାଦବଙ୍କ ନାମ ଏକ ହତ୍ୟା ମାମଲାରୁ ହଟାଇବା ପାଇଁ ୫୦ କୋଟି ଟଙ୍କା ଲାଞ୍ଚ ମାଗିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ, ସେହି ଆଇଜି ମଧ୍ୟ କିଛି ଦିନ ପୂର୍ବରୁ ଆତ୍ମହତ୍ୟା କରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣା ଦିଘଲ ଗ୍ରାମର କୋଟି କୋଟି ଟଙ୍କାର ନଗଦ ଆର୍ଥିକ ବ୍ୟବସାୟ ସହିତ ଜଡିତ ଠକେଇ କାର୍ଯ୍ୟକଳାପର ନେଟୱର୍କକୁ ପଦାରେ ପକାଇଦେଇଥିଲା। ଦିଘଲର ଲୋକମାନେ ଏହି ଗାଁକୁ 'ଫାଇନାନ୍ସରଙ୍କ ଗାଁ' ବୋଲି କୁହନ୍ତି। ୨୦ ରୁ ୫୦ ବର୍ଷ ବୟସର ପ୍ରାୟ ୧୨୦୦ ଲୋକ ଏହି ବ୍ୟବସାୟରେ ଜଡିତ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ। ସେମାନେ ୧୦ ରୁ ୨୦ ଲକ୍ଷ ଟଙ୍କା ଏକାଠି କରି ଏକ ବଡ଼ 'ପୁଲ୍' ଗଠନ କରନ୍ତି। ଏହି ପୁଲ୍‌ରୁ ବଡ଼ ବଡ଼ କର୍ପୋରେଟ୍ ଏବଂ ରିଅଲ୍ ଇଷ୍ଟେଟ୍ ଡେଭଲପରମାନଙ୍କୁ କୋଟି କୋଟି ଟଙ୍କାର ଋଣ ନଗଦରେ ଦିଆଯାଏ। ଦିଘଲ ଏବଂ ଆଖପାଖର ଅନେକ ଜିଲ୍ଲା (ରୋହତକ, ସୋନିପତ, ଭିୱାନୀ) ରୁ ହଜାର ହଜାର ଯୁବକ ଏହି ଟଙ୍କା ଆଦାୟ ପାଇଁ କାମ କରୁଛନ୍ତି। ସେମାନଙ୍କର ଏହି ଋଣ କାରବାର କେବଳ ହରିୟାଣା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଉତ୍ତର ପ୍ରଦେଶ, ରାଜସ୍ଥାନ, ଗୁଡ଼ଗାଓଁ, ମୁମ୍ବାଇ ଏବଂ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାରିତ।

- **ଜଡ଼ିତ ନାହାଁନ୍ତି ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥା**
- **୨୦ ରୁ ୫୦ ବର୍ଷ ବୟସର ପ୍ରାୟ ୧୨୦୦ ଲୋକ ଏହି ବ୍ୟବସାୟରେ ଜଡ଼ିତ**



୨୦୨୪ ଡିସେମ୍ବର ୬ରେ ଦିଘଲର ଜଣେ ଫାଇନାନ୍ସର ମନଜିତଙ୍କୁ ହତ୍ୟା କରାଯିବା ପରେ ଏହି ସମ୍ପୂର୍ଣ୍ଣ 'ସିଷ୍ଟମ'ର ପୋଲ୍ ଖୋଲିଥିଲା। ମନଜିତ ୬ ଫୁଟ ୩ ଇଞ୍ଚ ଉଚ୍ଚତାର ଥିଲେ, ତେଣୁ ତାଙ୍କ ନାମ ସହିତ '୬.୩' ନାମ ଯୋଡା ଯାଇଥିଲା। ମନଜିତଙ୍କ କାକା, ହଂସରାଜ ଆହଲାୱତ (ଜଣେ ପୂର୍ବତନ ସରପଞ୍ଚ ମଧ୍ୟ) କହିଛନ୍ତି ଯେ ହତ୍ୟାର କିଛି ମାସ ପୂର୍ବରୁ, ମନଜିତ, ଗ୍ରାମର ପ୍ରାୟ ୧୫୦୦ ଯୁବକଙ୍କ ସହିତ ଗୁଡ଼ଗାଓଁରେ ଏକ ଟାୟାର ବିକ୍ରି କର୍ପୋରେଟ୍ ଗୋଷ୍ଠୀର କାର୍ଯ୍ୟାଳୟରେ ପ୍ରତିବାଦ କରିବାକୁ ଯାଇଥିଲେ। ଏହି ଯୁବକମାନେ ଏକାଠି ହୋଇ କମ୍ପାନୀକୁ ୨୦୦ କୋଟି ଟଙ୍କାରୁ ଅଧିକ ନଗଦ ଋଣ ପ୍ରଦାନ କରିଥିଲେ। ଯେତେବେଳେ କମ୍ପାନୀ ଇଏମ୍‌ଆଇ ବନ୍ଦ କରିଦେଲା, ସେତେବେଳେ ଏକ ବିବାଦ ଉପୁଜିଲା। ଅଭିଯୋଗ ହୋଇଛି ଯେ ରାଓ ଇନ୍ଦ୍ରଜିତ ନିଜେ ସୁଧ ହାର ସମାଧାନ କରିବାକୁ ଜିଦ୍ ଧରିଥିଲେ, ଯାହା ଫଳରେ ମନଜିତଙ୍କୁ ହତ୍ୟା କରିଥିବା ବିଦେଶୀ ଗ୍ୟାଙ୍ଗଷ୍ଟର ହିମାଂଶୁ ଭାଉ ଏବଂ ଫରିଦପୁରିଆଙ୍କ ସମ୍ପୃକ୍ତି ହୋଇଥିଲା। ପୋଲିସ ଏହି ମାମଲାରେ ୨୦ ଜଣଙ୍କୁ ଗିରଫ କରିଥିଲା, କିନ୍ତୁ କମ୍ପାନୀର ନାମ ଚାର୍ଜସିଟରେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ତଥାପି, ରାଓ ଇନ୍ଦ୍ରଜିତଙ୍କ ନାମ ଷଡ଼ଯନ୍ତ୍ରକାରୀ ଭାବରେ ତାଲିକାଭୁକ୍ତ କରାଯାଇଥିଲା। ତାଙ୍କ ଆତ୍ମହତ୍ୟା ଭିଡିଓରେ, ସବ-ଇନ୍ସପେକ୍ଟର ସନ୍ଦୀପ ଲାଥର ଆଇଜିଙ୍କୁ ଅଭିଯୋଗ କରିଥିଲେ ଯେ ସେ ଚାର୍ଜସିଟରୁ ରାଓ ଇନ୍ଦ୍ରଜିତଙ୍କ ନାମ ବାଦ ଦେବା ପାଇଁ ୫୦ କୋଟି ଟଙ୍କା ଲାଞ୍ଚ ଦାବି କରିଥିଲେ।

କୌଣସି ବ୍ୟାଙ୍କ କିମ୍ବା ଆଇନଗତ ପ୍ରକ୍ରିୟା ବିନା କୋଟି କୋଟି ଟଙ୍କାର ଏହି ଋଣ କାରବାର ଚାଲିଥାଏ। ଋଣ ପ୍ରଦାନ କରିବା ପୂର୍ବରୁ, ଏହି ଫାଇନାନ୍ସରମାନେ ଋଣଗ୍ରହୀତାଙ୍କଠାରୁ ମାସିକ ଚେକ୍ ସଂଗ୍ରହ କରନ୍ତି, ୫% ସୁଧ ଯୋଡିଥାନ୍ତି। ୬ ମାସର ବ୍ୟାଙ୍କ ଆକାଉଣ୍ଟ ଏବଂ ଟର୍ଣ୍ଣଓଭର ମଧ୍ୟ ସମୀକ୍ଷା କରାଯାଏ। ଯଦି ମାମଲା ଟିକିଏ ବି ସନ୍ଦେହଜନକ ମନେହୁଏ, ତେବେ ଜମି, ଘର କିମ୍ବା କମ୍ପାନୀର ମାଲିକାନାର ମୂଳ ଡକ୍ୟୁମେଣ୍ଟଗୁଡ଼ିକୁ ବନ୍ଧକ ରଖାଯାଏ। କିନ୍ତୁ ଏହି କାରବାରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଜଣେ "ପଞ୍ଚ" (ମଧ୍ୟସ୍ଥି)। ଏହା ଜଣେ ରାଜନୈତିକ କିମ୍ବା ସାମାଜିକ ପ୍ରଭାବଶାଳୀ ବ୍ୟକ୍ତି ଯିଏ ଉଭୟ ପକ୍ଷଙ୍କୁ ଗ୍ୟାରେଣ୍ଟି ଦିଅନ୍ତି। ୟୁପିଏ ସରକାର ଭୂମି ଅଧିଗ୍ରହଣ ଆଇନରେ ସଂଶୋଧନ କରି କ୍ଷତିପୂରଣ ପରିମାଣ ବହୁଗୁଣ ବୃଦ୍ଧି କଲେ, ଏହି ଗାଁର ଲୋକେ ଟଙ୍କାରେ ବୁଡ଼ିବାକୁ ଲାଗିଲେ। କେବଳ ଦିଘଲରେ, ଅନେକ ଯୁବକ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ପାଇଥିଲେ। ଏହି ଟଙ୍କାକୁ ବ୍ୟାଙ୍କରେ ରଖିବା କିମ୍ବା କୌଣସି ଛୋଟ ବ୍ୟବସାୟରେ ନିୟୋଜିତ କରିବା ପରିବର୍ତ୍ତେ, ଯୁବକମାନେ ୫% ମାସିକ ସୁଧର ଏହି ଲାଭଜନକ ଖେଳରେ ଏହାକୁ ନିବେଶ କରିଥିଲେ।

## ଇଡେନ୍‌ରେ ଜୋରଦାର ଅଭ୍ୟାସ

କୋଲକାତା,୧୧।୧୧(ଏଜେନ୍ସି): ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶୁକ୍ରବାରଠାରୁ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଉଭୟ ଦଳ ଆଜି ଅଭ୍ୟାସ କରିଛନ୍ତି। ଗତକାଲି ବା ସୋମବାର ଉଭୟ ଦଳର ସମସ୍ତ ଖେଳାଳି ଏଠାରେ ଏକତ୍ର ହୋଇଥିଲେ। ଉଭୟ ଦଳର କୋଚ୍ ଓ ଅଧିନାୟକ ଆଜି ପଡ଼ିଆକୁ ଆସିବା ପରେ ପ୍ରଥମେ ପିଚ୍ ଦେଖିଥିଲେ। ଏହା ପରେ ଖେଳାଳିମାନେ ଅଧିକ ଶାରିରୀକ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ। ଶେଷରେ ନେଟ୍‌ରେ ବ୍ୟାଟିଂ ଓ ବୋଲିଂ ଉପରେ ଅଳ୍ପ ଅଭ୍ୟାସ କରିବା ପରେ ହୋଟେଲକୁ ଫେରିଯାଇଥିଲେ। ଆସନ୍ତାକାଲି ଦୁଇଟି ପର୍ଯ୍ୟାରେ ଖେଳାଳିମାନେ ଅଭ୍ୟାସ କରିବେ ବୋଲି ଜଣାଯାଇଛି।

## ସୁରକ୍ଷା ବଢ଼ାଇଲା କୋଲକାତା ପୁଲିସ୍

କୋଲକାତା,୧୧।୧୧(ଏଜେନ୍ସି): ଦିଲ୍ଲୀରେ ବିସ୍ଫୋରଣ ପରେ ସମଗ୍ର ଦେଶର ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। ଏହା ମଧ୍ୟରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ଲାଗି ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। କୋଲାକାତା ପୁଲିସ୍ କମିଶନରଙ୍କ କହିବା ଅନୁଯାୟୀ ଦିଲ୍ଲୀ ଘଟଣା ପରେ ସୁରକ୍ଷା ଲାଗି ପୁଲିସ୍‌ଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି। ସ୍ୱେଶାଲ ଟାସ୍କ ଫୋର୍ସଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଖେଳାଳି ରହୁଥିବା ହୋଟେଲରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇଦିଆଯାଇଛି।

## ମୁକାବିଲା ୪୪: ଦ.ଆଫ୍ରିକା ୧୮ ଓ ଭାରତ ୧୬ଟିରେ ବିଜୟୀ

କୋଲକାତା,୧୧।୧୧(ଏଜେନ୍ସି): ଶୁକ୍ରବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ଉଭୟ ଦେଶ ମଧ୍ୟରେ ୪୪ଟି ମୁକାବିଲା ହୋଇଯାଇଛି। ଏହା ମଧ୍ୟରୁ ଦକ୍ଷିଣ ଆଫ୍ରିକା ୧୮ ଟିରେ ଓ ଭାରତ ୧୬ଟିରେ ବିଜୟୀ ହୋଇଛନ୍ତି। ଅନ୍ୟ ୧୦ଟି ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ୪୪ଟି ମଧ୍ୟରୁ ଭାରତରେ ଖେଳାଯାଇଛି ୧୯ଟି ଟେଷ୍ଟ। ଏହି ୧୯ଟି ମଧ୍ୟରୁ ଭାରତ ୧୧ଟିରେ ଓ ଦକ୍ଷିଣ ଆଫ୍ରିକା ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ୭ଥର ସିରିଜ୍ ଖେଳିବାକୁ ଭାରତ ଆସିଛି। ଏହି ଦଳ ଶେଷଥର ଲାଗି ହାନ୍ସି କ୍ରୋନିଏଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଭାରତରେ ୧୯୯୯-୨୦୦୦ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିଥିଲା। ଏହା ପରେ ୫ଟି ସିରିଜ୍ ଆୟୋଜିତ ହୋଇଥିଲେ ମଧ୍ୟ ଥରେ ହେଲେ ଦକ୍ଷିଣ ଆଫ୍ରିକା ଜିତିବାରେ ସମର୍ଥ ହୋଇନାହିଁ।

## ଶୁକ୍ରବାରଠାରୁ ଭାରତ-ଦକ୍ଷିଣ ଆଫ୍ରିକା କ୍ରିକେଟ୍ ସିରିଜ୍

# ୨ ଟେଷ୍ଟ- ୩ ଦିନିକିଆ- ୫ ଟି୨୦





ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):

ଅଷ୍ଟ୍ରେଲିଆ ସହ ସୀମିତ ଓଭର କ୍ରିକେଟ ସିରିଜ୍ ଶେଷ ହେବା ପରେ ଭାରତୀୟ କ୍ରିକେଟ ଦଳ ଦକ୍ଷିଣ ଆଫ୍ରିକା ସହ ଏକ ପୂର୍ଣ୍ଣାଙ୍ଗ କ୍ରିକେଟ ସିରିଜ୍ ଖେଳିବାକୁ ଏଠାରେ ଆସି ପହଞ୍ଚିଛି। ଏହି ସିରିଜ୍‌ରେ ୨ଟି ଟେଷ୍ଟ, ୩ଟି ଦିନିକିଆ ଓ ୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। କୋଲକାତାର ଇଡେନଗାର୍ଡେନ୍ସରେ ନଭେମ୍ବର ୧୪ରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବ ଓ ଅହମ୍ମଦାବାଦ୍‌ରେ ୫ମ ତଥା ଶେଷ ଟି-୨୦ ସହ ଏହି ସିରିଜ୍ ଶେଷ ହେବ। ଆସନ୍ତାବର୍ଷ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ସିରିଜ୍‌ରେ ସର୍ବାଧିକ ୫ଟି ମ୍ୟାଚ୍ ରଖାଯାଇଛି। ବେଙ୍ଗାଲୁରୁରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ'କୁ ରେକର୍ଡ ୪୧୭ ରନ୍ ଚେଜ୍‌ରେ ହରାଇ ଏହି ଦଳ ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ପ୍ରସ୍ତୁତ ହୋଇଯାଇଛି। ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍‌ରେ ଉଭୟ ଦଳର ଟେଷ୍ଟ ବିଶେଷଜ୍ଞ ଖେଳାଳିମାନେ ଖେଳିଛନ୍ତି। ଏହା ମଧ୍ୟରେ ଉଭୟ ଦଳ କୋଲକାତାର ଇଡେନ୍ ଗାର୍ଡେନ୍ସରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଥମଥର ମଙ୍ଗଳବାର ଅଭ୍ୟାସ ଆରମ୍ଭ କରିଛନ୍ତି।

ଦକ୍ଷିଣ ଆଫ୍ରିକା ଏବେ ବିଶ୍ୱ ଟେଷ୍ଟ ଚାମ୍ପିଅନ। ତେମ୍ବା ବଭୂମାଙ୍କ ନେତୃତ୍ୱରେ ଦଳ ଅଷ୍ଟ୍ରେଲିଆକୁ ହରାଇ ପ୍ରଥମ ଟେଷ୍ଟ ଚାମ୍ପିଅନସିପ୍ ଟାଇଟଲ ଜିତିଥିଲା। ଦିନିକିଆ ବିଶ୍ୱକପ୍‌ରେ ସେମିଫାଇନାଲ ଓ ଟି-୨୦ ବିଶ୍ୱକପ୍‌ରେ ରନର୍ସ ଅପ୍ ହେବାର ସୌଭାଗ୍ୟ ଲାଭ କରିଛି ଭ୍ରମଣକାରୀ ଦଳ। ନିକଟରେ ପାକିସ୍ତାନ ସହ ଟେଷ୍ଟ ସିରିଜ୍ ୧-୧ରେ ଡ୍ର ରଖି ଭାରତୀୟ ଉପମହାଦେଶର ଟର୍ଣ୍ଣିଂ ପିଚ୍‌ରେ ଖେଳିବାକୁ ପ୍ରସ୍ତୁତ ହୋଇଯାଇଛି। ଭାରତରେ ଟେଷ୍ଟ ଦଳର ଅଧିକାଂଶ ଖେଳାଳିଙ୍କୁ ଅନ୍‌ଅଫିସିଆଲ ଟେଷ୍ଟରେ ଖେଳିବାର ସୁଯୋଗ ଦେଇଛି ଦକ୍ଷିଣ ଆଫ୍ରିକା। ଏପରିକି ତେମ୍ବା ବଭୂମା ଦ୍ୱିତୀୟ ଟେଷ୍ଟରେ ଖେଳିବା ସହ ଦକ୍ଷିଣ ଆଫ୍ରିକାକୁ ୪୧୭ ରନ୍‌ର ଟାର୍ଗେଟ୍‌କୁ ହାସଲ କରାଇବାରେ ସମର୍ଥ ହୋଇଥିଲେ। ଦଳରେ ୩ଜଣ ଭଲ ତଥା ପ୍ରଭାବଶାଳୀ ସ୍ପିନର ରହିଛନ୍ତି। ସ୍ପିନ୍ ବୋଲିଂରେ ଦୁଇ ଭାରତୀୟ ବଂଶୋଦ୍ଭବ କେଶବ ମହାରାଜ ଓ ସେନୁରନ ମୁଥୁସ୍ୱାମୀଙ୍କ ସହ ସାଇମନ ହାର୍ମର ନିଶ୍ଚିତଭାବେ ଭାରତୀୟ ବ୍ୟାଟରଙ୍କୁ ଅଡୁଆରେ ପକାଇବେ। ପେସ୍ ବୋଲିଂ ଓ ବ୍ୟାଟିଂରେ ଦଳ ଶକ୍ତିଶାଳୀ। କେବଳ ଭାରତରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବା ଏମାନଙ୍କ ପକ୍ଷେ ହେବ ବଡ଼ ଚ୍ୟାଲେଞ୍ଜ। ପାକିସ୍ତାନ ମାଟିରେ ଟେଷ୍ଟ ସିରିଜ୍ ଓ ଭାରତୀୟ ମାଟିରେ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍ ଖେଳି ଦକ୍ଷିଣ ଆଫ୍ରିକା କିଛି ପରିମାଣରେ ପ୍ରସ୍ତୁତ କରିନେଇଛି। ଏଣୁ ପୂର୍ବ ଭାରତରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍‌ରେ ଲଢ଼େଇ ଜୋରଦାର ହେବ ବୋଲି ଆଶା କରିବା ସ୍ୱାଭାବିକ୍।

ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ରେ ଟେଷ୍ଟ ସିରିଜ୍ ହାରିଯିବା ପରେ ଭାରତ ଉପରେ ଆଉ କେହି ବିଶ୍ୱାସ କରୁନାହାନ୍ତି। ଏହା ନିଃସନ୍ଦେହ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍‌କୁ ହରାଇବା ଓ ଇଂଲଣ୍ଡରେ ଦମ୍‌ର ସହ ଖେଳିଥିବା ଭାରତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକାକୁ ମାତ୍ ଦେବ। କିନ୍ତୁ ଏଠାରେ ମନେ ରଖିବା ଉଚିତ ଟେଷ୍ଟ କ୍ରିକେଟରେ ୱେଷ୍ଟଇଣ୍ଡିଜ୍‌ର ଆଉ ସେଭଳି ଶକ୍ତିନାହିଁ ଓ ଏହି ଦଳ ଆଇସିସି ର୍‍ୟାଙ୍କିଂରେ ୯ମ ସ୍ଥାନରେ ରହିଛି। ଇଂଲଣ୍ଡର ପିଚ୍ ଭାରତରେ ନାହିଁ। ଏଣୁ ଦକ୍ଷିଣ ଆଫ୍ରିକା ସିରିଜ୍ ନିଶ୍ଚିତପକ୍ଷେ ଭାରତ ଲାଗି ଏକ ଚ୍ୟାଲେଞ୍ଜ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।

### ଭାରତ-ଦକ୍ଷିଣ ଆଫ୍ରିକା ଖେଳସୂଚୀ

| | | |
|---|---|---|
| ଟେଷ୍ଟ -୨ | | |
| କେବେ | ମ୍ୟାଚ୍ | ଭେନ୍ୟୁ |
| ୧୪ରୁ ୧୮।୧୧ | ପ୍ରଥମଟେଷ୍ଟ | କୋଲକାତା |
| ୨୨ରୁ ୨୬।୧୧ | ଦ୍ୱିତୀୟଟେଷ୍ଟ | ଗୁଆହାଟୀ |
| ଦିନିକିଆ -୩ | | |
| ତାରିଖ | ମ୍ୟାଚ୍ | ଭେନ୍ୟୁ |
| ନଭେମ୍ବର ୩୦ | ପ୍ରଥମ ଦିନିକିଆ | ରାଞ୍ଚି |
| ଡିସେମ୍ବର ୦୩ | ଦ୍ୱିତୀୟ ଦିନିକିଆ | ରାୟପୁର |
| ଡିସେମ୍ବର ୦୬ | ତୃତୀୟ ଦିନିକିଆ | ବିଶାଖାପାଟଣା |
| ଟି-୨୦ ମୁକାବିଲା- ୫ | | |
| ତାରିଖ | ମ୍ୟାଚ୍ | ଭେନ୍ୟୁ |
| ଡିସେମ୍ବର ୦୯ | ପ୍ରଥମ ଟି-୨୦ | କଟକ |
| ଡିସେମ୍ବର ୧୧ | ଦ୍ୱିତୀୟ ଟି-୨୦ | ମୁଲାନପୁର |
| ଡିସେମ୍ବର ୧୪ | ତୃତୀୟ ଟି-୨୦ | ଧର୍ମଶାଳା |
| ଡିସେମ୍ବର ୧୭ | ଚତୁର୍ଥ ଟି-୨୦ | ଲକ୍ଷ୍ନୌ |
| ଡିସେମ୍ବର ୧୯ | ପଞ୍ଚମ ଟି-୨୦ | ଅହମ୍ମଦାବାଦ |

### ଘୋଷିତ ଟେଷ୍ଟ ଦଳ

**ଭାରତ :** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଦେବଦତ୍ତ ପାଡିକଲ, ଋଷଭ ପନ୍ତ (ଉପଅଧିନାୟକ) ଓ ଧ୍ରୁବ ଜୁରେଲ (ଉଭୟେ ୱିକେଟରକ୍ଷକ/ ବ୍ୟାଟର), ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଆକାଶଦୀପ୍, ମହମ୍ମଦ୍ ସିରାଜ, ନୀତୀଶ କୁମାର ରେଡ୍ଡୀ।

**ଦକ୍ଷିଣ ଆଫ୍ରିକା :** ତେମ୍ବା ବଭୂମା (ଅଧିନାୟକ), ଆଇଡେନ୍ ମାକ୍ରାମ, ଟୋନି ଡି ଜୋର୍ଜି, ରିୟାନ ରିକେଟଲନ ଓ କାଏଲ ଭେରିନ (ଉଭୟ ୱିକେଟରକ୍ଷକ/ବ୍ୟାଟର), ଟ୍ରିଷ୍ଟାନ ଷ୍ଟବ୍‌ସ, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, କୋର୍ବିନ ବୋଶ୍, ୱିଆନ ମୁଲ୍ଡର, ମାର୍କୋ ଜାନସେନ୍, କାଗିସୋ ରାବାଡା, ସେନୁରନ ମୁଥୁସ୍ୱାମୀ, କେଶବ ମହାରାଜ, ସାଇମନ୍ ହାର୍ମର।

## ଭିସା ପାଇବା ଲାଗି ଚୀନ ଦୂତାବାସର ସାହାଯ୍ୟ ମାଗିଲେ ନାଗଲ



ମେକ୍ସିକୋ ସିଟି, ୧୧।୧୧ (ଏଜେନ୍ସି): ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍‌ରେ ଭାଗନେବା ପୂର୍ବରୁ ଚେଙ୍ଗଡୁରେ ଖେଳାଯିବ ପ୍ଲେ ଅଫ୍ ଟୁର୍ଣ୍ଣାମେଣ୍ଟ। ଏଥିରେ ଭାଗନେବାକୁ ଭାରତର ନଂ-୧ ଟେନିସ ଖେଳାଳି ସୁମିତ ନାଗଲ ପଞ୍ଜୀକରଣ କରିଥିଲେ। ଚୀନ୍ ଯିବାକୁ ତାଙ୍କୁ ଭିସା ମିଳିଲାନି। କୌଣସି କାରଣ ନ ଦର୍ଶାଇ ଏହାକୁ ରଦ୍ଦ କରାଗଲା। ଭିସା ପାଇବାକୁ ସେ ଚୀନ୍ ଦୂତାବାସ୍‌ର କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି।

## ଐଶ୍ୱର୍ଯ୍ୟ ତୋମାରଙ୍କ ବିଶ୍ୱ ରେକର୍ଡ

କାଇରୋ, ୧୧।୧୧ (ସମିସ): ଭାରତର ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମାର ଆଜି ସୁଟିଂ ବିଶ୍ୱକପ୍‌ର ପୁରୁଷ ରାଇଫଲ-୩ ପୋଜିସନରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। କ୍ୱାଲିଫାଇଂରେ ସେ ଏହି ରେକର୍ଡ କରି ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଫାଇନାଲରେ ତାଙ୍କୁ ଦ୍ୱିତୀୟ ସ୍ଥାନରେ ରହିବାକୁ ପଡ଼ିଥିଲା ଓ ସେ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ।

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

## ଅଲିମ୍ପିକ୍ସରେ କେମିତି ଭାଗନେବେ ଟ୍ରାନ୍ସଜେଣ୍ଡର

ଲଣ୍ଡନ, ୧୧।୧୧ (ଏଜେନ୍ସି): ନ୍ୟୁଜିଲାଣ୍ଡର ଲୌରେଲ ହୁବାର୍ଡ ପ୍ରଥମ ଟ୍ରାନ୍ସଜେଣ୍ଡର ଆଥଲେଟ ଭାବେ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟିକରିଥିଲେ। ଏହି ସଂସ୍କରଣ ସୁଦ୍ଧା ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଟ୍ରାନ୍ସଜେଣ୍ଡରଙ୍କ ଲାଗି କୌଣସି ଯୋଗ୍ୟତାର ମାପକାଠି ନ ଥିଲା। କିନ୍ତୁ ମହିଳା ଆଥିଲେଟଙ୍କୁ ସୁରକ୍ଷା ଦିଆଯିବ ବୋଲି ବର୍ତ୍ତମାନର ଅଲିମ୍ପିକ୍ କମିଟି ସଭାପତି କ୍ରିଷ୍ଟି କଭେଣ୍ଟ୍ରି ଘୋଷଣା କରିବା ପରେ ତୃତୀୟ ଲିଙ୍ଗ ବା ଟ୍ରାନ୍ସଜେଣ୍ଡର ଆଥଲେଟଙ୍କ ଲାଗି ବିପଦ ସୃଷ୍ଟି ହୋଇଛି। ଏମାନଙ୍କୁ ଏକ ସ୍ୱତନ୍ତ୍ର କାଟାଗୋରୀରେ ରଖାଯିବ କିମ୍ବା ମହିଳାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ମିଳିବ ତାହାର ସମାଧାନ ହୋଇପାରି ନାହିଁ। ପୂର୍ବରୁ କଭେଣ୍ଟ୍ରି ସମସ୍ତ କ୍ରୀଡ଼ା ମହାସଂଘକୁ ନିଜସ୍ୱ ଯୋଗ୍ୟତାର ମାପକାଠି ପ୍ରସ୍ତୁତ କରିବାକୁ କହିଥିଲେ। ଏବେ ସମସ୍ତେ ମହିଳା ଆଥିଲେଟଙ୍କ ଅଧିକାରକୁ ସୁରକ୍ଷା ଦିଆଯିବ ବୋଲି କଭେଣ୍ଟ୍ରି ଘୋଷଣା କରିବା ପରେ ଟ୍ରାନ୍ସଜେଣ୍ଡର ଆଥଲେଟଙ୍କ ଭବିଷ୍ୟତ କ'ଣ ହେବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି।

## ୨୦୨୬ ବିଶ୍ୱକପ୍ ପରେ ଅବସର ନେବି: ରୋନାଲ୍ଡୋ




ଦୁବାଇ,୧୧।୧୧ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ମୋର ଶେଷ ବିଶ୍ୱକପ୍ ଓ ଏହାର ବର୍ଷେ କିମ୍ବା ୨ ବର୍ଷ ପରେ ମୁଁ ପେସାଦାର ଫୁଟବଲରୁ ଅବସର ନେବି ବୋଲି ଘୋଷଣା କରିଛନ୍ତି ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ। ରୋନାଲ୍ଡୋଙ୍କ ବୟସ ଏବେ ୪୦ ଓ ଆସନ୍ତାବର୍ଷ ବିଶ୍ୱକପ୍ ବେଳକୁ ତାଙ୍କୁ ୪୧ ବର୍ଷ ହୋଇସାରିଥିବ। ଏହି ବିଶ୍ୱକପ୍ ଆମେରିକା, କାନାଡା ଓ ମେକ୍ସିକୋରେ ଆୟୋଜିତ ହେବ। ୨୦୨୨ରେ ମାଞ୍ଚେଷ୍ଟର ୟୁନାଇଟେଡ୍ ଛାଡିବା ପରେ ରୋନାଲ୍ଡୋ ୨୦୨୩ରୁ ସାଉଦି ଆରବର ଅଲ ନାସର କ୍ଲବ୍ ପକ୍ଷରୁ ମୋଟା ପାଉଣାରେ ଖେଳୁଛନ୍ତି। କ୍ଲବ୍ ଓ ଅନ୍ତର୍ଜାତୀୟ ଫୁଟବଲରେ ରୋନାଲ୍ଡୋ ୯୫୦ରୁ ଊର୍ଦ୍ଧ୍ୱ ଗୋଲ ସ୍କୋର କରିଛନ୍ତି।

## ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟ | ଭାରତ ୧୦ ୱିକେଟରେ ବିଜୟୀ



ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଶ୍ରୀଲଙ୍କାକୁ ୧୦ ୱିକେଟରେ ପରାସ୍ତ କରି ଭାରତ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ପ୍ରଥମ ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବରଖମ୍ବା ରୋଡରେ ଥିବା ମଡର୍ଣ୍ଣ ସ୍କୁଲ ଗ୍ରାଉଣ୍ଡରେ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମୁକାବିଲା ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୧୩.୩ ଓଭରରେ ମାତ୍ର ୪୧ ରନ୍ କରିଥିଲା। ଜବାବରେ ଭାରତ କୌଣସି ୱିକେଟ ନ ହରାଇ ମ୍ୟାଚ୍‌କୁ ୧୦ ୱିକେଟରେ ଜିତିନେଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତଥା ପୂର୍ବତନ ବିସିସିଆଇ ସଭାପତି ଅନୁରାଗ ଠାକୁର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ସଂଘ ସଭାପତି ଡ. ମହନ୍ତେଶ ଜି. କିଭାଦାସନାଭର, ସମ୍ପାଦକ ଶୈଳେନ୍ଦ୍ର ଯାଦବ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନଭେମ୍ବର ୨୩ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆମେରିକା, ଅଷ୍ଟ୍ରେଲିଆ, ପାକିସ୍ତାନ ଓ ନେପାଳ ଟିମ୍ ଅଂଶଗ୍ରହଣ କରିଛନ୍ତି। ସିଙ୍ଗଲ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପଏଣ୍ଟ ଭିତ୍ତିରେ ୪ଟି ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ନଭେମ୍ବର ୨୨ରେ ଦୁଇଟି ଯାକ ସେମିଫାଇନାଲ ଓ ୨୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ।



## ମା' ହେବେ ଜାବେଉର୍

ମେକ୍ସିକୋ ସିଟି,୧୧।୧୧ (ଏଜେନ୍ସି): ପୂର୍ବତନ ବିଶ୍ୱର ନଂ-୨ ଟେନିସ ଖେଳାଳି ତଥା ୩ଥରର ଗ୍ରାଣ୍ଡ ସ୍ଲାମ୍ ରନର୍ସଅପ୍ ଟ୍ୟୁନିସିଆର ଓନସ ଜାବେଉର ମା ହେବାକୁ ଯାଉଛନ୍ତି। ଏ ସମ୍ପର୍କରେ ସେ ନିଜେ ଘୋଷଣା କରିଛନ୍ତି ଓ ଆସନ୍ତା ଏପ୍ରିଲ ମାସରେ ଏକ ପୁତ୍ର ସନ୍ତାନ ଜନ୍ମ ଦେବେ ବୋଲି କୁହାଯାଉଛି। ଏଥିଲାଗି ସେ ଟେନିସ ଖେଳରୁ କିଛି ଦିନ ଅବସର ନେବେ ଓ ପୁଣିଥରେ ରିଚାର୍ଜ ହୋଇ ଖେଳ ରିଷ୍ଟାର୍ଟ କରିବେ ବୋଲି ସାମାଜିକ ଗଣମାଧ୍ୟମ ସଂସ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ ଜାବେଉର ପୋଷ୍ଟ କରି ଜଣାଇଛନ୍ତି।

## ରଣଜୀ ଟ୍ରଫି | ଓଡ଼ିଶାର ଆଉ ଏକ ଲଜ୍ଜାଜନକ ପରାଜୟ

### ବିଦର୍ଭଠାରୁ ୧୦୦ ରନ୍‌ରେ ହାରିଲା

କଟକ,୧୧।୧୧(ସମିସ):

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କଲାଣି। ପ୍ରଥମ ୪ଟି ମୁକାବିଲାରେ ଦଳ ୩ଟି ପରାଜୟର ସମ୍ମୁଖୀନ ହୋଇଛି। ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଥିବା ଯୋଗୁଁ ଓଡ଼ିଶା ମାତ୍ର ୧ ପଏଣ୍ଟ ହାସଲ କରି ଗ୍ରୁପ-ଏ ଟେବଲର ୭ମ ସ୍ଥାନରେ ରହିଛି। ମଙ୍ଗଳବାର ଶେଷ ହୋଇଥିବା ୪ର୍ଥ ଲିଗ୍‌ରେ ଓଡ଼ିଶାକୁ ୧୦୦ରନରେ ବିଦର୍ଭ ପରାସ୍ତ କରିଛି। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଆଉ ୩ଟି ମ୍ୟାଚ୍ ଖେଳିବ। ତେବେ ତାମିଲନାଡୁ, ଝାଡଖଣ୍ଡ ଭଳି ଦଳକୁ ହରାଇ ଓଡ଼ିଶା କ୍ୱାର୍ଟରରେ ପ୍ରବେଶ କରିବା କାଠିକର ପାଠ। ଏଣୁ ଓଡ଼ିଶା ଚଳିତ ସିଜନରେ ଅଭିଯାନ ଶେଷ କରିଛି ବୋଲି କୁହାଯାଇପାରେ।

ନାଗପୁରରେ ଖେଳାଯାଇଥିବା ଓଡ଼ିଶା ଏବଂ ବିଦର୍ଭ ବିପକ୍ଷ ମ୍ୟାଚ୍ ନାଟକୀୟ ଢ଼ଙ୍ଗରେ ଶେଷ ହୋଇଥିଲା। ଓଡ଼ିଶାର ବିଜୟ ଆଶା ରହିଥିବା ସତ୍ତ୍ୱେ ମଧ୍ୟକ୍ରମର ବ୍ୟାଟିଂ ବିଫଳତା ଦଳ ପାଇଁ ବୋଝ ସାବ୍ୟସ୍ତ ହେଲାଣି। ୩୪୫ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ସୋମବାର ମ୍ୟାଚର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ବିନା ୱିକେଟରେ ୪୪ରନ ସଂଗ୍ରହ କରିଥିଲା। ଓପନର ସ୍ୱସ୍ତିକ ସାମଲ ୨୫ରନ ଏବଂ ଗୌରବ ଚୌଧୁରୀ ୧୭ରନରେ ଅପରାଜିତ ରହିଥିଲେ। ଆଜି ଉଭୟ ଚମତ୍କାର ଶୈଳୀରେ ରନ୍ ସଂଗ୍ରହ କରି ଓଡ଼ିଶାର ବିଜୟ ଲକ୍ଷ୍ୟକୁ ଛୁଇଁବାରେ ଲାଗିଥିଲେ। ତେବେ ୨୪ତମ ଓଭରର ଶେଷ ବଲରେ ବିଦର୍ଭକୁ ପ୍ରଥମ ସଫଳତା ମିଳିଥିଲା। ବାମହାତୀ ଅର୍ଥୋଡକ୍ସ ପାର୍ଥ ରେଖାଡେ ୪୮ ରନରେ ଗୌରବଙ୍କୁ ଏଲବିଡବ୍ଲ୍ୟୁ କରି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ଦେଇଥିଲେ। ଏହି ୱିକେଟ ମ୍ୟାଚ୍‌ର ଦୃଶ୍ୟପଟ ବଦଳାଇ ଦେଇଥିଲା। ଦଳୀୟ ସ୍କୋର ୧୦୦ରନରେ ପ୍ରଥମ ୱିକେଟ ହରାଇଥିବା ଓଡ଼ିଶା କ୍ରମାଗତ ୱିକେଟ ହରାଇ ବିଦର୍ଭ ହାତକୁ ମ୍ୟାଚ୍ ଟେକି ଦେଇଥିଲା। ଅନ୍ୟତମ ଓପନର ସ୍ୱସ୍ତିକ ୬୫ରନରେ ରେଖାଡେଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ସନ୍ଦୀପ ପଟ୍ଟନାୟକ ୨୭ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୮ରନ, ସମ୍ବିତ ବରାଳ ୪ରନ, ରାଜେଶ ଧୂପର ୧ରନରେ ପ୍ୟାଭିଲିୟନ ବାହୁଡିଥିଲେ। ୬ନଂ ବ୍ୟାଟିଂ କ୍ରମରେ କ୍ରିଜକୁ ଆସିଥିବା ଗୋବିନ୍ଦ ପୋଦ୍ଦାର ୪୬ରନର ପାଳି ଖେଳିଥିଲେ ସୁଦ୍ଧା ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ନଥିଲା। ନିମ୍ନକ୍ରମରେ ରାଜେଶ ମହାନ୍ତି ୬ରନ, ଜାମଳା ଭଞ୍ଜନ ମହାପାତ୍ର ୭ରନ, ବାଦଲ ବିଶ୍ୱାଳ ୫ରନ, ତାପସ ଦାସ ୨ରନ କରିଥିଲେ। ରେଖାଡେଙ୍କୁ ୮୦ରନ ବ୍ୟୟରେ ୫ଟି ଓ ପ୍ରଫୁଲ ହିଙ୍ଗେଙ୍କୁ ୩ଟି ୱିକେଟ ମିଳିଥିଲା। ୧୬ ତାରିଖରୁ ନାଗାଲାଣ୍ଡ ବିପକ୍ଷରେ ଓଡ଼ିଶା ୫ମ ଲିଗ୍ ମ୍ୟାଚ୍ ଖେଳିବ।

### ପ୍ରଥମ ୪ଟି ମ୍ୟାଚ୍‌ରେ ଓଡ଼ିଶାର ପ୍ରଦର୍ଶନ

ପ୍ରଥମ ମ୍ୟାଚ୍ (ବାରବାଟୀ)
ବରୋଦାଠାରୁ ୭ ୱିକେଟରେ ପରାସ୍ତ

ଦ୍ୱିତୀୟ ମ୍ୟାଚ୍ (ଲକ୍ଷ୍ନୌ)
ମ୍ୟାଚ୍ ଡ୍ର, ୟୁପିଠାରୁ ପ୍ରଥମ ଇନିଂସ ପଛୁଆ

ତୃତୀୟ ମ୍ୟାଚ୍ (ବାରବାଟୀ)
ଆନ୍ଧ୍ରଠାରୁ ଇନିଂସ ଓ ୫୦ ରନ୍‌ରେ ପରାସ୍ତ

ଚତୁର୍ଥ ମ୍ୟାଚ୍ (ନାଗପୁର)
ବିଦର୍ଭଠାରୁ ୧୦୦ ରନ୍‌ରେ ପରାଜିତ

ପଞ୍ଚମ ମ୍ୟାଚ୍ (ଭୁବନେଶ୍ୱର)
ବନାମ ନାଗାଲାଣ୍ଡ(ପ୍ରଥମ ବିଜୟ ଆଶା)

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS